visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.223 Bhubaneswar Sunday, October 24, 2021 | ୨୪ତମ ବର୍ଷ ସଂଖ୍ୟା-୨୨୩ ଭୁବନେଶ୍ୱର, ରବିବାର, ଅକ୍ଟୋବର ୨୪, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS




ବିଧାୟିକା ତଥା ରାଜ୍ୟ ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବ୍ଲକ ଚେୟାରମ୍ୟାନ ରୀତା ସାହୁ ଓ କୁଲୁଣ୍ଡା ସରପଂଚ୍ ସବିତା ଦୀପ ଅତାବିରା ବ୍ଲକ କୁଲୁଣ୍ଡା ପଂଚାୟତ ବାବେବିରା ଗ୍ରାମରେ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ପ୍ରାର୍ଥନା ହଲ ଉଦଘାଟିତ

## ଗୋଟିଏ ଦିନରେ ୪୪୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୩।୧୦(ପିଏନ): ରାଜ୍ୟରେ ଗୋଟିଏ ଦିନରେ ୪୪୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୩୭୯୬୪ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୭୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୨୫ ହଜାର ୦୨୫ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୫୮୧ ରହିଛି । ଆଜି ଚିହ୍ନଟ ହୋଇଥିବା ୪୪୧ ଜଣଙ୍କ ମଧ୍ୟରୁ ୨୫୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୮୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୦୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୩, ବାଲେଶ୍ୱରରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୫, ଭଦ୍ରକରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୩୭ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୬ ଜଣ ସଂକ୍ରମିତ ହୋଇଥିବା ବେଳେ ଗଂଜାମ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୬ ଜଣ, ଯାଜପୁରରୁ ୧୩ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ା ଓ କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୧, କେନ୍ଦ୍ରାପଡ଼ାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଅବକାରୀ ବିଭାଗ ପକ୍ଷରୁ କଫ ସିରୋପ ଓ ବ୍ରାଉନ ସୁଗାର ଜବତ,ଅଭିଯୁକ୍ତ କୋର୍ଟ ଚାଲାଣ

ଖୋର୍ଦ୍ଧା, ୨୩।୧୦(ପିଏନ): ଖୋର୍ଦ୍ଧା ସଦର ମହକୁମା ନିକଟସ୍ଥ ଗୁରୁଜଙ୍ଗ ଦେଓ୍ୱାନ ସାହିର ରାଜକିଶୋର ବେହେରାଙ୍କ ପୁଅ ଅମରେଶ ବେହେରା(୨୭) ଶୁକ୍ରବାର ସନ୍ଧ୍ୟାରେ ଖୋର୍ଦ୍ଧା ବିଡିଏ କଲୋନୀରେ ଅବକାରି ବିଭାଗ ଅଧିକାରୀ ଭୈରବ ସାହୁ ଟିମ ସହିତ ପହଁଚି ଅତର୍କିତ ଭାବରେ ଚଢାଉ କରି ୩୦ ଗ୍ରାମ ବ୍ରାଉନସୁଗାର,୭ ଶହ କଫସିରୋପ ବଟଲ,ନଗଦ ୫୦ ହଜାର ଟଙ୍କା ଓ ଗୋଟିଏ ବ୍ୟବହୃତ ୟାମାହା ମୋଟରସାଇକେଲ ଜବତ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛନ୍ତି ।ଏଥିରେ ଜବତ ହୋଇଥିବା ଦ୍ରବ୍ୟର ଆନୁମାନିକ ମୂଲ୍ୟ ପ୍ରାୟ ୫ଲକ୍ଷ ହେବ ବୋଲି ଜଣା ପଡିଛି ।

## ମନୀଷ ଅନୁରାଗ ହତ୍ୟାକାଣ୍ଡ ମାମଲାରେ ହୋଟେଲ ମାଲିକ , ମ୍ୟାନେଜର ଓ କନେଷ୍ଟବଲ ଗିରଫ

ଭୁବନେଶ୍ୱର, ୨୩।୧୦(ପିଏନ): ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ଅନୁରାଗ ହତ୍ୟାକାଣ୍ଡ ମାମଲାରେ କମିଶନରେଟ୍ ପୋଲିସ ତିନିଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ରହିଛନ୍ତି ହୋଟେଲ ସାଉଥ ସିଟି ବାର ମାଲିକ ପ୍ରଦ୍ୟୁମ୍ନ ଜେନା, ବାର୍ ମ୍ୟାନେଜର ଓ କନେଷ୍ଟବଲ ପ୍ରସନ୍ନ ବେହେରା। କୋଭିଡ ଗାଇଡଲାଇନ ଉଲଘଂନ କରିବା, ବେଆଇନ ଭାବେ ବାର ଖୋଲିବା ଓ ଅପରାଧିକ ଷଡଯନ୍ତ୍ର କରିବା ଅଭିଯୋଗରେ ଏମାନଙ୍କୁ ଗିରଫ କରାଯାଇଛି। ଗିରଫ ତିନି ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।ପ୍ରସନ୍ନ ବେହେରାଙ୍କ ନାମରେ ଦଫା ୧୨୦(ବି), ୨୬୯, ୨୭୦, ୫୨ ଅବକାରି ଆକ୍ଟ, ୩, ୫, ୯୬ରେ ତମାଣ୍ଡୋ ଥାନା ପୋଲିସ ମାମଲା ରୁଜୁ କରିଛି ।ଉଲ୍ଲେଖ୍ୟଯୋଗ୍ୟ ଯେ ଗତକାଲି କନେଷ୍ଟବଲ ପ୍ରସନ୍ନ ବେହେରାଙ୍କୁ ନିଲମ୍ବନ କରାଯାଇଛି। ସେହିପରି ଗତକାଲି ହୋଟେଲ ସାଉଥ ସିଟିରେ ଚଢ଼ାଉ କରଯାଇଥିଲା। ଏହି ସମୟରେ ସେଠାରୁ ବିପୁଳ ପରିମାଣର ମଦ ଓ ନକଲି ଟଙ୍କା ଜବତ ହୋଇଥିଲା। ଗତ ୧୦ ତାରିଖ ଦିନ ପାତ୍ରପଡାର ଏକ ପୋଖରୀରୁ ମନିଷଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଶେଷଥର ପାଇଁ ମନୀଷ ଅନୁରାଗଙ୍କୁ ତାଙ୍କ ସାଙ୍ଗମାନଙ୍କ ସହିତ ପାତ୍ରପଡ଼ା ସ୍ଥିତ ଏହି ସାଉଥ୍ ସିଟି ହୋଟେଲ୍ ବାରରେ ଦେଖିବାକୁ ମିଳିଥିଲା। ଏହି ବାରକୁ ହାବିଲଦାର-କନଷ୍ଟେବଲ ସଂଘର ସଂପାଦକ ପ୍ରସନ୍ନ ବେହେରା ବେଆଇନ୍ ଭାବେ ଚଳାଇଥିଲେ ।

## ଦୁଇଦିନିଆ ଜାମ୍ମୁ କାଶ୍ମୀର ଗସ୍ତରେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ ଜାମ୍ମୁକାଶ୍ମୀର, ୨୩।୧୦(ପିଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଦୁଇଦିନିଆ ଜାମ୍ମୁ ଓ କାଶ୍ମୀର ଗସ୍ତରେ ଯାଇଛନ୍ତି। ଏହି ଦୁଇଦିନିଆ ଗସ୍ତ କାଳରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସାଥୀରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆସନ୍ତାକାଲି(ରବିବାର) ଆଇଆଇଟି ଜାମ୍ମୁ କ୍ୟାମ୍ପସର ନୂତନ ଗୃହ ଓ ଅତ୍ୟାଧୁନିକ ସୁବିଧାର ଲୋକାର୍ପଣ ଓ ଶିଳାନ୍ୟାସ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦାୟିତ୍ୱ ପାଇବା ପରେ କେନ୍ଦ୍ରମନ୍ତ୍ରୀଙ୍କ ଏହା ପ୍ରଥମ ଜାମ୍ମୁ-କାଶ୍ମୀର ଗସ୍ତ। ଶନିବାର ଅପରାହ୍ଣରେ ଜାମ୍ମୁରେ ପହଁଚିବା ପରେ କେନ୍ଦ୍ରମନ୍ତ୍ରୀ ମାଆ ବୈଷ୍ଣ ଦେବୀ ମନ୍ଦିରରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି । ଏହାସହିତ ଆଇଆଇଟି ଜାମ୍ମୁ ଠାରେ ଶିକ୍ଷାନୁଷ୍ଠାନର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଶିକ୍ଷା ବିଭାଗ ସହ ଜଡ଼ିତ ବିଭିନ୍ନ ବିଷୟରେ ଶ୍ରୀ ପ୍ରଧାନ ଆଲୋଚନା କରିଛନ୍ତି ।ଆସନ୍ତାକାଲି ରବିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସହ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଇଆଇଟି ଜାମ୍ମୁର ନୂତନ ଗୃହ ଓ ଅତ୍ୟାଧୁନିକ ସୁବିଧାର ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ପରେ ଅନ୍ୟ ଏକ ଇ-ଉଦଘାଟନୀ କାର୍ଯ୍ୟରେ ସାମିଲ ହେବେ। ଜାମ୍ମୁ-କାଶ୍ମୀରର ଉପ ରାଜ୍ୟପାଳ ମନୋଜ ସିହ୍ନାଙ୍କୁ ରାଜଭବନ ଠାରେ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

## ଅଣ୍ଡର ପାସ ନିର୍ମାଣ ପାଇଁ ପ୍ରତିଶୃତି ଦେଲେ ସାଂସଦ ଅପରାଜିତା

ଖୋର୍ଦ୍ଧା, ୨୩।୧୦(ପିଏନ): ଖୋର୍ଦ୍ଧା ସଦର ମହକୁମାର ୧୬ ନମ୍ବର ଜାତୀୟ ରାଜପଥର ଗଡଖୋର୍ଦ୍ଧା ଓ ବାଟ ମଙ୍ଗଳା ଛକରେ ଅଣ୍ଡର ପାସ ନିର୍ମାଣ ପାଇଁ ଶୁକ୍ରବାର ଦିନ ସ୍ୱେଚ୍ଛାସେବୀ ସଙ୍ଗଠନ ନିୟୁ ଥିଙ୍କିଙ୍ଗ ଫୋରମ ବିଭିନ୍ନ ସମୟରେ ଆନ୍ଦୋଳନ କରି ଆସୁଥିଲେ । ଏହାର ସମାଧାନର ପନ୍ଥା ପାଇଁ ଅନୁଷ୍ଠାନର ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ଆବାହକତ୍ୱରେ ୪୦ ଜଣିଆ ପ୍ରତିନିଧି ଦଳ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଭେଟି କେନ୍ଦ୍ର ରାଜପଥ ସଡକ ପରିବହନ ମନ୍ତ୍ରୀ ନିତିନ ଗଡକାରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଥିଲେ । ଏଥିରେ ରାଜପଥରେ ଆଲୋକୀ କରଣ ଓ ଖୋର୍ଦ୍ଧାରେ ହେବାକୁ ଥିବା ଆନ୍ତର୍ଜାତୀୟ ବିମାନ ବନ୍ଦର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ଦୁର୍ଘଟଣାକୁ ରୋକିବା ଲାଗି ଅଣ୍ଡର ପାସ ନିର୍ମାଣ ଆଦି କାର୍ଯ୍ୟ କରିବାକୁ ସାଂସଦ ଶ୍ରୀମତି ଷଡଙ୍ଗୀ ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିନିଧି ଦଳରେ ବରିଷ୍ଠ ନାଗରିକ ଭୀମସେନ ପ୍ରଧାନ,ଖୋର୍ଦ୍ଧା ଓକିଲ ସଂଘର ସଭାପତି ଅଜିତ ପଟ୍ଟନାୟକ, ବିଜେପିର ଜିଲ୍ଲା ସଭାପତି ରଶ୍ମି ମହାପାତ୍ର, ଆଇନଜୀବୀ ବସନ୍ତ ଦାସ,ପ୍ରମୋଦ ସାହୁ,ଅଦୈତ ସ୍ୱାଇଁ,ସମାଜସେବୀ ସଞ୍ଜୟ ପଟ୍ଟନାୟକ,କୃଷ୍ଣ ଚନ୍ଦ୍ର ହରିଚନ୍ଦନ,ଡଃ ବୃନ୍ଦାବନ ପଣ୍ଡା,ବଦ୍ରିନାଥ ସାହୁ,ଅବନୀ ଜେନା,ଏମଡି କାଲାମ,ଶିବ ପ୍ରସାଦ ଦାଶ,ବିଜୟ ଦଶରାପୁରିଆ,ବିସ୍ମୟ ସାମନ୍ତସିଂହାର, ବାଲାଜୀ ପାତ୍ର, ଗୋପାଳ ଦାସ,ନଗେନ୍ଦ୍ର ଚମ୍ପତି, ଧରଣୀ ଛୋଟରାୟ,ବିପ୍ରନାରାୟଣ ବେହେରା, ଲୋକନାଥ ଦାସ,ପଦ୍ମ ଚରଣ ରାୟ,ଗୁଣନିଧି ମହାପାତ୍ର, ଅବଦୁଲ ବସର,ଲୋକନାଥ ଦାଶ ଓ ବିଶ୍ୱ ରଞ୍ଜନ ଜୟସିଂହ ପ୍ରମୁଖ ସାମିଲ ହୋଇଥିଲେ।

## ୬୫ କିଲୋ ଗଞ୍ଜେଇ ସହ କାର ଜବତ: ୨ ଗିରଫ



ପାରଳାଖେମୁଣ୍ଡି, ୨୩।୧୦ (ପି.ଏନ): ଗଜପତି ଜିଲ୍ଲାରୁ ବାହାର ରାଜ୍ୟକୁ ବର୍ଷସାରା ଶହ ଶହ କୁଇଣ୍ଟାଲ ଗଞ୍ଜେଇ ଚୋରା ଚ଼ାଲାଣ ହେଉଛି। କିଛି ମାଫିଆ ପୁଲିସ ପଞ୍ଝାରେ ପଡୁଥିବା ବେଳେ ଆଉ କେତେ ପୁଲିସକୁ ଚ଼କ୍ ?ମା ଦେଖାଇ ଖସି ଯାଉଛନ୍ତି। ଏଭଳି ଗଞ୍ଜେଇ ଚୋରା ଚ଼ାଲାଣ ରୋକିବା ପାଇଁ ଗଜପତି ଜିଲ୍ଲାର ତିନିଟି ଥାନା ଅଧିକାରୀ ରାତି ଦିନ ଏକ କରିଦେଇଛନ୍ତି । ଗଜପତି ଏସପି ଜୟରାମ ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ଦିଲ୍ଲୀପ କୁମାର ନାୟକଙ୍କ ତତ୍ୱାବଧାନରେ ମୋହନା ଥାନା ଅଧିକାରୀ ସୁଜିତ୍ କୁମାର ନାୟକ ଓ ତାଙ୍କ ଟିମ ରାତ୍ରକାଳୀନ ପେଟ୍ରୋଲିଙ୍ଗ କରୁଥିବା ବେଳେ ଲୁହାଗୁଡି -ଚ଼ାନ୍ଦିପୁଟ ରାସ୍ତାରେ ଏକ ହୋଣ୍ଡା ସିଟି କାର ନଂ ଡବ୍ଲ୍ୟୁବ ୦୨ଏସ୍୯୬୮୪ ଦୃତ ବେଗରେ ଆସୁଥିବା ଦେଖି ସନ୍ଦେହରେ ଅଟକାଇ ଯାଞ୍ଚ କରିବା ବେଳେ ଗାଡି ମଧ୍ୟରୁ ୩ଟି ଜରି ବସ୍ତାରେ ୬୫ କିଲୋ ଗଂଜେଇ ରହିଥିବା ଜାଣିବାକୁ ପାଇଥିଲେ। ଯାହାର ବଜାରରେ ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କା ହେବ। ଘଟଣାସ୍ଥଳରୁ ଗଞ୍ଜେଇ ମାଫିଆ ଝାଡଖଣ୍ଡ ରାଜ୍ୟ କୋଟେ ରମା ଗ୍ରାମର ମୁଶାରଫ ଆଲାମ (୧୯) ଓ ବିହାର ରାଜ୍ୟ କୋଟ ଆଲି ଥାନା ଅନ୍ତର୍ଗତ କମନା ନେହୁର ଗ୍ରାମର ସୁରଜ ମେହେତୋ(୨୩) କୁ ଗିରଫ କରି କୋର୍ଟ ଚ଼ାଲାଗ କରାଯାଇଥିବା ବେଳେ କାରକୁ ମଧ ଜବତ କରା ଯାଇଛି। ମାଫିଆମାନେ ମୋହନା ଥାନା ଅନ୍ତର୍ଗତ ବାଘମାରୀ ପଞ୍ଚାୟତରୁ ଗଞ୍ଜେଇ ସଂଗ୍ରହ କରି ବିହାର ରାଜ୍ୟର ପାଟଣା ସହରକୁ ବୋରାଚ଼ାଲାଣ କରୁଥିଲେ।

## ଦିବ୍ୟ ଶଙ୍କରଙ୍କ ସୁପାରିଶରେ ଗୋବିନ୍ଦ ସାହୁଙ୍କର ଘରୋଇ ଶିକ୍ଷାନୁଷ୍ଠାନକୁ ମିଳୁଥିଲା କୋଟି କୋଟି ଟଙ୍କାର ସରକାରୀ ସହାୟତା: କଂଗ୍ରେସ



ଭୁବନେଶ୍ୱର ,୨୩।୧୦(ପି.ଏନ): ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିକୁ ଜୋରଦାର କରିଛି ପ୍ରଦେଶ କଂଗ୍ରେସ। ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ସହ ଦିବ୍ୟ ଶଙ୍କର ମିଶ୍ରଙ୍କ ସହ ବିଜେଡ଼ି ସରକାରର ବହୁ ନେତା ଓ ଅଧିକାରୀଙ୍କ ବିବାଦୀୟ ସଂପର୍କରେ ତଥ୍ୟ ପ୍ରମାଣ କଂଗ୍ରେସ ଗଣମାଧ୍ୟମ ସାମନାରେ ରଖିଛି। ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ସତ୍ୟ ପ୍ରକାଶ ନାୟକ ଲକ୍ଷାଧିକ ଟଙ୍କାର ସରକାରୀ ଅର୍ଥ କିଭଳି ଗୋବିନ୍ଦ ସାହୁଙ୍କ ଘରୋଇ ଶିକ୍ଷାନୁଷ୍ଠାନରେ ଅପବ୍ୟୟ ହେଉଥିଲା ତାହାର ହିସାବ ରଖିଛନ୍ତି। ସିଏଜିଙ୍କ ରିପୋର୍ଟ ଅନୁଯାୟୀ ଲକ୍ଷାଧିକ ଟଙ୍କାର ସରକାରୀ ଅର୍ଥ ଯାହାକି ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ବିନିଯୋଗ ହେବା କଥା, ସେ ଅର୍ଥକୁ ବାଟମାରଣା କରାଯାଇ ଗୋବିନ୍ଦ ସାହୁର ଘରୋଇ ଶିକ୍ଷାନୁଷ୍ଠାନରେ ଖର୍ଚ୍ଚ କରାଯାଇଛି। ପଂଚାୟତ ରାଜ ବିଭାଗର ଏଭଳି ବେଆଇନ ନିଷ୍ପତି ଉପରେ ଘୋର ଆପତି ମଧ ଉଠାଇଛନ୍ତି ସି.ଏ.ଜି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ଅର୍ଥକୁ ମହାଲିଙ୍ଗ ଘରୋଇ କଲେଜର ଲେଡିଜ ହଷ୍ଟେଲର ଲନ୍ ତିଆରି କରିବାର ଖର୍ଚ୍ଚ କରାଯାଉଥିଲା କିଭଳି ବୋଲି ଶ୍ରୀ ନାୟକ ପ୍ରଶ୍ନ କରିଛନ୍ତି। କେବଳ ପଂଚାୟତ ରାଜ ବିଭାଗ ଅର୍ଥ ନୁହେଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର କୋଟି କୋଟି ଟଙ୍କା ମଧ ଗୋବିନ୍ଦ ସାହୁର ଘରୋଇ ଶିକ୍ଷାନୁଷ୍ଠାନରେ କିଭଳି ଖର୍ଚ୍ଚ ହେଉଥିଲା ? ଏହା ପଛରେ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ରଙ୍କର ସୁପାରିଶ ହିଁ ମୂଳ କାରଣ ବୋଲି ଅଭିଯୋଗ କରିଛନ୍ତି ସତ୍ୟ ପ୍ରକାଶ ନାୟକ। ୨୦୧୩ ମସିହାରେ +୨ ପରିକ୍ଷାରେ କେମେଷ୍ଟ୍ରି ପେପରର ପ୍ରଶ୍ନପତ୍ର ଲିକ୍‌ରେ କେନ୍ଦ୍ରସ୍ଥଳ ଥିଲା। ଗୋବିନ୍ଦ ସାହୁଙ୍କ ମହାଲିଙ୍ଗ ଆଂଚଳିକ ମହାବିଦ୍ୟାଳୟ ସେତେବେଳେ ଏହାର ତଦନ୍ତ ଭାର କ୍ରାଇମବ୍ରାଂଚକୁ ଦିଆଯାଇଥିଲା। କିନ୍ତୁ ତଦନ୍ତ କ'ଣ ହେଲା ଓ କ'ଣ କାର୍ଯ୍ୟାନୁଷ୍ଠାନ ନିଆଗଲା ତାହା ଆଜି ଯାଏ କେହି ଜାଣିପାରିଲେନି। ଗୋଟି ଦାଗୀ ଅନୁଷ୍ଠାନ ଓ ଦାଗୀ ବ୍ୟକ୍ତିଙ୍କୁ ନବୀନବାବୁଙ୍କ ସରକାରରେ ଏତେ ଅନୁକମ୍ପା ଓ ସହାୟତା କ'ଣ ପାଇଁ ଦିଆଯାଉଥିଲା ବୋଲି ପ୍ରଶ୍ନ କରିଛନ୍ତି ସତ୍ୟ ନାୟକ। ଦିବ୍ୟ ଶଙ୍କର ମିଶ୍ରଙ୍କ ଫୋନ୍‌ର କଲ ରେକର୍ଡ ସାର୍ବଜନୀନ କଲେ ଗୋବିନ୍ଦ ସାହୁଙ୍କୁ ସୁରକ୍ଷା ଦେବାପାଇଁ ମନ୍ତ୍ରୀ ନିଜର ପଦ ଓ ଗାରିମାର ଅପବ୍ୟବହାର କରିଛନ୍ତି ତାହା ସ୍ପଷ୍ଟ ହୋଇଯିବ। ତେଣୁ ତୁରନ୍ତ ଦିବ୍ୟଶଙ୍କରଙ୍କୁ ନବୀନବାବୁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି ସତ୍ୟ ନାୟକ ଦାବି କରିଛନ୍ତି।

## ଆସନ୍ତାକାଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସହ ଆଇଆଇଟି ଜାମ୍ମୁର ନୂତନ ଗୃହ ଏବଂ ଅନ୍ୟାନ୍ୟ ସୁବିଧାର ଲୋକାର୍ପଣ କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ ଜାମ୍ମୁକାଶ୍ମୀର, ୨୩।୧୦(ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଦୁଇଦିନିଆ ଜାମ୍ମୁ ଓ କାଶ୍ମୀର ଗସ୍ତରେ ଯାଇଛନ୍ତି। ଏହି ଦୁଇଦିନିଆ ଗସ୍ତ କାଳରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସାଥୀରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆସନ୍ତାକାଲି(ରବିବାର) ଆଇଆଇଟି ଜାମ୍ମୁ କ୍ୟାମ୍ପସର ନୂତନ ଗୃହ ଓ ଅତ୍ୟାଧୁନିକ ସୁବିଧାର ଲୋକାର୍ପଣ ଓ ଶିଳାନ୍ୟାସ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦାୟିତ୍ୱ ପାଇବା ପରେ କେନ୍ଦ୍ରମନ୍ତ୍ରୀଙ୍କ ଏହା ପ୍ରଥମ ଜାମ୍ମୁ-କାଶ୍ମୀର ଗସ୍ତ। ଶନିବାର ଅପରାହ୍ଣରେ ଜାମ୍ମୁରେ ପହଁଚିବା ପରେ କେନ୍ଦ୍ରମନ୍ତ୍ରୀ ମାଆ ବୈଷ୍ଣ ଦେବୀ ମନ୍ଦିରରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି । ଏହାସହିତ ଆଇଆଇଟି ଜାମ୍ମୁ ଠାରେ ଶିକ୍ଷାନୁଷ୍ଠାନର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଶିକ୍ଷା ବିଭାଗ ସହ ଜଡ଼ିତ ବିଭିନ୍ନ ବିଷୟରେ ଶ୍ରୀ ପ୍ରଧାନ ଆଲୋଚନା କରିଛନ୍ତି ।ଆସନ୍ତାକାଲି ରବିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସହ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଇଆଇଟି ଜାମ୍ମୁର ନୂତନ ଗୃହ ଓ ଅତ୍ୟାଧୁନିକ ସୁବିଧାର ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ପରେ ଅନ୍ୟ ଏକ ଇ-ଉଦଘାଟନୀ କାର୍ଯ୍ୟରେ ସାମିଲ ହେବେ। ଜାମ୍ମୁ-କାଶ୍ମୀରର ଉପ ରାଜ୍ୟପାଳ ମନୋଜ ସିହ୍ନାଙ୍କୁ ରାଜଭବନ ଠାରେ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।


APPOINTMENT

THE KALINGA CHRONICLE
Popular people's Daily of Odisha

ପର୍ଯ୍ୟବେକ୍ଷକ
PARYABEKHYAK
Visit at:- www.pabitramohansamantaray.in

Paryabekhyak and The Kalinga Chronicle Group need

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

Paryabekhyak Odisha & Kalinga Chronicle TV

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ (୧୮୩୫-୧୯୦୪)

❖ ନାସା ପ୍ରଥମ ସକ୍ରିୟ ସାଟେଲାଇଟ୍ ରିଲେ-୧କୁ ମହାଆକଶକୁ ପଠାଇଥିଲା (୧୯୬୨)

❖ ଭାରତୀୟ ସଂସଦ ଭବନରେ ଆତଙ୍କବାଦୀଙ୍କ ଆକ୍ରମଣ, ଆତଙ୍କବାଦୀ ସମେତ ୧୨ ମୃତ (୨୦୦୧)

❖ ଭାରତୀୟ ଅର୍ଥଶାସ୍ତ୍ର ବିଶାରଦ ସଂଜୟ ଲାଲଙ୍କ ଜନ୍ମ (୧୯୪୦-୨୦୦୫)

❖ ଭାରତୀୟ ଅଭିନେତ୍ରୀ ତଥା ଗୀତିକାର ସ୍ୱସ୍ତିକା ମୁଖାର୍ଜୀଙ୍କ ଜନ୍ମ (୧୯୮୦)

❖ ଭାରତୀୟ ବିଜ୍ଞାନ ଓ ପ୍ରଦ୍ୟୋଗିକ ମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କ ଜନ୍ମ (୧୯୫୪)

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶ୍ରେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଔଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।



ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡ଼ିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଂଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।






# ଜ୍ୱାଳାମୁଖୀ ଦେବୀଙ୍କ ଶକ୍ତିପୀଠ, ହିମାଚଳ ପ୍ରଦେଶ



ଭାରତୀୟ ଉପମହାଦେଶରେ ଅବସ୍ଥିତ ଶକ୍ତିପୀଠମାନଙ୍କ ମଧ୍ୟରେ ହିମାଂଚଳ ପ୍ରଦେଶର କାଙ୍ଗଡ଼ା ଜିଲ୍ଲାରେ କାଲୀଧାର ପାହାଡ଼ ମଧ୍ୟରେ ମାତା ଜ୍ୱାଳାମୁଖୀ ଦେବୀଙ୍କ ମନ୍ଦିର ରହିଛି। ପୁରାଣ ଶାସ୍ତ୍ରରେ ବର୍ଣ୍ଣନା ଅନୁଯାୟୀ ଭରତୀୟ ଉପମହାଦେଶରେ ୪ଟି ଆଦି ଶକ୍ତିପୀଠ, ୧୮ଟି ମହା ଶକ୍ତିପୀଠ ଓ ୫୧ ଟି ଶକ୍ତିପୀଠ ରହିଛି। ତେବେ ଏହି ୧୮ଟି ମହା ଶକ୍ତିପୀଠ ମଧ୍ୟରେ"ମା' ଜ୍ୱାଳାମୁଖୀ ଦେବୀ" ମନ୍ଦିର ବା ଶକ୍ତିପୀଠ ଅନ୍ୟତମ। ଶକ୍ତିପୀଠ ଗୁଡ଼ିକର ସୃଷ୍ଟି ସଂପର୍କରେ ପୁରାଣ ବର୍ଣ୍ଣିତ ଏକ ଚମକପ୍ରଦ କାହାଣୀ ରହିଛି। ଭଗବାନ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ଯଜ୍ଞ କଲାବେଳେ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଭଗବାନ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କଲେ ନାହିଁ। ଫଳରେ ଦେବୀ ସତୀ ନିଜେ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚିଲେ ଓ ବାପାଙ୍କୁ କିଛି କହିବା ପୂର୍ବରୁ ସ୍ୱଂୟ ଦକ୍ଷରାଜ ଝିଅ ସତୀ ଓ ଭଗବାନ ଶିବଙ୍କୁ ଅପମାନ ସୂଚକ କଥା ଶୁଣାଇଲେ। ସେଠାରେ ସମସ୍ତ ଦେବୀ ଦେବତା ଉପସ୍ଥିତ ଥିବାରୁ ମା'ସତୀଙ୍କୁ ଖୁବ୍ ବାଧିଲା। ଅତି ଦୁଃଖରେ ମ୍ରିୟମାଣ ହୋଇ ମାତା ସତୀ ସେହି ଯଜ୍ଞକୁଣ୍ଡରେ ଆତ୍ମଦାହ କରିଦେଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମରଶରୀର ପାଖରେ ପହଂଚିଲେ ଓ ରାଗରେ ଜର୍ଜ୍ଜରିତ ହୋଇ ନିଜ ହାତରେ ସତୀଙ୍କ ମୃତ ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ମଣିଷ, ପଶୁ ଓ ଦେବୀ ଦେବତା ସମସ୍ତେ ଭୟରେ ଥରି ଉଠିଲେ। ଏହାର ସମାଧାନ ପାଇଁ ଦେବୀ ଦେବତା ମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ଶିବ ଧରିଥିବା ସତୀଙ୍କ ମରଶରୀରକୁ ଖଣ୍ଡବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ବିଷ୍ଣୁ ନିଜର





ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ। କିଛିକ୍ଷଣ ମଧ୍ୟରେ ମା'ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିଂଚି ହୋଇ ପଡ଼ିଲା। ସର୍ବଶେଷରେ ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଅଂଶ ବା ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକର ସୁରକ୍ଷା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତିପୀଠର ମାନ୍ୟତା ଦେଲେ। ଏହିପରି ପୃଥିବୀରେ ୪ଟି ଆଦି ଶକ୍ତିପୀଠ, ୧୮ଟି ମହାଶକ୍ତି ପୀଠ ଓ ୫୧ଟି ଶକ୍ତିପୀଠ ରହିଛି।

ମାତା ସତୀଙ୍କର ସେହି ଖଣ୍ଡ ବା ଅଂଶ ମାନଙ୍କ ମଧ୍ୟରୁ ତାଙ୍କର 'ଜିଭ'ଏହି ଶକ୍ତିପୀଠରେ ପଡ଼ିଥିଲା। ସେଦିନ ଠାରୁ ଏହି ସ୍ଥାନ ଏକ ପ୍ରମୁଖ ଶକ୍ତିପୀଠ ଭାବେ ପରିଚିତ। ପବିତ୍ର ନବରାତ୍ର ଉତ୍ସବ ମାତାଙ୍କର ସବୁଠୁ ବଡ଼ ପର୍ବ ଭାବରେ ପାଳନ କରାଯାଏ। ଏହି ସମୟରେ ଦେଶର ବିଭିନ୍ନ ଅଂଚଳରୁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି। ପୁରାଣ ଶାସ୍ତ୍ର ଅନୁଯାୟୀ ସମସ୍ତ ଶକ୍ତୀପୀଠରେ ମାତା ଜ୍ୱାଳାମୁଖୀ ଦେବୀ ଭଗବାନ ଶିବଙ୍କ ସହିତ ସବୁବେଳେ ରହିଥାନ୍ତି। ଏହି ଶକ୍ତିପୀଠର ଅନେକ ମହାତ୍ମ୍ୟ ରହିଛି। ମୁଖ୍ୟତଃ ଏହି ଶକ୍ତିପୀଠରେ ମାତା ଜ୍ୱାଳାମୁଖୀ ଦେବୀଙ୍କର ପୂଜା-ଅର୍ଚ୍ଚନା କଲେ, ମା'ଯଥାଶୀଘ୍ର ପ୍ରସନ୍ନ ହୋଇଥାନ୍ତି ବୋଲି ସମସ୍ତଙ୍କର ଧାରଣା ରହିଛି। ଯେଉଁ ଭକ୍ତ ଓ ଶ୍ରଦ୍ଧାଳୁ ଜ୍ୱାଳାମୁଖୀ ଦେବୀଙ୍କ ମନ୍ଦିରରେ ମାତାଙ୍କୁ ପୂଜାର୍ଚ୍ଚନା କରନ୍ତି, ସେମାନଙ୍କର ମନୋକାମନା ପୂରଣ ହୁଏ ବୋଲି ଭକ୍ତ ଓ ଶ୍ରଦ୍ଧାଳୁମାନେ କହନ୍ତି। ଜ୍ୱାଳାମୁଖୀ ମନ୍ଦିରକୁ ଜ୍ୟୋତି ଓ୍ୱାଲୀ ମନ୍ଦିର ଓ ନଗରକୋଟ ବୋଲି ମଧ୍ୟ କୁହାଯାଏ।

ମାତା ଜ୍ୱାଳାମୁଖୀ ଦେବୀଙ୍କ ମନ୍ଦିରରେ ଅହରହ ଜଳୁଛି ନଅଟି ଅଗ୍ନିଶିଖା। ମାତାଙ୍କ ମନ୍ଦିରରେ ବିନା ତେଲ ସଳିତାର ନଅଟି ଅଗ୍ନିଶିଖା ଜଳୁଛି। ସେଗୁଡ଼ିକ ମଧ୍ୟରେ ପ୍ରମୁଖ ଅଗ୍ନିଶିଖା ସ୍ୱଂୟ ମାତା ଜ୍ୱାଳାମୁଖୀ। ସେଠାରେ ଅନ୍ୟ ଆଠଟି ଅଗ୍ନିଶିଖା ରୂପରେ ମା'ଅନ୍ନପୂର୍ଣ୍ଣା, ମା' ଚଣ୍ଡୀ, ମା'ହିଙ୍ଗଲାଜ, ମା'ବିନ୍ଧ୍ୟବାସିନୀ, ମା'ମହାଲକ୍ଷ୍ମୀ, ମା'ସରସ୍ୱତୀ, ମା'ଅମ୍ବିକା ଓ ମା'ଅଞ୍ଜି ଦେବୀ ବିରାଜମାନ ଅଛନ୍ତି। ଅତୀତରେ ଆକବର ମାତାଙ୍କର ଏହି ଅଗ୍ନିଶିଖାକୁ ଲିଭାଇବା ପାଇଁ ବହୁ ଚେଷ୍ଟା କରିଥିଲେ ହେଁ ଅସଫଳ ହୋଇଥିଲେ। ମାତାଙ୍କ ମନ୍ଦିରରେ ପ୍ରତିଦିନ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ପୂଜା କରିବାକୁ ଆସନ୍ତି।

ମା'ଙ୍କ ମନ୍ଦିରରେ ପ୍ରତିଦିନ ସକାଳ ଆରତୀ ୫ଟାରେ ଆରମ୍ଭ ହୁଏ। ମଧ୍ୟାହ୍ନ ଆରତୀ ୧୨ ଟାରେ ଆରମ୍ଭ ହୁଏ। ସନ୍ଧ୍ୟା ଆରତୀ ୭ ଟାରେ ଆରମ୍ଭ ହୁଏ। ସେହିପରି ଶୟନ ଆରତୀ ରାତି ୯ ଟାରେ ଆରମ୍ଭ ହୁଏ।

**ଜ୍ୱାଳାମୁଖି ଦେବୀଙ୍କ ମନ୍ଦିର ପର୍ଯ୍ୟନ୍ତ କିପରି ଯିବେ:-(୧) ଆକାଶ ପଥ:** କାଙ୍ଗ୍ରା ଏୟାର ପୋର୍ଟ ରେ ପହଂଚିବା ପରେ ଏଠାରୁ ମାତା ଜ୍ୱାଳା ଦେବୀଙ୍କ ମନ୍ଦିରରେ ପହଂଚିବା ପାଇଁ କାର୍ ଓ ବସ୍ ର ବ୍ୟାପକ ସୁବିଧା ରହିଛି। **(୨) ରେଳପଥ:** ରେଳପଥରେ ଯିବାକୁ ହେଲେ, ପଠାଣକୋଟରୁ ଚାଲୁଥିବା ସ୍ୱତନ୍ତ୍ର ରେଳର ସହାୟତାରେ ମରାନ୍ଦା ଦେଇ ପାଲମପୁର ଆସି ପାରିବେ। ଏହା ପରେ ପାଲମପୁରରୁ ମା'ଙ୍କ ମନ୍ଦିର ପର୍ଯ୍ୟନ୍ତ ବସ୍ କିମ୍ବା କାରର ସୁବିଧା ରହିଛି। **(୩) ସଡ଼କ ପଥ:** ଭକ୍ତ ଓ ଶ୍ରଦ୍ଧାଳୁ ମାନେ ନିଜ ଗାଡ଼ି କିମ୍ବା ଭଡ଼ା ଗାଡ଼ିରେ ମା'ଙ୍କ ମନ୍ଦିରରେ ପହଂଚି ପାରିବେ।

**ଶରତ କୁମାର ରାଉତ,** ମୋ:୯୩୩୭୩୬୯୪୪୮/୯୪୩୭୪୪୧୦୭୨

# ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ନବୀନ ନିବାସ ଆଗରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ



ଭୁବନେଶ୍ୱର (ପିଏନ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ସନସାଇନ ପବ୍ଲିକ ସ୍କୁଲର ଅଧକ୍ଷା ମମିତା ମେହେର ହତ୍ୟା ମାମଲାରେ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିବା ଆଶଙ୍କାରେ ଗୃହ ରାଷ୍ଟ୍ର ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ବହିଷ୍କାର କରିବା ଦାବିରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ନବୀନ ନିବାସ ଆଗରେ କଳା ପତାକା ଦେଖାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଂଜନ ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ ଯୁବ କଂଗ୍ରେସ କର୍ମୀ ହାତରେ କଳା ପତାକା ଧରି ନବୀନ ନିବାସ ସମ୍ମୁଖରେ ପହଂଚିଥିଲେ। ପୋଲିସ କିଛି ବୁଝିବା ପୂର୍ବରୁ ହଠାତ୍ ଯୁବ କଂଗ୍ରେସ କର୍ମୀମାନେ କଳା ପତାକା ପ୍ରଦର୍ଶନ କରିବା ସହ ସ୍ଲୋଗାନ ଦେଇ ଜୋରଦାର ବିରୋଧ କରିଥିଲେ। ପରେ ଉପସ୍ଥିତ ପୁଲିସ କର୍ମୀମାନେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଂଜନ ଲେଙ୍କାଙ୍କ ସମେତ ବହୁ ଯୁବ କଂଗ୍ରେସ କର୍ମୀଙ୍କୁ ଗିରଫ କରିଥିଲା। ଏହାକୁ ନେଇ ସେଠାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ କଂଗ୍ରେସ କର୍ମୀମାନେ ହୋହଲ୍ଲା କରିଥିଲେ। ଏ ସମ୍ପର୍କରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଂଜନ ଲେଙ୍କା କହିଛନ୍ତି ଯେ ବିଜେଡି ଶାସନ କାଳରେ ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି। ମମିତା ମେହେର ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ସହିତ ଗୃହ ରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କର ଘନିଷ୍ଠ ସମ୍ପର୍କ ରହିଛି। ମନ୍ତ୍ରୀଙ୍କ ଛତ୍ରଛାୟା ତଳେ ରହି ଅଭିଯୁକ୍ତ ତା'ର ସାମ୍ରାଜ୍ୟ ବିସ୍ତାର କରିଥିବା ବହୁ ପ୍ରମାଣ ମିଳିଲାଣି। ଯେହେତୁ କ୍ୟାପ୍‌ଟେନ୍ ମିଶ୍ର ଗୃହ ବିଭାଗ ମନ୍ତ୍ରୀ ରହିଛନ୍ତି, ତେଣୁ ତଦ' ପ୍ରକ୍ରିୟାକୁ ସେ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ତୁର' ମନ୍ତ୍ରୀମଣ୍ଡଳରୁ କ୍ୟାପ୍‌ଟେନ ମିଶ୍ରଙ୍କୁ ବହିଷ୍କାର କରାଯାଉ। ଏଥିସହ ଘଟଣାର ନିରପେକ୍ଷ ତଦ' କରିବା ସହ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦିଆଯାଉ ଓ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ଲେଙ୍କା ଦାବି କରିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ ଲଖିମପୁର ଖେରି ଚାଷୀ ହତ୍ୟା ମାମଲାରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ପୁଅ ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଥିଲେ ମଧ ମୋଦି ସରକାର ମନ୍ତ୍ରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନି। ତେଣୁ ଉଭୟ ବିଜେଡି ଓ ବିଜେପି ସରକାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ। ନାରୀକୁ ସୁରକ୍ଷା କେବଳ କାଗଜ କଲମ ଓ ନିର୍ବାଚନୀ ଇସ୍ତାହାରରେ ରହୁଛି, ତାହାର ବାସ୍ତବ ରୁପାୟନ ହୋଇପାରୁନି। ମମିତା ମେହେର ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ସହ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଘନିଷ୍ଠ ସମ୍ପର୍କ ଥିବାର ପୁଳା ପୁଳା ପ୍ରମାଣ ମିଳିଥିଲେ ମଧ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ପର୍ଯ୍ୟନ୍ତ ତାଙ୍କୁ ବହିଷ୍କାର କଲେ ନାହିଁ। ଏହାକୁ ପ୍ରଦେଶ ଯୁବ କଂଗ୍ରେସ ଘୋର ନିନ୍ଦା କରୁଛି। ଯଦି ତୁରନ୍ତ ମନ୍ତ୍ରୀଙ୍କୁ ବହିଷ୍କାର କରାନଯାଏ ତେବେ ରାଜ୍ୟବ୍ୟାପୀ ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଡ. ଲେଙ୍କା ଚେତାବନୀ ଦେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନରେ ଶ୍ରୀବତ୍ସ ରଥ, ଆର୍ଯ୍ୟବୀର ଲେଙ୍କା, ସ୍ମୃତିରନ ରାଉତ, ମନୋରନ ପଟ୍ଟନାୟକ, ଆଶୁତୋଷ ଲେଙ୍କା, ବିକ୍ରମ ରାୟ ସାମନ୍ତ, ରାକେଶ କୁମାର ଦାସ, ଶ୍ରୀକାନ୍ତ ବିଶ୍ୱାଳ, ପ୍ରଶାନ୍ତ କୁମାର ବେହେରା, ରିତୁନ ମହାରଣା, ଶ୍ରୀତମ ଦାସ, ଇଶାନ୍ତ ପରିଡ଼ାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# ପତ୍ନୀଙ୍କୁ ନିର୍ଯ୍ୟାତନା ଅଭିଯୋଗରେ ବ୍ୟାଙ୍କ୍ କର୍ମଚାରୀ ଗିରଫ

ଧର୍ମଶାଳା (ପିଏନ୍): ପତ୍ନୀଙ୍କୁ ଯୌତୁକ ଓ ଶାରୀରିକ ନିର୍ଯ୍ୟାତନା ଦେବା ଅଭିଯୋଗରେ ଜାରକା ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ କର୍ମଚାରୀ ସନ୍ତୋଷ କୁମାର ସାହୁଙ୍କୁ ଧର୍ମଶାଳା ଥାନା ପୁଲିସ୍ ଗିରଫ କରିଛି । ଅଭିଯୁକ୍ତ ସନ୍ତୋଷଙ୍କୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି । ଅଭିଯୋଗରୁ ପ୍ରକାଶ ଯେ, ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଅଂଚଳର ଜଣେ ଯୁବତୀ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍, ଭୁବନେଶ୍ୱର ବାପୁଜୀନଗର ଶାଖାରେ ୨୦୧୯ରେ ଚାକିରୀ କରୁଥିବା ସମୟରେ ସେହି ବ୍ୟାଙ୍କ୍‌ର କର୍ମଚାରୀ ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ବାରିକଘର ଛକର ସନ୍ତୋଷ ତାଙ୍କୁ ବିବାହ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବକୁ ସଂପୃକ୍ତା ମହିଳା କର୍ମଚାରୀ ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ଏହା ସତ୍ତ୍ୱେ ସନ୍ତୋଷ ତାଙ୍କ ପିଛା ଛାଡିନଥିଲେ । ଏପରିକି ସେ ରହୁଥିବା ଭଡାଘରେ ସନ୍ତୋଷ ପହଁଚି ତାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ଦୁଷ୍କର୍ମ କରିଥିବା ନେଇ ସେ ଅଭିଯୋଗ କରିଛନ୍ତି । ଏ ସଂପର୍କରେ ସେ ଥାନାରେ ଅଭିଯୋଗ କରିବେ ବୋଲି କହିବାରୁ ସନ୍ତୋଷଙ୍କ ବାପାମା' ତାଙ୍କୁ ବୁଝାସୁଝା କରିବା ସହିତ ଉଭୟଙ୍କ ବିବାହ କରାଇ ଦେବେ ବୋଲି କହିଥିଲେ । ଏହି ସମୟରେ ସନ୍ତୋଷ ସେଠାରୁ ବଦଳି ହୋଇ ଜାରକା ଚାଲି ଆସିଥିଲେ । ଏ ଖବର ପାଇ ଯୁବତୀ ଜାରକା ଆସି ନିଜ ବିବାହ ସଂପର୍କରେ ପଚାରିବାରୁ ସନ୍ତୋଷଙ୍କ ପରିବାର ଲୋକେ ତାଙ୍କୁ ଆକ୍ରମଣ କରିବା ସହିତ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ସେ ଥାନାରେ ଅଭିଯୋଗ କରିଥିଲେ । ପୁଲିସ୍ ହସ୍ତକ୍ଷେପ ଫଳରେ ଉଭୟ ପକ୍ଷଙ୍କ ଉପସ୍ଥିତିରେ ବିବାଦର ସମାଧାନ କରାଯାଇଥିଲା । ପରେ କୋର୍ଟ ବିବାହ ସହିତ ଗତ ମାସ ୧୦ତାରିଖରେ ଜାରକା ନିକଟ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ବୈଦିକ ରୀତିରେ ଉଭୟଙ୍କର ବିବାହ ହୋଇଥିଲା । ତେବେ ଦୁଷ୍କର୍ମ ମାମଲାରୁ ରକ୍ଷାପାଇବା ପାଇଁ ସେ ତାଙ୍କୁ ବିବାହ କରିଥିବା ସନ୍ତୋଷ କହିବା ସହିତ ୧୦ଲକ୍ଷ ଟଙ୍କା ଯୌତୁକ ଦେବାକୁ ଦାବି କରିଥିଲେ । ଯୁବତୀଙ୍କ ବାପା ଯୌତୁକ ବାବଦକୁ ୨ଲକ୍ଷ ଟଙ୍କା ଦେଇଥିଲେ । ମାତ୍ର ଅବଶିଷ୍ଟ ୮ଲକ୍ଷ ଟଙ୍କା ଦେବାକୁ ବାଧ୍ୟ କରିବାରୁ ଯୁବତୀ ଗତ ୧୧ତାରିଖରେ ତାଙ୍କ ବାପାଙ୍କ ପାଖକୁ ଫୋନ୍ କରୁଥିବା ସମୟରେ ସନ୍ତୋଷ ତାଙ୍କୁ ମାରପିଟ୍ କରିବା ସହିତ ପେଟକୁ ଗୋଇଠା ମାରିଥିଲେ । ଏପରିକି ତାଙ୍କ ଶ୍ୱଶୁର, ଶାଶୁ ଓ ଦେଢଶୁର ତାଙ୍କୁ ମାରପିଟ୍ କରିବା ସହିତ ତାଙ୍କ ସୁନା ଚେନ୍‌କୁ ଛଡାଇ ନେଇ ତାଙ୍କ ତଣ୍ଟି ଚିପି ଜୀବନରେ ମାରିଦେବାକୁ ଉଦ୍ୟମ କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ଏଥିରେ ସେ ଗୁରୁତର ଆହତ ହେବା ସହିତ ତାଙ୍କର ରକ୍ତଶ୍ରାବ ହୋଇଥିଲା । ଏହି ସମୟରେ ପଡୋଶୀ ଚିତ୍କାର ଶୁଣି ତାଙ୍କୁ ଉଦ୍ଧାର କରିବା ସହିତ ଧର୍ମଶାଳା ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ । ପରେ ଯୁବତୀ ଗତ ୧୨ତାରିଖରେ ଧର୍ମଶାଳା ଥାନାରେ ଏତଲା ଦେଇଥିଲେ । ପୁଲିସ୍ ୫୧୧/୨୧ ନମ୍ବରରେ ଏକ କେଶ୍(ଦଫା- ୪୯୮(ଏ), ୩୭୬(୨)(ଏନ୍), ୪୯୩, ୪୧୭, ୩୨୩, ୩୦୭, ୩୪ ଆର୍/ଡବ୍ଲୁ ୪ଡିପି ଧାରା) ରୁଜୁ କରି ଅଭିଯୁକ୍ତ ସନ୍ତୋଷଙ୍କୁ ଗିରଫ କରିଛି । ଅନ୍ୟ ଅଭିଯୁକ୍ତମାନେ ଫେରାର୍ ହୋଇ ଯାଇଥିବା ଜଣାପଡିଛି ।

# ଧର୍ମଶାଳାର ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



ଧର୍ମଶାଳା (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ତଥା ଉନ୍ନୟନମୂଳକ କାର୍ଯ୍ୟ ନେଇ ଧର୍ମଶାଳାର ପୂର୍ବତନ ବିଧାୟକ ତଥା ଖଦିବୋର୍ଡ ନିର୍ଦ୍ଦେଶକ ରବି ଲାବଣ୍ୟ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳ(ଓଏସ୍‌ଡି) କୂଳମଣି ନାୟକଙ୍କୁ ସେ ଏ ସଂପର୍କିତ ଏକ ଦାବିପତ୍ର ପ୍ରଦାନ କରିଥିଲେ । ପ୍ରକାଶ ଯେ, ଜାରକା ନିକଟସ୍ଥ ବ୍ରାହ୍ମଣୀ ନଦୀ କୂଳରେ ଗୋକର୍ଣ୍ଣେଶ୍ୱର ସ୍ୱର୍ଗଦ୍ୱାର ନିର୍ମାଣ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ଗୋକର୍ଣ୍ଣେଶ୍ୱର ମନ୍ଦିର ସମ୍ମୁଖ ଭାଲୁଖାଇ ମୌଜାର ୪୦ ଡେସିମିଲ ଜମି ସ୍ଥାନୀୟ ତହସିଲ ପକ୍ଷରୁ ଚିହ୍ନଟ କରାଯାଇଛି । ହେଲେ ଏହାର ନିର୍ମାଣ କାର୍ଯ୍ୟ ଏପର୍ଯ୍ୟ' ଆରମ୍ଭ ହୋଇନାହିଁ । ଏଠାରେ ଶବ ସତ୍କାର ଗୃହ ନିର୍ମାଣ ପାଇଁ ଆବଶ୍ୟକ ଅର୍ଥ ମୁର କରିବା ସହିତ ସ୍ୱର୍ଗଦ୍ୱାର ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଶ୍ରୀ ଲାବଣ୍ୟ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

ସେହିପରି ଜାରକାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ କରିବାକୁ ରାଜ୍ୟ ସରକାର ପ୍ରସ୍ତୁତ ଥିବା ବେଳେ ଏ ନେଇ ଆବଶ୍ୟକ ସୂଚନା ଏବଂ କାଗଜପତ୍ର ଯୋଗାଇ ଦେବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି । ଜାରକା ସହିତ କୁମାରୀ, ଗଙ୍ଗାଧରପୁର, ଚହଟା, ଚୋରମୁହାଁ ପଞ୍ଚାୟତକୁ ନେଇ ଜାରକା ଏନ୍‌ଏସି ଗଠନ କରିବାକୁ ଦାବି ହୋଇଛି । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।

ଜାରକା ଏନ୍‌ଏସି ମାନ୍ୟତା ପାଇଲେ ଅଂଚଳବାସୀ ସହରାଚଂଳର ସମସ୍ତ ସୁବିଧା ସୁଯୋଗ ପାଇବେ ବୋଲି ଶ୍ରୀ ଲାବଣ୍ୟ ଆଶାବ୍ୟକ୍ତ କରିଛନ୍ତି । ସେହିପରି ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ନଥିବାରୁ ତହସିଲ କାର୍ଯ୍ୟରେ ବାଧା ଉପୁଜିବା ସହିତ ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ଏହି ତହସିଲ କାର୍ଯ୍ୟାଳୟରେ ଖାଲି ପଡିଥିବା ଜଣେ ବରିଷ୍ଠ କିରାଣୀ ଏବଂ ଅନ୍ୟଜଣେ କନିଷ୍ଠ କିରାଣୀଙ୍କୁ ନିଯୁକ୍ତି ଦେବାପାଇଁ ସେ ଦାବି କରିଛନ୍ତି । ଏଥିସହ ୧୬ନମ୍ବର ଜାତୀୟ ରାଜପଥର ଜାରକା ବଜାରରେ ଚାଲିଥିବା ଫ୍ଲାଇଓଭର ବ୍ରିଜ୍ ନିର୍ମାଣକାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଶେଷ କରିବାକୁ ଶ୍ରୀ ଲାବଣ୍ୟ ଦାବି କରିଛନ୍ତି । ଫ୍ଲାଇଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଦୀର୍ଘଦିନ ହେଲା ମନ୍ଥର ଗତିରେ ଚାଲିଛି । ନିର୍ମାଣ କାର୍ଯ୍ୟରେ ଅଯଥା ବିଳମ୍ବ ଯୋଗୁ ଉତ୍କଟ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହିତ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି ।

ଗତ ଦୁଇବର୍ଷ ହେଲା ଜନସାଧାରଣ ଅକଥନୀୟ ଦୁର୍ଦ୍ଦଶା ଭୋଗି ଆସୁଛନ୍ତି । ଛାତ୍ରଛାତ୍ରୀ ତଥା ସ୍ଥାନୀୟ ଅଂଚଳବାସୀ ବିପଦପୂର୍ଣ୍ଣ ଅବସ୍ଥାରେ ଜାତୀୟ ରାଜପଥ ଅତିକ୍ରମ କରୁଛନ୍ତି । ଆପ୍ରୋଚ୍ ରୋଡରେ ଖାଲଖମା ହେବା ସହିତ ପାଣି କାଦୁଅ ରାସ୍ତାରେ ଯିବା ଆସିବା କରିବାରେ ବହୁ ସମସ୍ୟା ଦେଖା ଦେଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ସେହିପରି ଏଠାରେ ପୂର୍ବରୁ ଥିବା ଗଳିପୋଲକୁ ଭାଙ୍ଗି ଦିଆଯାଇଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ସେ ଦାବି କରିଥିଲେ ।

ସହକାରୀ ଜିଲ୍ଲାପାଳ ଶ୍ରୀ ନାୟକ ଦାବିପତ୍ର ଗ୍ରହଣ କରିଥିଲେ । ଶ୍ରୀ ଲାବଣ୍ୟ ଜିଲ୍ଲାପାଳଙ୍କ ସହିତ ଟେଲିଫୋନରେ କଥା ହୋଇ ଧର୍ମଶାଳାର ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କୁ ଅବଗତ କରାଇଥିଲେ । ଜିଲ୍ଲାପାଳ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବା ନିମନ୍ତେ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ଲାବଣ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଶ୍ରୀ ବଳଦେବଜୀଉଙ୍କ ଅନନ୍ତ ବେଶ



କେନ୍ଦ୍ରାପଡ଼ା (ପିଏନ୍): ଅରିଲୋ ଆଶ୍ରମର ବାବା ବଳିଆଙ୍କ ଅନନ୍ତ ବଳିଆ ଟ୍ରଷ୍ଟ କେନ୍ଦ୍ରାପଡା ଶାଖା ପକ୍ଷରୁ ଗତ ମଙ୍ଗଳବାର ଶ୍ରୀ ବଳଦେବଜୀଉଙ୍କ ଚତୁର୍ଦ୍ଦଶ ବାର୍ଷିକ ଅନନ୍ତ ବେଶ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟୁଷରୁ ଶ୍ରୀ ଜୀଉଙ୍କର ପହୁଡ ଫିଟିବାପରେ ଆଳତି କରାଯାଇ ନୀତିସ୍ନାନ କରାଯାଇଥିଲା । ଏହାପରେ ଦିଅଁମାନଙ୍କୁ ନୂତନ ଅଙ୍ଗବସ୍ତ୍ରରେ ସଜ୍ଜିତ କରାଯାଇ ବାବା ବଳିଆଙ୍କ ପକ୍ଷରୁ ଦିଅଁଙ୍କ ପାଦରେ ଏକହଜାର ଆଠଶହ ତୁଳସୀ ଅର୍ପଣ କରାଯାଇଥିଲା । ମଧ୍ୟାହ୍ନରେ ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ଏକ ହଜାରରୁ ଅଧିକ ଭକ୍ତଙ୍କୁ ଅନ୍ନ ପ୍ରସାଦ ଓ କ୍ଷୀରିପିଠା ବଣ୍ଟନ କରାଯାଇଥିଲା । ସନ୍ଧ୍ୟାରେ ଦିଅଁମାନଙ୍କୁ ଅନନ୍ତ ବେଶରେ ସଜ୍ଜିତ କରାଯାଇଥିଲା । ଏହି ବେଶ ଦେଖିବାପାଇଁ ମନ୍ଦିର ପରିସରରେ ଭକ୍ତଙ୍କ ସମାବେଶ ହୋଇଥିଲା । ପ୍ରତିବର୍ଷ ଏହି ଦିବସରେ ବାବା ବଳିଆ ବଳଦେବ ତତ୍ୱଉପରେ ଦୁଇଘଣ୍ଟା ଧରି ପ୍ରବଚନ ଦେଇଥାନ୍ତି। କିନ୍ତୁ ବାହାରେ ଥିବାରୁ ଚଳିତ ବର୍ଷ ବାବା ବଳିଆ ମନ୍ଦିରକୁ ଆସିପାରିନଥିଲେ । ଅନନ୍ତ ବଳିଆ ଟ୍ରଷ୍ଟ କେନ୍ଦ୍ରାପଡା ଶାଖା ପକ୍ଷରୁ ଗୋପ ରାମ ମନ୍ଦିରର ତତ୍ତ୍ୱାବଧାରକ ବାବାଜୀ କମଳାକାନ୍ତ ଦାସ, ଗୁରୁ କୃଷ୍ଣ ବାବା, ଶ୍ରୀଚରଣ ରାଉତ, ଇଂ ଜ୍ଞାନଦେବ ବେହୁରା ଓ ଅରିଲୋ ଆଶ୍ରମର ଅନ୍ତେବାସୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବିଦ୍ୟୁତ୍ କର୍ମଚାରୀଙ୍କ ପରଲୋକ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚହଟା ମୌଜାରେ ରହୁଥିବା ଅବସରପ୍ରାପ୍ତ ବିଦ୍ୟୁତ୍ କର୍ମଚାରୀ ନବୀନ ଜେନା(୭୩)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ରାୟଗଡା ଜିଲ୍ଲା ଡେରିଗାଁରେ ରହୁଥିବା ବଡପୁଅ ପ୍ରଦୀପ୍ତଙ୍କ ପାଖକୁ ଯାଇଥିବା ନବୀନଙ୍କ ଛାତିରେ ହଠାତ୍ ଯନ୍ତ୍ରଣା ଅନୁଭୂତ ହୋଇଥିଲା । ତାଙ୍କୁ ନିକଟସ୍ଥ ଏକ ଡାକ୍ତଖାନାରେ ଭର୍ତ୍ତି କରାଯାଇଥିଲେ ହେଁ, ଡାକ୍ତର ନବୀନଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ମରଶରୀର ଜନ୍ମସ୍ଥାନ ଜଗତସିଂହପୁର ଜିଲ୍ଲା ବୋରିକିନା ଗାଁରେ ପହଁଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ସ୍ୱର୍ଗତଃ ଜେନା ଠାକୁର ଅଭିରାମ ପରମହଂସଙ୍କ ଭକ୍ତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଆଶ୍ରମ ପ୍ରତିଷ୍ଠା କରାଇବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । ଏହି ଖବର ପାଇ ଶାନ୍ତିଧାମର ବରିଷ୍ଠ ସାଧୁ ବାବାଜୀ ହରେକୃଷ୍ଣ ଦାସ, ବନବିହାରୀ ଦାସ, ରାଧାରମଣ ଦାସ, ଭକ୍ତ ସମିତି ପକ୍ଷରୁ ଡ. ଭିକାରୀ ଚରଣ ସାମଲ, ମୋହନ ମହାନ୍ତି, ଶ୍ରୀବତ୍ସ ପାଢୀ, ରଙ୍ଗାଧର ମହାପାତ୍ର, ଅକ୍ଷୟ କୁମାର ମହାନ୍ତି, ଚିନ୍ତାମଣି ମହାନ୍ତି, ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ବହୁ ବ୍ୟକ୍ତି ତାଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି । ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା । ବଡପୁଅ ପ୍ରଦୀପ୍ତ ମୁଖାଗ୍ନି ଦେଇଥିଲେ ।

# ଶିକ୍ଷକଙ୍କ ଅନୈତିକ କାର୍ଯ୍ୟର ଭିଡିଓ ଭାଇରାଲ୍ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ !

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଆରୁହା ପଂଚାୟତର ଏକ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ ଅନୈତିକ କାର୍ଯ୍ୟର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବା ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଛି । ଏ ସଂପର୍କରେ 'ସମ୍ବାଦ'ରେ ଖବର ପ୍ରକାଶ ପାଇବା ପରେ ଏହାକୁ ରେକର୍ଡିଂ କରି ଭାଇରାଲ୍ କରିଥିବା ନିକଟସ୍ଥ ଅଂଚଳର ଜଣେ ଯୁବତୀଙ୍କୁ ଧମକ ଚମକ ଦିଆଯାଉଥିବା ଜଣାପଡିଛି । ଏପରିକି ଏହି ଘଟଣାକୁ ଚପାଇ ଦେବାପାଇଁ ବିଭିନ୍ନ ମହଲରୁ ତନାଘନା ଆରମ୍ଭ ହୋଇଯାଇଛି । ଏହା ସତ୍ତ୍ୱେ ଉକ୍ତ ଭିଡିଓ ଗୋଟିଏ ମୋବାଇଲ୍‌ରୁ ଆଉ ଗୋଟିଏ ମୋବାଇଲ୍‌କୁ ଘୂରି ବୁଲୁଛି । ଦଶହରା ପାଇଁ ସ୍କୁଲ ଛୁଟି ରହିଥିବା ବେଳେ ସଂପୃକ୍ତ ଶିକ୍ଷକ ଓ ଏଠାରେ କାର୍ଯ୍ୟରତ ଜଣେ ପାଚିକା ସ୍କୁଲ ଅଫିସ୍‌ରେ କଣ କରୁଥିଲେ ବୋଲି ସ୍ଥାନୀୟ ଅଂଚଳରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରକାଶ ଯେ, ଛୁଟିରେ ସ୍କୁଲ ଖୋଲା ଥିବା ଦେଖି ନିକଟସ୍ଥ ଗ୍ରାମର ଜଣେ ଯୁବତୀ ପହଁଚି ମୋବାଇଲ୍‌ରେ ଏହାର ରେକର୍ଡିଂ କରିଥିଲେ । ଏହି ସମୟରେ ସ୍କୁଲ କାର୍ଯ୍ୟାଳୟରେ ଜଣେ ଶିକ୍ଷକ ଅସଂଯତ ଅବସ୍ଥାରେ ଥିବା ବେଳେ ସଂପୃକ୍ତା ପାଚିକା ଅଫିସ୍‌ରୁ ତରବରିଆ ଭାବେ ବାହାରି ଆସି କଣ ହେଲା ବୋଲି ଭିଡିଓ ରେକର୍ଡିଂ କରୁଥିବା ଯୁବତୀଙ୍କୁ ପଚାରି ବାହାରି ଯାଇଥିଲେ । ଉକ୍ତ ଭିଡିଓ ଭାଇରାଲ୍‌କୁ ନେଇ ସ୍ଥାନୀୟ ଅଂଚଳରେ ନାନା ଚର୍ଚ୍ଚା ଜୋର ଧରିଛି । ପୂର୍ବରୁ ମଧ୍ୟ ଏହି ଶିକ୍ଷକ ନିକଟସ୍ଥ ଅନ୍ୟ ଏକ ସ୍କୁଲରେ ଅନୁରୂପ କାଣ୍ଡ ଘଟାଇ ବିବାଦୀୟ ହୋଇ ବିଦା ହୋଇଥିଲେ । ତେବେ ପୁଣି ଏକ ବିବାଦୀୟ ଘଟଣାରେ ଫସି ଯାଇଥିବା ସଂପୃକ୍ତ ଶିକ୍ଷକଙ୍କୁ ଏଠାରୁ ବଦଳି ହୋଇଯିବା ପାଇଁ ଉଦ୍ୟମ କରୁଥିବା ଜଣାପଡିଛି । ବିଦ୍ୟାଳୟ ଭଳି ପବିତ୍ର ସ୍ଥାନରେ ଏଭଳି ଅନୈତିକ କାର୍ଯ୍ୟ ବାରମ୍ବାର କରୁଥିବା ସଂପୃକ୍ତ ଶିକ୍ଷକଙ୍କୁ ଚାକିରୀରୁ ବହିଷ୍କାର କରିବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି ।

# ଲବଙ୍ଗଲତାଙ୍କୁ କେନ୍ଦ୍ରାପଡା ବିଧାୟକଙ୍କ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଦିଲ୍ଲୀର ପ୍ରତିଷ୍ଠିତ ସମାଜସେବୀ ଗୋବର୍ଦ୍ଧନ ଧଳଙ୍କ ତରଡିପାଳସ୍ଥିତ ବାସଭବନରେ ଗତ ବୁଧବାର ପହଞ୍ଚି ଶ୍ରୀ ଧଳଙ୍କ ମା ସ୍ୱର୍ଗତା ଲବଙ୍ଗଲତା ଧଳଙ୍କ ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି ଅବସରରେ ସ୍ୱର୍ଗତା ଲବଙ୍ଗଲତା ଦେବୀଙ୍କ ସୁପୁତ୍ର ତ୍ରିଲୋଚନ, ସୁଦର୍ଶନ ଓ ଗୋବର୍ଦ୍ଧନ ବିଧାୟକ ଶ୍ରୀ ବେହେରାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଶୋକ କୁମାର ବିଶ୍ୱାଳ, ଡିଏଭି ସ୍କୁଲ ଅଧକ୍ଷ ରଞ୍ଜନ କୁମାର ବିଶ୍ୱାଳ, ସାମ୍ବାଦିକ ନରେନ୍ଦ୍ର ଧଳ, ହେମାନନ୍ଦ ବିଶ୍ୱାଳ, ତରଡିପାଳ ସରପଞ୍ଚ ପ୍ରିୟଦର୍ଶିନୀ ତରାଇ, ଆଇନଜୀବୀ ଅନିଲ କୁମାର ଧଳ ପ୍ରମୁଖ ଉପସ୍ଥିତ ଥିଲେ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧/୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୧, ଅକ୍ଟୋବର ୨୪

# ଆତ୍ମା

***ଆତ୍ମା ସଜୀବ ଶରୀରର ନିୟନ୍ତ୍ରଣ କେନ୍ଦ୍ର ଭାବେ ସର୍ବଜନ ଗ୍ରହୀତ । ତା'ର ଅନୁଭବ ବିହୀନ ଉପସ୍ଥିତି ମଣିଷ ଶରୀର ମଧ୍ୟରେ କେଉଁ କାର୍ଯ୍ୟ ସମ୍ପାଦନ କରିଥାଏ, ଅଦ୍ୟାବଧି ତାହା ଏକ ଅଲୌକିକ ରହସ୍ୟ ହୋଇ ରହିଛି ମଣିଷ ମନରେ !***



ଆତ୍ମା ମଣିଷ ଶରୀରରେ କେଉଁଠି କେଉଁ ଅବସ୍ଥାରେ ରହିଥାଏ, ତାହା ଏପର୍ଯ୍ୟନ୍ତ କାହାକୁ ଜଣାନାହିଁ । ଆତ୍ମାର କାର୍ଯ୍ୟକଳାପ ବିଷୟରେ ଅନେକେ ଭିନ୍ନ ଭିନ୍ନ ମତ ପୋଷଣ କରୁଥିବା ବେଳେ ତା'ର ଉପସ୍ଥିତି, କାର୍ଯ୍ୟଧାରା ଉପରେ ପ୍ରୟୋଗାତ୍ମକ ପ୍ରମାଣ ସାପେକ୍ଷ ଜ୍ଞାନ କାହାର ନାହିଁ । ତଥାପି ବିଶ୍ୱାସ ଆମ ସମସ୍ତଙ୍କ ମନରେ ଦେଖିବାକୁ କିଛି କମ୍ ମିଳୁନାହିଁ । ମନେହୁଏ ସତେ ଯେମିତି କୌଣସି ଗୋଟିଏ ଉପସ୍ଥିତିକୁ ବୁଝିବା କ୍ଷମତା ବିହୀନ ସେହି ଅଦୃଶ୍ୟ ଶକ୍ତି ପରୋକ୍ଷରେ ପରିଚାଳିତ କରିଥାଏ ଆମ ଶାରୀରିକ ପ୍ରକ୍ରିୟା । ଏହିଭଳି ବିଚାର ଆମ ବ୍ୟକ୍ତିଗତ ନୁହେଁ । ଏହା କୌଣସି ସୂତ୍ରରୁ ଗ୍ରହଣ କରାଯାଇଥିବା ସାମାଜିକ ଗ୍ରହଣୀୟତା ଯାହା ଆମେ ସମସ୍ତେ ମାନିବାକୁ ବାଧ୍ୟ ହେଉଛେ, କାହିଁକି ? କାରଣ, ଯେହେତୁ ପ୍ରତ୍ୟେକ ମଣିଷ ନିଜର ପ୍ରାକୃତିକ ପରିଚୟ ଜାଣନ୍ତି ନାହିଁ କିମ୍ବା ନିଜ ସ୍ଥିତି ସମୀକ୍ଷା କରି ସତ୍ୟକୁ ଉନ୍ମୋଚନ କରିବା କ୍ଷମତା ପ୍ରାପ୍ତ ନୁହନ୍ତି, ତେଣୁ ବିଭିନ୍ନ ଚତୁରଙ୍କ ମତବାଦ ଉପରେ ନିର୍ଭର କରି ନିଜର ପରିଚିତି ବିଶ୍ଳେଷଣ କରିବା ଉଦ୍ଦେଶ୍ୟରେ ସେସବୁ କଥା ଅନ୍ଧ ଭଳି ବିଶ୍ୱାସ କରି ଗ୍ରହଣ କରିବାକୁ ବାଧ୍ୟ ହୋଇଥା'ନ୍ତି । ହେଲେ ତା'ର ସତ୍ୟାସତ୍ୟ ଜାଣିବା ପାଇଁ ଆଗ୍ରହ, କ୍ଷମତା ବିହୀନ ମଣିଷ କେବଳ ଅନ୍ୟର ସାହାରାରେ ନିଜକୁ ସଂସାର ପାର କରିବା ଲକ୍ଷ୍ୟ ରଖିଥିବା ହେତୁ ଚତୁର ଯାହା ବଖାଣନ୍ତି ସେଗୁଡିକୁ ସର୍ବେସର୍ବା ମନେକରିଥା'ନ୍ତି ନିର୍ବୋଧ । କିନ୍ତୁ ନିଜର ପ୍ରାକୃତିକ ପରିଚୟ ପାଇବା ଲକ୍ଷ୍ୟ ରଖିଥିବା ମଣିଷ ହୁଏତ ସେସବୁ ନିଃସନ୍ଦେହରେ ଗ୍ରହଣ କରିପାରୁନାହାନ୍ତି । ହେଲେ ଗ୍ରହୀତାଙ୍କ ସଂଖ୍ୟା ୯୯ ପାରି ହେଉଥିବା ବେଳେ ତର୍ଜମାରତ ୧ ପ୍ରାକୃତିକ ବାସ୍ତବ ସତ୍ୟକୁ ପ୍ରୟୋଗାତ୍ମକ ଉପାୟରେ ସମ୍ପୂର୍ଣ୍ଣ ଭାବେ ଉନ୍ମୋଚନ କରି ସମାଜରେ ପ୍ରତିପାଦନ କରିବା କ୍ଷମତା ରଖି ନଥିବା ମନେହୁଏ । ତେଣୁ ସମୟସ୍ରୋତରେ ମଣିଷ ଭଲ-ମନ୍ଦ ନବୁଝି ସତ୍ୟ-ଅସତ୍ୟ ନଜାଣି ସାମୂହିକ ଗ୍ରହଣୀୟତାକୁ ସର୍ବେସର୍ବା ବୋଲି ବିଚାର କରି ବିଶ୍ୱାସଜନିତ ଅନ୍ଧ ଅବସ୍ଥାରେ ରହିଥିବା ଦେଖିବାକୁ ମିଳୁଛି । ହେଲେ ବାସ୍ତବ, ସତ୍ୟକୁ ଉନ୍ମୋଚନ କରିବା ଏବଂ ପ୍ରକୃତିର ନିୟମକୁ ଜାଣିବା କ'ଣ ଆଜି ସମୟରେ ସମ୍ଭବ ନାହିଁ ? ନା ଆମର ଆଗ୍ରହ ନାହିଁ ବିଚାର କରି ଦେଖିବା...

ପୃଥିବୀପୃଷ୍ଠରେ ଉପଲବ୍ଧ କୌଣସି ଆଧାର ଗ୍ରହଣ କରି ସ୍ୱତଃ କ୍ରମବର୍ଦ୍ଧିଷ୍ଣୁ ବସ୍ତୁକୁ ଜୀବନ୍ତ ବୋଲି କୁହାଯାଇଥାଏ । ସେହି କ୍ରମବର୍ଦ୍ଧିଷ୍ଣୁ ବସ୍ତୁଗୁଡିକରେ ଜୀବନ ରହିଥିବା ବ୍ୟାଖ୍ୟା କରାଯାଇଥାଏ । ଜୀବନ ଅର୍ଥାତ ସ୍ୱୟଂ ସମ୍ପାଦନକାରୀ କ୍ଷମତାଯୁକ୍ତ ଶକ୍ତି । ଜୀବନ ଧାରଣ କରିଥିବା ବସ୍ତୁଗୁଡିକ ମଧ୍ୟରେ ସ୍ୱୟଂ ସଞ୍ଚାଳିତ ଏବଂ ସ୍ଥିର ଅବସ୍ଥାରେ ରହିଥିବା ବିଭାଜନ ମଧ୍ୟ ଦେଖିବାକୁ ମିଳେ । ଜୀବନଯୁକ୍ତ ପ୍ରାଣୀ ସ୍ୱୟଂ ସଞ୍ଚାଳିତ ହେଉଥିବା ବେଳେ ଉଦ୍ଭିଦ ଭଳି କେତେକ ଜୀବନ୍ତ ସ୍ଥିର ରହି ଜୀବନ ଧାରଣ କରିଥା'ନ୍ତି । ଆହୁରି କେତେକ କ୍ଷୁଦ୍ର ଜୀବନ୍ତ କଣିକା ଦେଖିବାକୁ ମିଳନ୍ତି ଯାହାର ସ୍ୱୟଂ ସଞ୍ଚାଳିତ କିମ୍ବା ପ୍ରଜନନ କ୍ଷମତା ନଥାଇ ମଧ୍ୟ ସେମାନେ ବଂଶ ବିସ୍ତାର କରିପାରନ୍ତି । ଉଦାହରଣସ୍ୱରୂପ ଜୀବାଣୁ, ଭୂତାଣୁ ଇତ୍ୟାଦି କୌଣସି ପ୍ରାଣ ନଥାଇ ମଧ୍ୟ ସ୍ୱୟଂ ସଂଚରିତ ହେଉଥିବା ହେତୁ ସେମାନଙ୍କୁ ପ୍ରାଣୀ ବୋଲି କୁହାଯାଇଥାଏ । ଏହିସବୁ ପ୍ରାଣୀମାନଙ୍କ ମଧ୍ୟରେ କେତେକ ମସ୍ତିଷ୍କଯୁକ୍ତ ପ୍ରାଣୀ ରହିଛନ୍ତି ତ ଆଉ କେତେକଙ୍କ ମସ୍ତିଷ୍କ ନାହିଁ । କେତେକ ପ୍ରଜନନ କ୍ଷମତା ରଖିଥିବା ବେଳେ ଅନ୍ୟ କେତେକରେ ସ୍ୱୟଂ ପ୍ରଜନନ କ୍ଷମତା ନଥାଇ ପରୋକ୍ଷରେ ବଂଶ ବିସ୍ତର କରିଥା'ନ୍ତି । ଏମିତି କହିବାକୁ ଗଲେ ଅନେକ ଜୀବନଯୁକ୍ତ ପ୍ରାଣୀଙ୍କ ଅସଂଖ୍ୟ ଭିନ୍ନ ଗୁଣ, ଚରିତ୍ର ପ୍ରବାହ ଦେଖିବାକୁ ମିଳୁଛି ପୃଥିବୀପୃଷ୍ଠରେ । ସେଥିମଧ୍ୟରୁ କେବଳ ସ୍ୱତଃ ପ୍ରଜନନକ୍ଷମ ସ୍ୱୟଂଚାଳିତ ମସ୍ତିଷ୍କଯୁକ୍ତ ପ୍ରାଣୀଙ୍କଠାରେ ଗୋଟିଏ ଆତ୍ମାର ଠାବ କରୁଥିବା ମଣିଷ ମସ୍ତିଷ୍କର ବିଚକ୍ଷଣତା କିଛି ଭିନ୍ନ । କାରଣ ଏତଦ୍‌ବ୍ୟତୀତ ଅସଂଖ୍ୟ ଅନ୍ୟାନ୍ୟ ଗୁଣ, ଚରିତ୍ର ପ୍ରବାହ କରୁଥିବା ପ୍ରାଣୀଙ୍କ ଆତ୍ମା ବିଷୟରେ କୌଣସି ପାରମ୍ପରିକ ବିଶଦ ବ୍ୟାଖ୍ୟା ନାହିଁ ଆମ ସମାଜରେ । ହେଲେ ଏହି ସ୍ୱତଃ ପ୍ରଜନନକ୍ଷମ ସ୍ୱୟଂ ସଞ୍ଚାଳିତ ମସ୍ତିଷ୍କଯୁକ୍ତ ପ୍ରାଣୀଙ୍କ ବ୍ୟତୀତ ଅନ୍ୟ ପ୍ରାଣୀମାନଙ୍କଠାରେ କାହିଁକି ଆତ୍ମା ନାହିଁ, ସେବିଷୟରେ କୌଣସି ଆଲୋଚନା, ସମାଲୋଚନା, ଯୌକ୍ତିକ ବିଚାରବିହୀନ ସାଧାରଣ ନିର୍ବୋଧ ପ୍ରଚଳିତ ସାମାଜିକ ଗ୍ରହଣୀୟତାକୁ ନିଜର ଅନୁଭୂତିରେ ଯୋଡି ବ୍ୟକ୍ତିଗତ ଦୃଷ୍ଟିକୋଣ ସୃଷ୍ଟି କରୁଥିବା ଅଲୌକିକ ବିଷୟକୁ ଅନୁଶୀଳନ କରି ଦେଖିଲେ ଜାଣିହେବ ଯେ...

କେବଳ ମଣିଷ ଏକମାତ୍ର ସମ୍ପୂର୍ଣ୍ଣ ପ୍ରାଣୀ ଯିଏ ସଂସାରର ସବୁକଥା ଜାଣିପାରେ ଏବଂ ମୁଖ୍ୟତଃ ମଣିଷର ଏହି ଜ୍ଞାନ, ଚତୁରତା କେବଳ ମସ୍ତିଷ୍କର ଯଥେଷ୍ଟ ସ୍ମରଣଶକ୍ତିର ଆଧାରରେ ସମ୍ଭବ ହୋଇପାରୁଛି । କହିବାକୁ ଗଲେ ମଣିଷ ବ୍ୟତୀତ ଅନ୍ୟାନ୍ୟ କୌଣସି ପ୍ରାଣୀ ପାଖରେ ମଣିଷର ସମସ୍ତ ଗୁଣ, ଚରିତ୍ର ଥାଇ ମଧ୍ୟ କେବଳ ଯଥେଷ୍ଟ ସ୍ମରଣଶକ୍ତିର ଅଭାବ ଯୋଗୁଁ ସେମାନେ ମଣିଷ ପାଖରେ ହାର ମାନିବାକୁ ବାଧ୍ୟ ହୋଇଥା'ନ୍ତି । ମଣିଷର ଯଥେଷ୍ଟ ସ୍ମରଣଶକ୍ତି ହେତୁ ସିଏ ସଂସାରର ସବୁଠାରୁ ଉନ୍ନତ ପ୍ରାଣୀ ଭାବେ ପରିଚିତ । ମଣିଷ ଆଜି ଯେଉଁ ସ୍ତରରେ ପହଂଚିପାରିଛି ସେସବୁ କେବଳ ସ୍ମରଣଶକ୍ତିର ଆଧାର ମାତ୍ର । ତେଣୁ ଅତ୍ୟଧିକ ସ୍ମରଣଶକ୍ତିଯୁକ୍ତ ମଣିଷର ସାମାଜିକ ମାନ୍ୟତା ଅଧିକ ରହିଥବା ବେଳେ ସ୍ମରଣଶକ୍ତିରହିତ ମଣିଷଗୁଡିକ ମଧ୍ୟ ସମାଜରେ ପଶୁ ଭଳି ବଂଚୁଥିବା ଅନୁଭୂତି ବ୍ୟକ୍ତିଗତ ଭାବେ ସମସ୍ତଙ୍କର ରହିଛି । ଇତିମଧ୍ୟରେ ମଣିଷ ନିଜର ଚତୁରତା, ଜ୍ଞାନ, କୌଶଳ ବ୍ୟବହାର କରିବା ଶିକ୍ଷାଲାଭ କରି ସାମାଜିକ ମାନ୍ୟତା ସହିତ ଅପୂର୍ବ ସ୍ମୃତିଗୁଡିଏ ସଂଗଠିତ କରିବାରେ ସକ୍ଷମ ହୋଇପାରିଲା । କାଳକ୍ରମେ ସଂଗଠିତ ସେହି ସ୍ମୃତି, ସାମାଜିକ ମାନ୍ୟତାଗୁଡିକ ସମୟ ସହିତ ତାଳଦେଇ ପରିପକ୍ୱ ଅବସ୍ଥାରେ ଘନୀଭୂତ ହେବାକୁ ଲାଗିଲା । ତେଣୁ ପ୍ରକୃତିର ନିୟମ ଅନୁଯାୟୀ ମୃତ୍ୟୁକୁ ଉପେକ୍ଷା କରିବା କ୍ଷମତାବିହୀନ ମଣିଷ ନିଜସ୍ୱ ସଂଗୃହିତ ସାମାଜିକ ତତ୍ୱ, ତଥ୍ୟଗୁଡିକୁ ପରିତ୍ୟାଗ କରି ସେହି ଚିରନ୍ତନ ସତ୍ୟକୁ କୋଳାଗ୍ରତ କରିବାରେ ଅଗ୍ରାହ୍ୟ ପ୍ରକାଶ କଲା । ତେଣୁ ମୃତ୍ୟୁଞ୍ଜୟ ପ୍ରଚେଷ୍ଟାରେ ନିମଗ୍ନ ଆବହମାନ କାଳରୁ ଅହରହ ଚେଷ୍ଟାରତ ମଣିଷ ସହଜରେ ମୃତ୍ୟୁକୁ ଗ୍ରହଣ କରିପାରିଲା ନାହିଁ । ଅନ୍ୟାନ୍ୟ ପ୍ରାଣୀମାନଙ୍କର ମଣିଷ ଭଳି କୌଣସି ସାମାଜିକ ସମ୍ପଦ, ବୀମା ବ୍ୟବସ୍ଥା ନଥାଇ କେବଳ ଜୀବନଧାରଣ କରି ଶେଷରେ ସଂସାର ତ୍ୟାଗ କରିବା ପ୍ରାକୃତିକ ନିୟମକୁ ମଣିଷ ନିଜ କ୍ଷେତ୍ରରେ ସହଜରେ ଗ୍ରହଣ କରିପାରିଲା ନାହିଁ । ତଥାପି ମୃତ୍ୟୁଞ୍ଜୟ ହେବା ପ୍ରଚେଷ୍ଟା ଜାରି ରଖି ପିଢ଼ିକୁ ପିଢ଼ି ମଣିଷ ନୂତନତ୍ୱର ଆବିର୍ଭାବ ହେଉଥାଇ ଆଜିକୁ ପ୍ରାୟ ୨ ଲକ୍ଷ ବର୍ଷ ହେବ ପ୍ରତ୍ୟେକେ ପ୍ରାଣୀ ଚକ୍ର ପ୍ରଣାଳୀରେ ଜନ୍ମ ମୃତ୍ୟୁ ହେଉଥିବା ମଣିଷ ମନକୁ ଆସିଲା । ତେଣୁ ପୃଥିବୀର ସମସ୍ତ ଶକ୍ତିର ଆଧାର ଗୋଟିଏ ସୀମିତ ବଳୟ ଭିତରେ କାର୍ଯ୍ୟକ୍ଷମ ରହି କୌଣସି ଶକ୍ତିର ଉତ୍ପନ୍ନ, କ୍ଷୟ ହେବା ସମ୍ଭାବନା ରହି ନଥିବା କେବଳ ରୂପ, ଗୁଣ ପରିବର୍ତ୍ତନ କରୁଥିବା ଦେଖିବାକୁ ମିଳିଲା । ଅର୍ଥାତ ମଣିଷ ମଧ୍ୟ ସମ୍ପୂର୍ଣ୍ଣ ଭାବେ କ୍ଷୟ ନହୋଇ କେବଳ ରୂପାନ୍ତରୀଣ ହେଉଥିବା ଅନୁମାନ କରି ସେହି ରୂପାନ୍ତରୀଣ ପ୍ରକ୍ରିୟାର ମୂଳ ଆଧାର ସ୍ୱରୂପ ଆତ୍ମାର ପରିଚୟ ସୃଷ୍ଟି କଲା ! ହେଲେ ଆତ୍ମାର କୌଣସି ପ୍ରୟୋଗାତ୍ମକ ଅନୁଭୂତି ନଥାଇ କେବଳ ଦାର୍ଶନିକ ମତବାଦ ଉପରେ ଆଧାରିତ ଆନୁମାନିକ ତତ୍ୱର ସତ୍ୟତା କ'ଣ ଏପର୍ଯ୍ୟନ୍ତ କେହି ଜାଣିନାହାନ୍ତି !

ଆବହମାନ କାଳରୁ ଅଦ୍ୟାବଧି ମଣିଷ ସମାଜରେ ଆତ୍ମା ଉପରେ ଦିଆଯାଇଥିବା ବିଭିନ୍ନ ଦାର୍ଶନିକ ତତ୍ୱର କୌଣସି ତଥ୍ୟଭିତ୍ତିକ ଆଧାର ନଥାଇ କେବଳ ଆନୁମାନିକ ବିଶ୍ୱାସରେ ଚାଲିଛି ଆମ ସଂସାର । ବିଶିଷ୍ଟ ଅନ୍ତର୍ଜ୍ଞାନୀ ତଥା ଦାର୍ଶନିକମାନେ ମଧ୍ୟ ସେହି ଆତ୍ମା ଉପରେ କୌଣସି ତଥ୍ୟଭିତ୍ତିକ ଉପାଦେୟ ଜ୍ଞାନ ବାହାର କରିବାରେ ଅସମର୍ଥ ରହିଥିବା ବେଳେ ସାଧାରଣ ନିର୍ବୋଧ ସେମାନଙ୍କ ଦ୍ୱାରା ପ୍ରେରିତ ସେହି ସୀମିତ ଜ୍ଞାନକୁ ଜାବୁଡି ଧରି ରଖିଛନ୍ତି । ଏହାର କାରଣ ହେଉଛି ମଣିଷ ନିଜ ଜୀବନରେ ଅର୍ଜନ କରିଥିବା ସମସ୍ତ ସାମାଜିକ ସମ୍ପଦକୁ ପରିତ୍ୟାଗ କରି ଦୁନିଆ ଛାଡି ଚାଲିଯିବାକୁ ଆଦୌ ଇଚ୍ଛୁକ ନୁହେଁ । କିନ୍ତୁ ଜନ୍ମଦାତ୍ରୀ ପ୍ରକୃତିର ନିୟମକୁ ଅବମାନନା କରି ମୃତ୍ୟୁ ସଂଜୀବନୀ ସୂତ୍ରର କୋଣସି ଅନୁସନ୍ଧାନ ନପାଇ ଅଦ୍ୟାବଧି ସମସ୍ତ ମଣିଷ ସମୟରେ ଇହଲୀଳା ସମ୍ବରଣ କରୁଥିବା ସମସ୍ତେ ଜାଣୁଛନ୍ତି । ତେଣୁ ନିଜେ ମଧ୍ୟ ସେହି ବିଭୀଷିକାରୁ ବାଦ ପଡିବା ସମ୍ଭାବନାକୁ ଅଗ୍ରହଣୀୟ କଲେ ମଧ୍ୟ କୌଣସି ଫଳପ୍ରଦ ହେବନାହିଁ ବୋଲି ଜାଣୁଛନ୍ତି । କିନ୍ତୁ ନିଜସ୍ୱ ଅର୍ଜିତ ସାମାଜିକ ସମ୍ପଦଗୁଡିକୁ ସବୁଦିନ ପାଇଁ ଛାଡି ଚାଲିଯିବା ଆଗ୍ରହ ହେଉନଥିବା ହେତୁ ବସ୍ତୁବାଦୀ ବିଚାର ବ୍ୟତୀତ ଅତି କମ୍‌ରେ ସେହି ଆତ୍ମା ସହିତ ନିଜର ଦକ୍ଷତା, କ୍ଷମତା, ଶିକ୍ଷା, ଜ୍ଞାନ, ଗୁଣ ଆଦି ନେଇ ଅନ୍ୟତ୍ର ଜନ୍ମଗ୍ରହଣ କରିବା ଲକ୍ଷ୍ୟ ରଖି ସବୁବେଳେ ଆତ୍ମାର ସମ୍ମାନ କରୁଥିବା ଗୋଟିଏ ସାମାଜିକ ସର୍ବଗ୍ରହଣୀୟ ବିଷୟ ଭାବେ ଦେଖିବାକୁ ମିଳୁଛି ସମସ୍ତଙ୍କ ଭାବଧାରରେ । କିନ୍ତୁ ଏପର୍ଯ୍ୟନ୍ତ ସେମିତି କୌଣସି ଘଟଣା କାହାର ଦୃଷ୍ଟିଗୋଚର ହୋଇ ନ ଥିଲେ ମଧ୍ୟ ଏକ ସମ୍ବେଦନଶୀଳ ଦୃଷ୍ଟିକୋଣରେ ଆତ୍ମାକୁ ସବୁବେଳେ ସାଇତି ରଖିଥିବା ମଣିଷର ଏକ ଅଲୌକିକ ଭାବନାର ଅନ୍ତ ହେଉନାହିଁ । ଏହାର କାରଣ, ନିରାକରଣ ବ୍ୟାପକ ହୋଇଥିବା ବେଳେ ସାଧାରଣରେ ସତ୍ୟକୁ ଉନ୍ମୋଚନ କରି ବାସ୍ତବତାକୁ ଆପଣେଇବାକୁ କେହି ରାଜି ନୁହନ୍ତି କି ସକ୍ଷମ ନୁହନ୍ତି । ତେଣୁ ଆତ୍ମାର ପ୍ରାଧାନ୍ୟତା ସର୍ବକ୍ଷେତ୍ରରେ ଅଦ୍ୟାବଧି ଚିରସ୍ମରଣୀୟ ହୋଇ ରହିଛି । ତାହାର ବାସ୍ତବତା ଜାଣିବାକୁ ହେଲେ ଅନେକ ଉପାୟ ରହିଥିବା ବେଳେ ଜାଣିବାର ଆଗ୍ରହ ସୃଷ୍ଟି ହେଲେ ସତ୍ୟକୁ ଜାଣିହେବ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭବ ବ୍ୟକ୍ତ କରିବେ ବୋଲି ଆଶା... !

**ପଙ୍କଜ କୁମାର ପାଣିଗ୍ରାହୀ,** ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଂଜାମ, ଦୂରଭାଷ: ୯୪୩୭୩୨୪୯୧୭

# ଓଡ଼ିଶାବାସୀ ଦୀନଦରିଦ୍ର କାହିଁକି ?

••••••••••••ମାୟାଧର ନାୟକ••••••••••••



**ଭା**ରତବର୍ଷର ଗୋଟାଏ କଡରେ ଗାଆଁକନିଆ ସିଂଘାଣିନାକୀ ପରି ଦୀର୍ଘକାଳ ହେଲା ପଡିରହିଛି ଆମର ଏ ଓଡିଶା ଭୂଇଁ । ଏ ଦେଶର ଦରିଦ୍ର ରାଜ୍ୟ ଭାବରେ ଓଡିଶା ସଂପର୍କରେ ବେଶ୍ କିଛି ଲାଂଛନାର ଲିପି ଲେଖିଯାଇଛନ୍ତି ଗବେଷକମାନେ । ଓଡିଶାକୁ ନିଜ ଘର ପଛପଟର ଖଳାବାଡି ରୂପେ ଦୀର୍ଘକାଳ ଧରି ଦେଖି ଆସିଛନ୍ତି ଓଡିଆ ନେତାମାନେ । ଏ ଖଳାବାଡିରୁ ସେମାନେ ପ୍ରଚୁର ପନିପରିବା ବୁହାଇ ନେଇଛନ୍ତି ନିଜ ଅମାରକୁ, କିନ୍ତୁ ଯତ୍ନ ନେଇନାହାନ୍ତି କେବେ ତା'ର ।

ଓଡିଶା ପ୍ରାକୃତିକ ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ । ଅଥଚ ଆମ ରାଜ୍ୟ ଦରିଦ୍ର, ଅନଗ୍ରସର, ପଛୁଆ – ଏଇ କଥା ଶୁଣି ଶୁଣି କାନ ତାବ୍‌ଦା ହୋଇଗଲାଣି । ସମସ୍ତେ କାନ୍ଦୁଛନ୍ତି, କିନ୍ତୁ କାହା ଆଖିରୁ ଲୁହ ବୁନ୍ଦେ ବୋହୁନାହିଁ । କୁମ୍ଭୀର କାନ୍ଦଣା । ଆମ ଜାଣିବା ଶୁଣିବା ବୋଲାଇ ହେଉଥିବା ନେତା-ବକ୍ତାମାନଙ୍କ ଘଡଘଡିନିନ୍ଦୀ ରଡିରେ ବରାବର ଘୋଷଣା କରାଯାଏ – ଦେଶୀବିଦେଶୀ ବ୍ୟବସାୟୀମାନେ ଓଡିଶାର ପ୍ରାକୃତିକ ସମ୍ପଦ, ଶସ୍ତା ଶ୍ରମ, ଜମି, ଜଳ ଉପରେ ଅଧିକାର ସାବ୍ୟସ୍ତ କରି ଆମକୁ ଦରିଦ୍ର ବୋଲି ଭାବିନେଇ ଖାତିର କରୁନାହାନ୍ତି । ବାସ୍ତବରେ ଆମର ପ୍ରିୟ ରାଜ୍ୟ ଓଡିଶା କ'ଣ ସତରେ ଦରିଦ୍ର? ନା, ଦରିଦ୍ର ନୁହେଁ, ବରଂ ପ୍ରତାରିତ ! ଏଥିପାଇଁ ଦାୟୀ କିଏ ? ପ୍ରାକୃତିକ ସମ୍ପଦରେ ଭରପୂର ଓଡିଶା ଦରିଦ୍ର କାହିଁକି ? କେବେ ଓଡିଶାବାସୀ ନିଦରୁ ଉଠିବେ ? କେବେ ନିଜ ଅଧିକାର ସାବ୍ୟସ୍ତ କରିବେ ? କେବେ... କେବେ... କେବେ...!!

ଅନ୍ୟ ରାଜ୍ୟ ତୁଳନାରେ ଓଡିଶା ଖଣିଜ ସମ୍ପଦରେ ଈର୍ଷଣୀୟ ଆସନର ଅଧିକାରୀ । ଏବେ ୪୦ଟି କମ୍ପାନୀ ଇସ୍ପାତ ଶିଳ୍ପ ପାଇଁ ଧାଡି ଲଗାଇଛନ୍ତି । ଆମ ଖଣି ଉପରେ ତାଙ୍କ ଲୋଲୁପ ଦୃଷ୍ଟି । କଳେବଳେ-ଛଳେ-କଉଶଳେ ଖଣି ହାତେଇବାରେ ବ୍ୟସ୍ତ । ଓଡିଶାରେ ଯେଉଁ କେତୋଟି ଶିଳ୍ପ ଗଢିଉଠିଛି, ସେଥିରେ ନିତାନ୍ତ ମାନ୍ଦାବସ୍ଥା । ବହୁ ଶିଳ୍ପ, କଳ-କାରଖାନା, ଖଣି-ଖାଦାନ ବନ୍ଦ ହୋଇଗଲାଣି । କାମ କରୁଥିବା ଲୋକେ ତ' ଛଟେଇ ହେବାର ପ୍ରକ୍ରିୟା ଜାରି ରହିଛି, ନୂଆ ଲୋକଙ୍କୁ କାମ ମିଳିବ କେଉଁଠୁ ? କୃଷିରେ ମାନ୍ଦା, ଶିଳ୍ପରେ ମାନ୍ଦା ହେଲେ ରାଜ୍ୟର ପ୍ରଗତି ସମ୍ଭବ କି? ଯେଉଁ ଦେଶର ଖଣିଜ ସମ୍ପଦ ବିଦେଶକୁ ରପ୍ତାନୀ ହୁଏ, ସେ ଦେଶର ଲୋକଙ୍କ ଅର୍ଥନୈତିକ ଅବସ୍ଥା ସୁଧୁରେ ନାହିଁ । କଳକାରଖାନା ଗଢି ନଉଠିଲେ, କୃଷିର ବିକାଶ ନହେଲେ, ଏବଂ କର୍ମନିଯୁକ୍ତି ସୃଷ୍ଟି ନହେଲେ, ଲୋକେ ଅଭାବରେ ପଡି ସ୍ୱଭାବ ନଷ୍ଟ କରିବେ ହିଁ କରିବେ ।

ରାଜନୈତିକ ଉପେକ୍ଷା, ଉଦାସୀନତା, ଅନାଦର ଓ ଅବହେଳାର ଚରମ ଶିକାର– ଓଡିଶା ଭୂଇଁ । ପ୍ରକୃତିର ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ ଏ ଭୂମିକୁ ସ୍ୱର୍ଣ୍ଣପ୍ରସୂ କରାଯାଇପାରିଥା'ନ୍ତା ଅତି ଅନାୟାସରେ, ଏକ କୃଷିପ୍ରଧାନ ରାଜ୍ୟ ସହିତ ଶିଳ୍ପସମୃଦ୍ଧ ରାଜ୍ୟ ରୂପେ ମୁଣ୍ଡ ଟେକିପାରିଥାନ୍ତା ଓଡିଶା । ମାତ୍ର ଶାସନରେ ଆସୀନ ହୋଇ ଆସିଥିବା ଓଡିଶାର ରାଜନୈତିକ କର୍ତାମାନେ ଏହାକୁ ଫଳବତି କରାଇପାରି ନାହାନ୍ତି କାହିଁକି – ଏ ପ୍ରସଙ୍ଗ ଏବେ ମଧ୍ୟ ସୃଷ୍ଟି କରୁଛି ପ୍ରଶ୍ନବାଚୀ । ସବୁପ୍ରକାର ପାରିପାର୍ଶ୍ୱିକ ଅନୁକୂଳତା ସତ୍ତ୍ୱେ ଓଡିଶାର ପ୍ରଗତି ଓ ଅଗ୍ରଗତି ପାଇଁ ଯେଉଁଭଳି ରାଜନୈତିକ ନିଷ୍ଠା ଓ ନିଷ୍ପତି ପ୍ରୟୋଜନ, ତାହା କ'ଣ ପ୍ରଦର୍ଶନ କରିପାରିଛନ୍ତି ଆମ ଓଡିଶା ନେତୃବର୍ଗ ?

ଆଜି ଓଡିଶାରେ ଯେଉଁ ଆଡକୁ ଅନାଇବା, ସେଆଡେ ଗଦା ଗଦା ସମସ୍ୟା । ପ୍ରକୃତିର ଗନ୍ତାଘର ଓଡିଶା ଆଜି ସମସ୍ୟାର ଗୋଦାମଖାନାରେ ପରିଣତ ହୋଇଛି । ସମସ୍ୟା ସମାଧାନ କରିବା ଦିଗରେ କୌଣସି ଚିନ୍ତା ନାହିଁ । ସମସ୍ୟା ସୃଷ୍ଟି କରିବାରେ ବରଂ ଆମର ତଥାକଥିତ ମଙ୍ଗୁଆଳମାନେ ଧୁରନ୍ଧର । ନାରୀ ନିର୍ଯାତନା, ଧର୍ଷଣ, ହତ୍ୟା, ଧର୍ମ ନାଆଁରେ ଅଧର୍ମ କର୍ମ କରିବାରେ ଓଡିଶା ପୃଥିବୀରେ ନାଁ କରିଗଲା ! ଆମ 'କରିତ୍‌କର୍ମା' ନେତାମାନେ ଦୂରଦର୍ଶନ, ସମ୍ବାଦପତ୍ର ପରି ଗଣମାଧ୍ୟମମାନଙ୍କରେ ଘନ ଘନ ଦୃଶ୍ୟମାନ ହେଲେ ।

ଓଡିଶା ରହିଯାଇଛି ଯେଉଁ ତିମିରେକୁ ସେଇ ତିମିରେ । ଅଥଚ ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶର ପରିଚିତି ହାସଲ କରିବାରେ ସମଗ୍ର ଭାରତବର୍ଷରେ ଓଡିଶା ସର୍ବପ୍ରଥମ । ଭାଷା, ସାହିତ୍ୟ, ସଂସ୍କୃତି, କଳା, ଭାସ୍କର୍ଯ୍ୟର ବିଶାଳ ଐତିହ୍ୟ ଥାଇ – ଅନନ୍ୟ ପ୍ରକୃତିର ଅବାରିତ ଆଶୀର୍ବାଦ ପାଇ ସୁଦ୍ଧା ଓଡିଶା ଆଜି ଭାରତବର୍ଷର ଆପାଙ୍‌କ୍ତେୟ ଅପନ୍ତରାଟାଏ ଯେମିତି ! ବନ୍ଧଟାଏ କି ବନ୍ଦରଟାଏ ବନାଇଦେଇ ଓଡିଶା ପାଇଁ ବେଶ୍ କିଛି କରାଇପାରିଛନ୍ତି ବୋଲି ହୁରି ଛାଡିଛନ୍ତି ଆମର ତଥାକଥିତ ନେତୃପୁରୁଷମାନେ । ମାତ୍ର ଓଡିଶା ପାଇଁ ବନ୍ଧ, ବନ୍ଦର, ରାଜପଥ, ରେଳପଥ, ପଂଚତାରକା ହୋଟେଲ କେତେଟା ନିର୍ମିତ ହୋଇଗଲେ କ'ଣ ସମୃଦ୍ଧିର ସ୍ୱର୍ଣ୍ଣଯୁଗଟାଏ ଆସିଗଲା ପ୍ରକୃତରେ ?

ଓଡିଶାକୁ ବମ୍ବେ କରିଦେବୁ, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା କରିଦେବୁ, ହଜାରେ ଶିଳ୍ପ ଗଢି ତୋଳିବୁ, ଜମିକୁ ପାଣି-ବେକାରୀଙ୍କୁ କାମ– ଏମିତି କେତେ ଧ୍ୱନି ଶୁଣି ଶୁଣି କାନ ଦଦରା ହୋଇଗଲାଣି, କେତେ ନେତା ଗଲେଣି, ଆଉ ଅନେକ ଅଛନ୍ତି ।

କିନ୍ତୁ ଏସବୁ ଧ୍ୱନି କେବଳ ପ୍ରତିଧ୍ୱନି ସୃଷ୍ଟି କରିବା ଛଡା ଆଉ କୌଣସି କାମରେ ଲାଗିପାରିନି ଓଡିଶାର । ଓଡିଶାର ଭାଗ୍ୟ ସେମିତି ଚାପି ହୋଇ ରହିଯାଇଛି ଗଦାଗଦା ପଥର ତଳେ ।

ଓଡିଶା ଭୂଇଁରେ ଓଡ଼ିଆ ଭାଷାର ଦୁର୍ଦ୍ଦଶା ଆଜି କହିଲେ ନ ସରେ । ପ୍ରତିବେଶୀ ପ୍ରଦେଶମାନଙ୍କର ଭାଷା-ସାହିତ୍ୟ କ୍ଷେତ୍ରରେ ନବଜାଗରଣର ଯେଉଁ କ୍ରାନ୍ତି ଆସିଛି, ତାହା ଲକ୍ଷ୍ୟ କଲେ ଲଜ୍ଜିତ ହେବାକୁ ପଡେ ଆମକୁ । ଅଥଚ ଆମେ କାଳେ ଏକ ବିଶାଳ ଐତିହ୍ୟର ଉତ୍ତରାଧିକାରୀ ! ନିଜ ଭୂମି, ନିଜ ଭାଷା, ନିଜ ସଂସ୍କୃତି ସଂପର୍କରେ କେତେଦୂର ସଚେତନ ଆମେସବୁ ?

ଓଡିଶାରେ ଆଜି ସାଂପ୍ରଦାୟିକ ଦଙ୍ଗା, ହତ୍ୟା, ଧର୍ଷଣ, ଯୌତୁକ-ଯାତନା, ଲାଂଚମିଛର ଫର୍ଦ୍ଦ ଲମ୍ବି ଲମ୍ବି ଚାଲିଚି – ବେକାରୀ ଆଉ ବେରୋଜଗାରୀ ବଢି ବଢି ଚାଲିଛି – ଯୁବପିଢି ପାଇଁ ସଠିକ୍ ସଡକଟିଏ ନାହିଁ ବାଟ ଚାଲିବାକୁ– ଭବିଷ୍ୟତର ଚେହେରା ଝାପ୍‌ସା – ସବୁଠି କୁହୁଳୁଚି ଅଶାନ୍ତ ଓ ଅସନ୍ତୋଷର ରଡ ନିଆଁ – ରାସ୍ତାଘାଟରେ ଗୁଣ୍ଡାରାଜ୍ – ରାତି ବାରଟା ପରେ ସହରସବୁ ବିପନ୍ନ - ଦାଦାମାନେ ବାଂଟି ନେଉଛନ୍ତି ନିଜ ନିଜର ଇଲାକା ! ଏଭଳି ଶୋଚନୀୟ ପରିସ୍ଥିତି ପାଇଁ ଦାୟୀ କିଏ ?

ବର୍ତମାନ ସାରା ଓଡିଶାରେ-ଗାଁ-ଗଣ୍ଡା, ସହର, ବଜାର ସବୁଆଡେ ଚାଷୀ, ଶ୍ରମିକ, ଛାତ୍ର, ଯୁବକ, ମହିଳା, କୃଷିଶ୍ରମିକ ପ୍ରବଳ ଆଶାନ୍ତି, ଅସନ୍ତୋଷର ବହ୍ନିରେ ପ୍ରଜ୍ୱଳିତ । ସେମାନେ ଥରେ ଏକାଠି ହେଲେ, ସଠିକ୍ ନେତୃତ୍ୱ ମିଳିଲେ ସମସ୍ତଙ୍କୁ ସାବାଡ କରିଦେବେ । ହେଲେ ନେତା କାହିଁ ? ଯେଉଁ ନେତାମାନେ ଠାଏଁ ଠାଏଁ ସେମାନଙ୍କୁ ମତଉଛନ୍ତି– ତତଉଛନ୍ତି, ବାଟ ଜଣା ନଥିବାରୁ ଅବାଟରେ ନେଇ ହତାଶିଆ କରି ପକାଉଛନ୍ତି । ବାରମ୍ବାର ଲୋକେ ପ୍ରତିଶ୍ରୁତିର ପଦ୍ମତୋଳା ଶୁଣି ଶୁଣି ପ୍ରତାରିତ ହୋଇ ଭାଗ୍ୟକୁ ନିନ୍ଦୁଛନ୍ତି । ପରିବର୍ତନ ପାଇଁ ନୂଆ କିଛି କଥା କହିଲେ, ଏକଦମ୍ ଠିକ୍ ବୋଲି କହୁଛନ୍ତି । କିନ୍ତୁ ହଠାତ୍ ବାହାରି ପାରୁନାହାନ୍ତି । ଦୁର୍ନୀତି, ଚଂଚକତାରେ କୋଟି କୋଟି ଟଙ୍କା ମହଜୁଦ୍ ରଖିଥିବା ମତଲବୀ ନେତୃବର୍ଗଙ୍କ ନିଜସ୍ୱ ଭଡାଟିଆ ଗୁଣ୍ଡାବାହିନୀ ଓ ସରକାରୀ କଳର ଦମନ ଅତ୍ୟାଚାରକୁ ମୁକାବିଲା କରିବା ଅସମ୍ଭବ ବୋଲି ଲୋକେ ଭାବୁଛନ୍ତି । ଏ ଦୁନିଆରେ ଅସମ୍ଭବ ବୋଲି ଚିନ୍ତା କରିବା ହିଁ ପରାଜୟର ଲକ୍ଷଣ । ଯାହା ବାସ୍ତବ ସତ୍ୟ, ତାହା ନିଶ୍ଚିତ ସମ୍ଭବ । ଗଣଜାଗରଣର ନୂତନ ଅଧ୍ୟାୟ ସୃଷ୍ଟି ନହେଲେ ଦୃଷ୍ଟିଭଙ୍ଗୀ ବଦଳିପାରିବ ନାହିଁ । ଶାସନର ଢାଂଚା ବଦଳିପାରିବ ନାହିଁ- ରାଜନୀତିର ନୂଆ ରାସ୍ତା ଫିଟିପାରିବ ନାହିଁ । ଓଡିଶା ପଡିରହିଥିବ ଯେଉଁ ତିମିରେକୁ ସେଇ ତିମିରେ । ଆସନ୍ତୁ ଗୋଟିଏ ମଂଚରେ ଏକାଠି ହେବା । ବଜ୍ରମୁଷ୍ଟି ଉତ୍ତୋଳନ କରିବା । କ୍ଷମତାନ୍ଧ, କ୍ଷୁଧିତ ନେତୃତ୍ୱର କାଚଘର ସାମ୍ନାରେ ନିର୍ମାଣ କରିବା ନିର୍ଭୀକ ପ୍ରତିବାଦର ବିଶାଳ ପରମ୍ପରା ।

ଏ ବିଡମ୍ବିତ ବାସ୍ତବତାରୁ ନିଷ୍କୃତି ମିଳିବ କେବେ ? ଜନସାଧାରଣଙ୍କ ମଧ୍ୟରେ ଯେଉଁମାନେ ମେହନତୀ ମଣିଷ, ଶ୍ରମ-ସଂସ୍କୃତିର ସୂତ୍ରଧର–ସେମାନେ ସଂକଳ୍ପବଦ୍ଧ ହେଲେ ହିଁ ଓଡିଶାରୁ ଗୁଣ୍ଡାମାଫିଆ ସମର୍ଥିତ ରାଜନୈତିକ ଅପସଂସ୍କୃତିର ଉଚ୍ଛେଦ ହେବ–ସୃଷ୍ଟି ହେବ ନିର୍ଭୀକତାର ନୂତନ ପର୍ବ । କିନ୍ତୁ କେବଳ ବୌଦ୍ଧିକ ବିସ୍ଫୋରଣ ମାଧ୍ୟମରେ ଭାଷଣବାଜିର କୁହୁକରେ ବଦଳି ପାରିବ ନାହିଁ ଓଡିଶାର ଏ ନୈରାଶ୍ୟର ନକ୍‌ସା । ନିର୍ବାଚନ ସରିଯିବ - ପୁଣି ଘୋଟି ଆସିବ ସେଇ ଅମା ଅନ୍ଧକାର ରାତ୍ରି ।

ତେଣୁ ଭାରତବର୍ଷରେ ଜନଜାଗରଣର ଜୁଆର ଆସିବା ଦରକାର । ଓଡିଶା ଭୂଇଁରେ ସଚେତନ ସମୁଦାୟ ସଂଗଠିତ ହେବା ଦରକାର । ସବୁ ପ୍ରଗତିଶୀଳ ଶକ୍ତି ଏକତ୍ର ହୋଇ ଏକ ମଂଚରେ ଉପନୀତ ହେବା ଅପରିହାର୍ଯ୍ୟ । ତା'ହେଲେ ଯାଇ ନ୍ୟସ୍ତସ୍ୱାର୍ଥ ରାଜନୀତିର ଅନ୍ତ ହେବ- ଅବସାନ ଘଟିବ ଏକ କଳଙ୍କିତ ରାଜନୈତିକ ଅପସଂସ୍କୃତିର ।

*–ଯାଜପୁର ରୋଡ, ଯାଜପୁର*
*ମୋ: ୯୮୬୧୦୩୪୧୬୩*

# ବିଶ୍ୱଶାନ୍ତିରେ ମିଳିତ ଜାତିସଂଘର ଭୂମିକା



**କି**ଛିଟା ସ୍ୱାର୍ଥ ବା ଅନଧିକାରକୁ ସାବ୍ୟସ୍ତ କରିବା ନିମନ୍ତେ ଆମ ଭିତରେ ସଂଘର୍ଷ ଲାଗିରହିଛି । ଏହି ସଂଘର୍ଷ ବା ସଂଗ୍ରାମ ଫଳରେ ଆମର ଶାନ୍ତି ଓ ନିରାପତା ଆଦି ବିପନ୍ନ । କାହାକୁ ବିଶ୍ୱାସ କରି ବଂଚିବାରେ ଆମର ଆଉ ଆଶା ଓ ଭରସା ପାଉନି ଏବେ ଯୁଦ୍ଧ କରି ବଂଚ, ନୋହିଲେ ମର । ଏହାହିଁ ଚାଲିଛି ବ୍ୟକ୍ତିଙ୍କ ଠାରୁ ଆରମ୍ଭ କରି ସମାଜ ଓ ବିଶ୍ୱଯାଏଁ । ଆମେ ଯେଉଁ ଯୁଦ୍ଧରେ ବ୍ୟାପୃତ ହେଉ, ତାହା ଚାରି ଭାଗରେ ବିଭକ୍ତ । ପ୍ରଥମଟି ହେଲା : ଲଢ଼େଇ ବା ଦ୍ୱନ୍ଦ୍ୱ ଯୁଦ୍ଧ ଯେଉଁଥିରେ ଦୁଇଜଣ ସଂପୃକ୍ତ । ଦ୍ୱିତୀୟଟି ରଣ ବା ସମର ଯେଉଁଥିରେ ଦୁଇଟି ଦଳ ସଂପୃକ୍ତ : ତୃତୀୟ ଯୁଦ୍ଧଟି ଯେଉଁଥିରେ ଦୁଇଟି ଦେଶ ସଂପୃକ୍ତ ଏବଂ ଚତୁର୍ଥଟି ମହାସମର ବା ବିଶ୍ୱଯୁଦ୍ଧ ଯେଉଁଥିରେ ସମଗ୍ର ବିଶ୍ୱର ରାଷ୍ଟ୍ରମାନେ ଦୁଇ ବା ତତୋଽଧିକ ଗୋଷ୍ଠୀ ହୋଇ ଲଢ଼ନ୍ତି । ପ୍ରଥମଟି ସ୍ୱଳ୍ପକାଳୀନ ବେଳେ ଅନ୍ୟଗୁଡିକ ଦୀର୍ଘକାଳୀନ । ଯୁଦ୍ଧରେ ଜିତାପଟ ଅଛି ଅଥଚ ଉଭୟ ପଟ ପ୍ରଚୁର କ୍ଷତି ସହନ୍ତି । ଜିତିବା ନାଁରେ କେହି ଜଣେ ହାରେ ଏବଂ ହାରିବା ନାଁରେ କେହି ବି ଜିତେ । ଯୁଦ୍ଧର କାରଣକୁ ଅଭାବ, ଅନାଟନ, ଅର୍ଥନୈତିକ ଓ ସାମାଜିକ ସମସ୍ୟାମାନ ଦେଖାଯାଏ ଏହା ସତ୍ୟ । ପୂର୍ବ ଯୁଦ୍ଧର ନୀତି ନିୟମ ଥିଲା ଯେମିତି ସୂର୍ଯ୍ୟାସ୍ତ ପରେ ଯୁଦ୍ଧ ବନ୍ଦ, ଯୁଦ୍ଧରେ ଶିଶୁ, ମହିଳା, ବୃଦ୍ଧ, ସାଧାରଣ ପ୍ରଜା, କୃଷିକ୍ଷେତ୍ର, ପଶୁସଂପଦ, ସର୍ବସାଧାରଣ ଅନୁଷ୍ଠାନ ଏମିତିକି ପରିବେଶ ଯେପରି ପ୍ରଦୂଷିତ ଓ ପ୍ରଭାବିତ ନହୁଏ ତାହା ଦେଖିବା କଥା । ଏବେ ଯୁଦ୍ଧ ପାରମ୍ପରିକ ଶୈଳୀ ଓ ଅସ୍ତ୍ର ଠାରୁ ବଳେଇଯାଇ ଗୁଳି, ଗୋଳା, କମାଣ, ପରମାଣୁ ବୋମା, ଲେଜର ରଶ୍ମି ଏବଂ ରାସାୟନିକ ଅସ୍ତ୍ରରେ ପହଂଚିଗଲାଣି ଯାହାର ପ୍ରୟାସରେ ଜଳ, ସ୍ଥଳ, ବାୟୁ କେହିବି ବାଦ୍ ପଡ଼ନ୍ତି ନାହିଁ । ସମସ୍ତେ ଆଧୁନିକ ଯୁଦ୍ଧରେ ଶିକାର । ପ୍ରଥମ ବିଶ୍ୱଯୁଦ୍ଧ ବେଳେ, ଗୁଳି, ଗୋଳା କମାଣ ଓ ଟ୍ରେଂଚର ପ୍ରୟୋଗ ଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଆମେରିକାର ପରମାଣୁ ବୋମାର ପ୍ରୟୋଗ ଯଥାକ୍ରମେ ଅଗଷ୍ଟ ୬ରେ ହିରୋସୀମା ଓ ଅଗଷ୍ଟ ୯, ୧୯୪୫ରେ ନାଗାସାକିରେ ପ୍ରମାଣ କରିଦେଲା ଯେ ଏଣିକି ବିଶ୍ୱଯୁଦ୍ଧ ହେଲେ ପୃଥିବୀ ଧ୍ୱଂସ ହେବା ଅନିର୍ବାର୍ଯ୍ୟ । ପରମାଣୁ ବୋମାର ଉଦ୍ଭାବକ ଏଇନ୍‌ଷ୍ଟେନ ନିଜେ ଘୋଷଣା କରିଛନ୍ତି ଯେ ଯଦି ତୃତୀୟ ବିଶ୍ୱଯୁଦ୍ଧ ହୁଏ, ଧରିତ୍ରୀରୁ ମାନବ ଜାତି ପୁରା ଧ୍ୱଂସ ହୋଇଯିବ । ଏଣୁ ଏହାର ହିଂସାତ୍ମକ ପ୍ରୟୋଗ ବନ୍ଦ କର । ଏହିସବୁ କାରଣରୁ ପୃଥିବୀର ଶାନ୍ତି ପ୍ରତିଷ୍ଠା ପାଇଁ ତଥା ଏକ ବିଶ୍ୱସ୍ତରୀୟ ପରିବାର ଗଠନର ଉଦ୍ଦେଶ୍ୟରେ ଏକ ଅନୁଷ୍ଠାନର ଆବଶ୍ୟକତା ପଡ଼ିଲା । ଏଣୁ ପ୍ରଥମ ବିଶ୍ୱଯୁଦ୍ଧ ୧୯୧୪-୧୯୧୮ ପରେ ୧୯୧୯ରେ ଆମେରିକାର ରାଷ୍ଟ୍ରପତି ଉଡ୍ରୋଉଇଲସନ୍‌ଙ୍କ ପ୍ରସ୍ତାବ କ୍ରମେ ପ୍ୟାରିସ୍ ଶାନ୍ତି ସମ୍ମିଳନୀରେ ଏକ ସେହିପରି ସଂସ୍ଥା ଗଠନର ପ୍ରସ୍ତାବ ଦିଆଗଲା ଏବଂ ଗଠନ ହେଲା ଏହି ସଂସ୍ଥାର ନାମ ଥିଲା ବିଶ୍ୱ ଜାତିସଂଘ ଲିଗ୍ ଅଫ୍ ନେସନ୍ । ଦୁଃଖର ବିଷୟ ଯେ ଏ ସଂସ୍ଥା କିଛି ପାରିଲା ନାହିଁ । ଏହାର ପ୍ରସ୍ତାବକ ଆମେରିକା ନିଜେ ଏଥିରେ ସଭ୍ୟ ନଥିଲା ଏବଂ ଏହାର କିଛି ସଭ୍ୟ ଏହାର ନୀତିକୁ ଭଗ୍ନ କରି ଏହାକୁ ନିଜର ହାତ ବାରିସ ରୂପେ ବ୍ୟବହାର କଲେ । ଏପଟେ ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ଏବଂ ଏହି ସଂସ୍ଥାର ମୃତ୍ୟୁ ଘଟିଲା । ତଥାପି ଏମିତି ଏକ ସଂସ୍ଥାର ସ୍ୱପ୍ନ ଆଶା ମଉଳିଲା ନାହିଁ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିଲା ବେଳେ ଆମେରିକାର ପ୍ରେସିଡେନ୍‌ଟ ରୁଜ୍ ଭେଲ୍‌ଟ ଏବଂ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ ପୁଣି ଏହିପରି ଏକ ଅନୁଷ୍ଠାନର ଆଶା ନେଇ ଆଟଲାନ୍‌ଟିକ୍ ମହାସାଗରର ନିଉ ଫାଉଣ୍ଡ ଠାରେ ଲ୍ୟାଣ୍ଡପରେ ଏକ ଜାହାଜରେ ମିଳିତ ହେଲେ ଏବଂ ତାଙ୍କ ସଂପର୍କୀତ ଆଲୋଚନାକୁ ଆଟ୍‌ଲାନ୍‌ଟିକ୍ ଚାର୍ଟର ୧୯୪୧ ବୋଲି ଅଭିହିତ କଲେ । ଏହାପରେ ୧୯୪୩ ନଭେମ୍ବରରେ ଉଇଏସ୍‌ଏସ୍‌ଆର୍, ଚୀନ୍, ଇଂଲଣ୍ଡ ଆଦିର ବୈଦେଶିକ ମନ୍ତ୍ରୀମାନେ ମସ୍କୋଠାରେ ଏକାଠି ହୋଇ ଏହି ବିଶ୍ୱସ୍ତରୀୟ ଅନୁଷ୍ଠାନ ଉପରେ ଆଲୋଚନା କଲେ ଯିଏକି ବିଶ୍ୱଶାନ୍ତି ରଖିବାରେ ସହାୟକ ହେବ । ୧୯୪୪ ଅକ୍ଟୋବରରେ ୟୁଏସ୍‌ଏ (ଯୁକ୍ତରାଷ୍ଟ୍ର ଆମେରିକା), ଇଂଲଣ୍ଡ, ଚାଇନା, ଫ୍ରାନ୍ସ ଏବଂ ୟୁଏସ୍‌ଏସ୍ ଆର୍ ପ୍ରତିନିଧିମାନେ ଡମ୍ବରଟନ୍ ଓକ୍‌ସ ୱାଶିଂଟନ୍ ଠାରେ ଏକାଠି ହୋଇ ଏକ ଅନୁଷ୍ଠାନର ନାମକରଣ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥାର ରୂପରେଖ ପ୍ରସ୍ତୁତି କଲେ । ଏହାର ନାମ ରଖାଗଲା ମିଳିତ ଜାତିସଂଘ । ଏହାପରେ ଏପ୍ରିଲ୍ ୧୯୪୫ରୁ ଜୁନ୍ ୧୯୪୫ ଯାଏ ୫୦ଟି ଦେଶର ପ୍ରତିନିଧିତ୍ୱକୁ ନେଇ ସାନ୍‌ଫ୍ରାନ୍‌ସିକ୍ୱୋ ଠାରେ ଏହା ଉପରେ ଆଲୋଚନା ହେଲା ଏବଂ ୨୪ ଅକ୍ଟୋବର ୧୯୪୫ରେ ଏହାକୁ ମିଳିତ ଜାତିସଂଘ ରୂପେ ଘୋଷଣା କରାଗଲା । ସେବେଠୁ ଏହି ଦିନଟି ମିଳିତ ଜାତିସଂଘ ଦିବସ ରୂପେ ପ୍ରତିବର୍ଷ ୨୪ ଅକ୍ଟୋବରରେ ପାଳିତ ହୁଏ । ଏହାର ସ୍ୱତନ୍ତ୍ର ପତାକାଟିଏ ଅଛି । ଏହାକୁ ୧୯୪୭ ମସିହାଠାରୁ କାର୍ଯ୍ୟକାରୀ କରାଯାଉଛି । ଏହି ପତାକାଟି ନୀଳରଂଗର ମଝିରେ ପୃଥିବୀ ମାନଚିତ୍ର ଏବଂ ଦୁଇପଟ ଧାରରେ ଦୁଇଟି ଧଳା ଅଳିଭା ଡାଳର ଚିତ୍ର ।



**ମିଳିତ ଜାତିସଂଘ ଗଠନର ଉଦ୍ଦେଶ୍ୟ:** ୧. ଆନ୍ତର୍ଜାତିକ ଶାନ୍ତି ଓ ନିରାପତା ବଜାୟ ରଖିବା । ୨. ପୃଥିବୀର ଦେଶ ଦେଶ ମଧ୍ୟରେ ବନ୍ଧୁତ୍ୱ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ସୃଷ୍ଟି କରିବା । ୩. ମାନବିକ ଅଧିକାର ଏବଂ ମର୍ଯ୍ୟାଦାସଂପନ୍ନ ସୌହାର୍ଦ୍ଦ ପାଇଁ ସହାୟକ ହେବ । ୪. ସର୍ବୋପରି ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ, ମାନବୀୟ ସମସ୍ୟାର ସମାଧାନ ପାଇଁ ସହାୟକ ହେବା ତଥା ଏକ ସହଯୋଗର ପରିବେଶ ସୃଷ୍ଟି କରିବା ଇତ୍ୟାଦି ।

ଏହାର ମୂଳ ସଭ୍ୟ ସଂଖ୍ୟା ଥିଲେ ୫୧ । ବର୍ତମାନ ସାଧାରଣ ପରିଷଦ ସଭ୍ୟ ସଂଖ୍ୟା ୧୯୩ । ଏହାର ସୁପରିଚାଳନା ନିମନ୍ତେ ସାଧାରଣ , ନିରାପତା ପରିଷଦ, ଅର୍ଥନୈତିକ ଓ ସାମାଜିକ ପରିଷଦ, ମାର୍ଫତଦାର ପରିଷଦ, ଆନ୍ତର୍ଜାତିକ ନ୍ୟାୟାଳୟ ଏବଂ ସଚିବାଳୟ ଇତ୍ୟାଦି ଅଛି । ଏହାର ନିରାପତା ପରିଷଦଟି ସବୁଠୁ ଗୁରୁତ୍ୱପୂର୍ଣ୍ଣ ଏହାର ନିଷ୍ପତି ହିଁ ଶିରୋଧାର୍ଯ୍ୟ । ପ୍ରଥମେ ଏହାର ସଭ୍ୟ ସଂଖ୍ୟା ୧୧ ଥିଲେ । ବର୍ତମାନ ୧୫ ମାତ୍ର । ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଚୀନ୍, ଇଂଲଣ୍ଡ ଓ ଚୀନାମାନଙ୍କୁ ଏକ ବିଶେଷ କ୍ଷମତା ଦିଆଯାଇଛି ଏହାକୁ ଭେଟୋ କୁହନ୍ତି । କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତିକୁ ଏମାନଙ୍କ ମଧ୍ୟରୁ ଜଣେ ନାରାଜ ହେଲେ, ପ୍ରସ୍ତାବଟି କାଟ୍ ଖାଇଯାଏ । ଏଣୁ ଏହା ଶାନ୍ତି ଓ ନିରାପତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ହେଲେ ହେଁ ବ୍ୟକ୍ତିଗତ ସ୍ୱାର୍ଥକୁ ନେଇ ଶାନ୍ତି ଭଗ୍ନ ହେବାର ପ୍ରଶ୍ନ ଉଠେ । ଏବେ ସବୁଠି ଶୀତଳ ଯୁଦ୍ଧ । ଏବେ ଯେହାଦୀ, ଆତଙ୍କବାଦୀ, ମାଓବାଦୀ ଓ ତାଲିବାନ୍‌ଙ୍କୁ ଭୟ । ଜାତିସଂଘ ଏମାନଙ୍କ କବଳରୁ ଆମକୁ ନିରାପତା ଦେବ ତ ? ତଥାପି ବିଶ୍ୱରେ ଶାନ୍ତି ଓ ନିରାପତା ପାଇଁ ଏହା ଏକମାତ୍ର ବିଶ୍ୱସନୀୟ ଅନୁଷ୍ଠାନ । ଜଗତୀକରଣ ପ୍ରକ୍ରିୟାରେ ଏବଂ ବିଶ୍ୱପରିବାର ବା ବସୁଧୈବ କୁଟୁମ୍ବକମ୍ ଗଠନ ପାଇଁ ଏହା ଏକମାତ୍ର ଭରସା । ଆସନ୍ତୁ ଏହାକୁ ଶକ୍ତିଶାଳୀ କରାଇବାରେ ସହଯୋଗ କରିବା ।


**ବିପିନବିହାରୀ ମହାନ୍ତି,**
**ଅଧ୍ୟକ୍ଷ, ଓଡିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ**

# ଜାତିସଂଘ ଗଠନର ସଫଳତା



**ରା**ଷ୍ଟ୍ରୀୟ ଜୀବନରେ ଯୁଦ୍ଧ ଓ ଶାନ୍ତି ହେଉଛି ଦୁଇଟି ଦିଗ । ଇତିହାସରେ ଯୁଦ୍ଧ ଯେଭଳି ଅନିବାର୍ଯ୍ୟ, ଶାନ୍ତି, ମଧ୍ୟ ସେଭଳି ଅପରିହାର୍ଯ୍ୟ । ଦଗ୍ଧିଭୂତ ମାନବିକତାର କରୁଣ ଚିତ୍କାର ମଧ୍ୟରେ ପ୍ରତଧ୍ୱନିତ ହେଲା "ଶାନ୍ତି" । ସେଇ ଶାନ୍ତି କାମନାରୁ ଜନ୍ମ ନେଲା "ଜାତିସଂଘ" । ଭବିଷ୍ୟତ ପୃଥିବୀର ଶାନ୍ତି ସମ୍ଭାବନାକୁ କିପରି ଅକ୍ଷର ଅକ୍ଷରେ ପାଳନ କରାଯାଇପାରିବ ତା ସହ ମୈତ୍ରୀ ଓ ପ୍ରୀତିର ବୀଜ ବୁଣି ହେବ, ସେଥିପ୍ରତି ପ୍ରୟାସ ଜାରି ରଖିଛି, ଜାତିସଂଘ ।

ଏଥିପାଇଁ ତ' ଶାନ୍ତିକାମୀ ରାଷ୍ଟ୍ରମାନେ ଗଠନ କଲେ, ଜାତିସଂଘ । ପ୍ରଥମ ଯୁଦ୍ଧ (ମହା ତଥା ବିଶ୍ୱ) ଚାଲିଥିଲାବେଳେ, ପୃଥିବୀ କିଭଳି ଧ୍ୱଂସ ବିଭିଷୀକା ମଧ୍ୟରୁ ରକ୍ଷା ପାଇବ, ସେଥିପାଇଁ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଉଡ୍ରୋଇଇଲସନ୍ ଗଭୀର ଭାବେ ଚିନ୍ତା କରିଥିଲେ । ତାଙ୍କରି ଚେଷ୍ଟା ଯୋଗୁଁ ୩୨ଟି ରାଷ୍ଟ୍ରର ପ୍ରତିନିଧିଙ୍କ ସ୍ୱାକ୍ଷରରେ 'ଲିଗ୍ ଅଫ୍ ନେସନସ୍' ନାମରେ ଗୋଟିଏ ଅନୁଷ୍ଠାନ ଗଠନ କରାଯାଇଥିଲା । କିନ୍ତୁ ସଭ୍ୟ ରାଷ୍ଟ୍ରମାନେ ଅନୁଷ୍ଠାନର ଆଦର୍ଶ ଓ ଆଭିମୁଖ୍ୟ ପ୍ରତି ଆନ୍ତରିକତା ପ୍ରଦର୍ଶନ କରିନଥିଲେ । ତା'ପରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ରୁଜଭେଲଟ୍ ୧୯୪୨ ମସିହା ଜାନୁଆରୀରେ ୨୬ଟି ରାଷ୍ଟ୍ରକୁ ନେଇ ଏକ ଘୋଷଣାନାମାରେ ସ୍ୱାକ୍ଷର କରାଇଥିଲେ । ଯୁଦ୍ଧ ପରେ ୧୯୪୫ ମସିହା ଜୁନ୍‌ରେ ସାନଫ୍ରାନ୍‌ସିସ୍‌କୋଠାରେ ୫୦ଟି ରାଷ୍ଟ୍ରର ପ୍ରତିନିଧି ଏକତ୍ର ହୋଇ ଜାତିସଂଘ ଗଠନ ଉଦ୍ଦେଶ୍ୟରେ ଏକ ସନନ୍ଦରେ ସ୍ୱାକ୍ଷର କଲେ । ସେତେବେଳେ ବୃହତ ତ୍ରୀ-ଶକ୍ତି 'ଚର୍ଚ୍ଚିଲ ରୁଜ୍‌ଭେଲଟ୍ ଏବଂ ଷ୍ଟାଲିନ୍'ଙ୍କ ନେତୃତ୍ୱରେ ୧୯୪୫ ମସିହା ଅକ୍ଟୋବର ମାସ ୨୪ ତାରିଖ ଦିନ ଆନୁଷ୍ଠାନିକ ଭାବେ ଏହି ସଂଘ କାର୍ଯ୍ୟ ଆରମ୍ଭ କଲା । ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଏକ ଅଗ୍ରଦୂତ ଭୂମିକାରେ ଅବତୀର୍ଣ୍ଣ ହେଲା ଏହି ସଂଘ । ବର୍ତମାନ ଏହି ଜାତିସଂଘରେ ସଭ୍ୟ ସଂଖ୍ୟା ୧୯୨ରେ ପହଂଚିଛି । ଆମେରିକାର ନିଉୟର୍କ ସହରରେ ଜାତିସଂଘର ସଦର କାର୍ଯ୍ୟାଳୟ ଏକ ସୂ-ଉଚ୍ଚ ୩୯ ମହଲା ଅଟ୍ଟାଳିକାରେ ଅବସ୍ଥିତ । ଜାତିସଂଘର କାର୍ଯ୍ୟକାରୀ ଭାଷା ଭାବରେ ଚୀନ, ଇଂରାଜି, ଫ୍ରେଂଚ, ଋଷୀୟ ଓ ସ୍ପେନୀୟ ଭାଷାକୁ ସ୍ୱୀକୃତି ମିଳିଛି ।




ଜାତିସଂଘର ପ୍ରଧାନ ଆଭିମୁଖ୍ୟ (୧) ଆନ୍ତର୍ଜାତିକ ଶାନ୍ତି ପ୍ରତିଷ୍ଠା ଓ ନିରାପତା ରକ୍ଷା (୨) ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ପାରସ୍ପରିକ ମୈତ୍ରୀ ଓ ସୌହାର୍ଯ୍ୟ ସ୍ଥାପନ (୩) ଆନ୍ତର୍ଜାତୀୟ ସ୍ତରରେ ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ ତଥା ନୈତିକ ଅଭିବୃଦ୍ଧିରେ ସାହାଯ୍ୟ କରି ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କୁ ନ୍ୟାୟା ମାନବିଧିକାର ପ୍ରଦାନ (୪) ଏହି ଲକ୍ଷ୍ୟ ଓ ଆଦର୍ଶକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଭିନ୍ନ ଦେଶମାନଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରିବ । ବର୍ତମାନ ଜାତିସଂଘର କାର୍ଯ୍ୟ ଏ ସବୁ ବ୍ୟତୀତ ବହୁମୁଖୀ ହୋଇ ଉଠିଛି ।


ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଅଧିକାର ହୋଇଥିବାରୁ ଜାତିସଂଘର 'ପ୍ରସ୍ତାବନା'ରେ ସମସ୍ତ ନାଗରିକଙ୍କୁ ସ୍ୱତନ୍ତ୍ରତା, ନ୍ୟାୟ ଓ ସମାନତା ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି । ନାଗରିକ ଅଧିକାର, ବ୍ୟକ୍ତି, ମର୍ଯ୍ୟାଦା, ବ୍ୟକ୍ତିର ଅନ୍ତର୍ନିହିତ ଗୁଣାବଳୀର ବିକାଶ ଦିଗରେ ବିଶ୍ୱ ସଂଗଠନ କାର୍ଯ୍ୟ କରିଆସୁଛି । ୧୯୪୮ରେ ଜାତିସଂଘର ସାଧାରଣ ଅଧିବେଶନରେ ମାନବିକ ଅଧିକାର ସମ୍ବନ୍ଧୀୟ ଏକ ଘୋଷଣାନାମା ପ୍ରକାଶ କରାଗଲା ଯେଉଁଥିରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଲିଙ୍ଗ, ରାଷ୍ଟ୍ର, ନିର୍ବିଶେଷରେ ପ୍ରତ୍ୟେକ ମାନବକୁ ସମାନ ଅଧିକାର ଓ ସ୍ୱାତନ୍ତ୍ର୍ୟ ଦିଆଯିବାର ବ୍ୟବସ୍ଥା ରହିଛି । ଶିଶୁମାନଙ୍କ ଅଧିକାର ଏବଂ ମହିଳାଙ୍କର ସୁରକ୍ଷା କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି 'ଜାତିସଂଘ' ।

ଆନ୍ତର୍ଜାତିକ ଶାନ୍ତି, ଶୃଙ୍ଖଳା ଓ ନିରାପତା ରକ୍ଷା ଦୃଷ୍ଟିରୁ ନିରାପତା ପରିଷଦର କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ । ଜାତିସଂଘରେ ବାର୍ଷିକ ବଜେଟ ପ୍ରସ୍ତୁତି କରାଯାଏ । ସଭ୍ୟରାଷ୍ଟ୍ରମାନେ ହିଁ ଜାତିସଂଘର ଖର୍ଚ୍ଚ ପାଇଁ ଅର୍ଥ ଦିଅନ୍ତି ।

ବିଶ୍ୱ ବ୍ୟାଙ୍କ୍, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଖାଦ୍ୟ ଓ କୃଷି ସଂଗଠନ, ସାମାଜିକ ଓ ସାଂସ୍କୃତିକ ସଂଗଠନ, ଶିଶୁ କଲ୍ୟାଣ ପାଣ୍ଠି, ବାଣିଜ୍ୟ ସଂସ୍ଥା, ବେସାମରିକ ବିମାନ ଚଳାଚଳ ସଂସ୍ଥା, ଶିକ୍ଷା ବିଜ୍ଞାନ ଓ ଗବେଷଣା ସଂସ୍ଥା, ପ୍ରାକୃତିକ ଦୁର୍ବିପାକ ସାହାଯ୍ୟ ସଂସ୍ଥା, ଶିଳ୍ପ ବିକାଶ ସଂସ୍ଥା ଆଦି ଜାତିସଂଘରେ ରହି କାର୍ଯ୍ୟ କରୁଛି । ଦିନକୁ ଦିନ ଜାତିସଂଘର ଗଠନମୂଳକ କାର୍ଯ୍ୟକ୍ରମ ବଢିବା ସଙ୍ଗେ ସଙ୍ଗେ ତଦନୁଯାୟୀ ଅଧୀନସ୍ଥ ଅନୁଷ୍ଠାନଗୁଡିକର ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଯେଉଁ ମୌଳିକ ଲକ୍ଷ୍ୟ ଓ ଆଦର୍ଶ ନେଇ ଜାତିସଂଘ ପ୍ରତିଷ୍ଠା ହୋଇଥିଲା, ତାହା କେତେଦୂର ପୂରଣ ହୋଇପାରିଛି, ତାହା ଦେଖିବାର ବାକି ରହିଲା । ପୃଥିବୀରେ ଯୁଦ୍ଧ ଉତ୍ତେଜନା ହ୍ରାସ ଓ ଶାନ୍ତି ପ୍ରତିଷ୍ଠା ଦିଗରେ ବାସ୍ତବରେ ଜାତିସଂଘ ଅନେକ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଆଜିର ପ୍ରତିଷ୍ଠା ଦିବସରେ ଏହି ସଫଳତା ହାସଲ ସ୍ମରଣୀୟ ।

**ସୌଭାଗ୍ୟ ରଂଜନ ମହାନ୍ତି (ରାଜା),** ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

# ସାହିତ୍ୟ ଦର୍ପଣ



## ଭରସାଟାଇଲ ଅଭିନେତା ଅଶ୍ରୁମୋଚନ ମହାନ୍ତିଙ୍କ ସହ ସ୍ୱତନ୍ତ୍ର ସାକ୍ଷାତକାର

ନିଜର ଜୀବନ୍ତ ଅଭିନୟ କଳା ଓ ନିଆରା ହସ ପାଇଁ ବିଗତ ତିନି ଦସନ୍ଧି ଧରି ଦର୍ଶକ ଙ୍କ ମନରେ ଘର କରି ରହିଛନ୍ତି ଅଶ୍ରୁମୋଚନ ମହାନ୍ତି ।ଆଜି ତାଙ୍କ ସହ କିଛି କଥପକଥନ।

**ପ୍ରଶ୍ନ : ଥେଟର ଆରମ୍ଭ କରି ଫିଲ୍ମ ଏକ ଲମ୍ବା କାରୀୟର,କେତେ ସଂଘର୍ଷମୟ ଥିଲା ଯାତ୍ରା ?**

ଉତ୍ତର- ସଂଘର୍ଷ ସବୁବେଳେ ରହିଥାଏ ଛୋଟ କାମ ହେଉ କି ବଡ କାମ ।ପ୍ରଥମେ ଥେଟର କରିବା ପାଇଁ ଆସିଥିଲି ମୁଁ ଗାଁ ରୁ। ଏଠି ପିଜି ପର୍ଯ୍ୟନ୍ତ ପାଠ ପଢ଼ିଲି ନାଟକ ରେ ପ୍ରଥମେ ମେକପ କଳାକାର ଭାବେ କାମ କଲି,କାରଣ ସେତେବେଳେ ସିନେମା ରେ କାମ କରିବା ପାଇଁ ଭଲ ଚେହେରା ଆଉ ବାକଗ୍ରାଉଣ୍ଡ ଦରକାର ଥିଲା ଯାହା ମୋ ପାଖେ ନଥିଲା। ପରେ ଶତାବ୍ଦୀ ଭବନ ରେ ନାଟକ କଲି, ଉତ୍କଳ ମହାବିଦ୍ୟାଳୟ ରେ ନାଟକ କଲି ରେଡ଼ିଓ କଳାକାର ହେଲି ପରେ ସିନେମା ଆଉ ସିରିଏଲ ରେ କାମ ପାଇଲି।



ବୁବୁନ କୁମାର ପଣ୍ଡା

**ପ୍ରଶ୍ନ : ଅଭିନୟ କୁ ପେଶା କରି ବଞ୍ଚିବା କେତେ କଷ୍ଟକର ?**

ଉତ୍ତର- କଷ୍ଟ ସବୁଥିରେ ଅଛି ଆଜ୍ଞା, ଆପଣ ଆଇ ଏସ ଅଫିସର ହେଲେ ବି ସେଥିରେ କଷ୍ଟ ଅଛି ।ଆମ ଲାଇନି ଟିକେ ଅଲଗା ମିଠା ଜହର ପରି।

**ପ୍ରଶ୍ନ: ଅଶ୍ରୁମୋଚନ ଙ୍କ ଡାକ ନାମକଣ ?**

ଉତ୍ତର- ଟୁଟୁ ବୋଲି ସମସ୍ତେ ଡାକନ୍ତି।

**ପ୍ରଶ୍ନ : ଅଭିନୟ କାରୀୟର ଭିତରେ କୋଉ ଚରିତ୍ର କୁ ନେଇ ଆତ୍ମତୃପ୍ତି ପାଇଛନ୍ତି ?**

ଉତ୍ତର- ଯଙ୍ଗରି ଯଙ୍ଗମ୍ୟାନ ଚରିତ୍ର ପାଇଲେ ଖୁସିଲାଗେ କରିବା ପାଇଁ।

**ପ୍ରଶ୍ନ :ଅଶ୍ରୁମୋଚନ ଙ୍କ ପିଲାଦିନ କୋଉଠି ଆଉ କେମିତି କଟିଛି ?**

ଉତ୍ତର- ମୋ ଘର ଆଜ୍ଞା ଆନନ୍ଦପୁର ଓରାଳୀ ।ସେଇଠି ଜନ୍ମ ହେଲି ଆଉ ସେଇଠି ସ୍କୁଲ ପଢ଼ିଲି ବହୁତ ଭଲ ରେ କଟିଛି ।

**ପ୍ରଶ୍ନ : ଆଗଭଳି ଓଡ଼ିଆ ଫିଲ୍ମ ର ଆଦର ନାହିଁ ଏହାର କାରଣ କଣ କହିବେ ?**

ଉତ୍ତର-ଗପ ଭଲ ରହୁନି ଯାହା ବି ହଉଛି ସବୁ କପି



କରାଯାଉଛି ।ପ୍ରଯୋଜକ ଆଉ ନିର୍ଦ୍ଦେଶକ ଙ୍କ ମନ ର ଅଭାବ ଯୋଗୁଁ ଏମିତି ହଉଛି ।କଳାକାର ଙ୍କ ଅଭାବ ନାଇଁ ଆମ ପାଖେ।

**ପ୍ରଶ୍ନ :ଅଶ୍ରୁମୋଚନ ଙ୍କ ପ୍ରିୟ ଅଭିନେତା କିଏ ?**

ଉତ୍ତର-ପ୍ରିୟ ଅଭିନେତା ହିସାବ ରେ ହେମନ୍ତ ଦାସ, ଶ୍ରୀରାମ ସ୍ୱାଇଁ, ଦୁଖୀରାମ ସ୍ୱାଇଁ, ନେତ୍ରାନନ୍ଦ ମିଶ୍ର, ଶରତ ପୂଝାରୀ,ପ୍ରଶାନ୍ତ ନନ୍ଦ, ବିଜୟ ମହାନ୍ତି ଭଲ ଲାଗନ୍ତି।

**ପ୍ରଶ୍ନ : ଯୁବ ଅଭିନେତା ପାଇଁ କଣ କହିବେ ?**

ଉତ୍ତର-ଯିଏ ବି ଆସୁଛନ୍ତି ଲାଇନି କୁ ନିଜକୁ ବାଟରେ ରଖି ଚାଲନ୍ତୁ ।ଭଲ ଜାଗା ତାକୁ ଖରାପ କରି ଦିଅନ୍ତୁନି।

**ପ୍ରଶ : ଅଶ୍ରୁମୋଚନ ଙ୍କ ସୁଖ କଣ ?**

ଉତ୍ତର- ଜାତୀୟ ପୁରସ୍କାର ପାଇପାରିନି ସେଇଟା ଦୁଃଖ ମନନୀତ ହୋଇ ବି କଟିଯାଇଛି।

**ପ୍ରଶ୍ନ : ଆଗକୁ ଆମେ ଅଶ୍ରୁମୋଚନ ଙ୍କୁ କୋଇଥିରେ ଦେଖିବାକୁ ପାଇବୁ।**

ଉତ୍ତର- ମନେ ମନେ ମନ ଖୋଜୁଛି ସିନେମା ଆସୁଛି ଆଉ ଇଉଟୁବ ରେ ଗାଁ ଅଭିଯାନ ପ୍ରୋଗ୍ରାମ ଚାଲିଛି।

*(ପର୍ଯ୍ୟବେକ୍ଷକ ପ୍ରତିନିଧି,କଟକ)*

## ରୂପବତୀ ଶରତ

ରାହାସ କୁମାର ବେହେରା



କାଶତଣ୍ଡୀର ନହକା ଚାହାଣି
ଧୋବ ଫରଫର କୁଆଁରୀ କାନି
ଫୁଲେଇ ଜହ୍ନର ଛନକା ଛାତିରେ
ଶରତ କହୁଛି ମିଠା କାହାଣୀ ।

ନୀଳ ଜୋଛନାର ସଫେଦ ମେଘରେ
ଚିଟାଉ ଲେଖୁଛି ଷୋଳ ବୟସୀ
ଚଢ଼ଉରା ମୂଳରେ ବଉଳ ସାଥିରେ
ଗାଉଛି ମୋ ଫୁଲ ବଉଳବେଣୀ ।

ଆ' ସଙ୍ଗାତୁଣୀ ସରଗ ପରୀ ଲୋ
ଝରା ଶେଫାଳି ମୋ ପୁନେଇଁ ଚାନ୍ଦ
ରାତିକ ପୀରତି ପରଦେଶୀଆ ତୋ
ବାସୁ ମନ୍ଦ ମନ୍ଦ ମିଳେ ଆନନ୍ଦ ।

ଛନକଇ ମନ କାକର ରାତିରେ
ଧରଣୀ ନାଉଛି ମୁକୁତା ଆଭା
ଧନ୍ୟ ତୁ ଶରତ ଅଦ୍ଭୁତ ବର୍ଣ୍ଣାଳୀ
ଲାଖିଯାଏ ଦେଖି ତୋ ରୂପ ଶୋଭା।

ବାଜେ ସାହାନାଇ ତୁହାଇ ତୁହାଇ
ରଙ୍ଗର ତୋରଣ ଯାଏ ଝଲସି
ଜଳୁଛି ଦୀପାଳି ସୁନ୍ଦର ରୋଷଣି
କି ଅମୃତ ବେଳା ଲାଗଇ ଖୁସି ।

ଋତୁ ମଧ୍ୟେ ତୁ ଯେ ରୂପବତୀ ଝିଅ
ସାରା ଅଗଣାକୁ ଆସିଛୁ ଚାଲି
ସ୍ମୃତି ଆଇନାରେ ରଖିବି ସାଇତି
ହୃଦ ପାନ୍ଥଶାଳା ଝରକା ଖୋଲି ।

ଆସେ ଢଳି ଢଳି ସୁନାର ସକାଳ
ଚକ ଚକ ଦିଶେ ସରସୀ ରାଣୀ
କାଚ କେନ୍ଦୁ ପାଣି ଚିତ୍ର ନିଏ କିଣି
ପ୍ରତିବିମ୍ବେ ଶୋହେ ମୁଖ ସାରଣୀ।

ମୃଦୁ ମୃଦୁ ଶୀତ ଅତି ମନୋରମ
ବହେ ସୁଖ ବାସ ଦୂର କାନନେ
ଫୁଟି ମଲ୍ଲି,ଚମ୍ପା,ଟଗର,ଗଇଣ
ତାଜା ଲାଗେ ମନ କରି ଯତନେ।

ଅପୂର୍ବ ସୁଷମା ପ୍ରକୃତିର ଧାରେ
ନିର୍ମଳ ଶୋଭାର ତୁ ଋତୁ ପରୀ
କବିର ଚାତୁରୀ ତୋ ଶ୍ରେଷ୍ଠ ଆଲେଖ୍ୟ
ଅପସରୀ ପିନ୍ଧୁ ରୁପା ଝାଲେରୀ ।

ବାଲ୍ୟାମ୍ବା,ଭାପୁର
ଢେଙ୍କାନାଳ: ୭୫୯୦୧୫
ମୋ:୯୪୩୮୧୧୪୩୬୮

## ଗୋଲାପ

ଶୁଭ୍ରାଂଶୁ ଶେଖର ପଟ୍ଟନାୟକ(ବିଟୁ)

ନୀଳ ଆକାଶ ନୀଳ ସାଗର
ସାଗର କୂଳରେ ପ୍ରିୟାର ଘର
ସବୁଜ ବଗିଚା ସବୁଜ ବନ
ମିଶିବାକୁ ହେଉଛି ମୋ ମନ

ବଗିଚାରେ ଅଛି ଗୋଲାପ ଫୁଲ
ଡାଳରେ କଣ୍ଟା ମାଳ ମାଳ
ଘର ସାମନାରେ ବସିଛି ମାଳି
ଛୁଁଇଲେ ହେବ ମାଡ଼ ଗାଳି

ଗୋଲାପ ଫୁଲ ଭାରି ସୁନ୍ଦର
କଣ୍ଟା ସାଜିଛନ୍ତି ମାଳି ପରିବାର
ମାଳି କରିଛି ବୀଜରୁ ଫୁଲ
ନିତି କରି କେତେ ଗେଲ

ଘରେ ଥିଲା ସେ ଅଳି ଅଳି
ସ୍ନେହର ରଙ୍ଗ ମୁହଁରେ ବୋଳି
ପିନ୍ଧି ଲାଲ ରଙ୍ଗ ଓଢ଼ଣୀ
ଲାଜେ ଦିଏ ବାଙ୍କ ଚାହାଣୀ

ବଗିଚାରେ ଅଛି ଫୁଲ ଅନେକ
ଗୋଲାପ ଅଟେ ଲକ୍ଷେରେ ଏକ
କଣ୍ଟା ବାଡ଼ରୁ ଆସିବ ମୁକୁଳି
ଆଖିରୁ ଲୁହ ଝରାଇବ ମାଳି

ଗୋଲାପକୁ ଦେଇ ପାଣି ପବନ
ନେବି ଗୋଲାପର ଅତି ଯତନ
ଆମ ଘରେ ସାଜିବି ରାଣୀ
ସମସ୍ତଙ୍କ ହୃଦୟ ଯିବ ଜିଣି

ଘର ମୋର ହେବ ଗୋଲାପି
ଜୀବନ କଟିବ ରାମନାମ ଜପି
ଗୋଲାପକୁ ଗଛରୁ ଦେଇ ତୋଳି
ମୋ ଜୀବନକୁ ଲଗେଇବି ବଳି

ବଗିଚାର ଗୋଲାପ ମୋ ଜୀବନ
ମୋ ଇଛା ପୂରଣ କରିଦିଅ ଭଗବାନ

ଶ୍ରୀକରଣ ସାହି, ପାରଳାଖେମୁଣ୍ଡି
ଜିଲ୍ଲା - ଗଜପତି, ଓଡ଼ିଶା, ଭାରତ
ପିନ୍ କୋଡ୍ - ୭୬୧୨୦୦

## ବୃକ୍ଷ : ବହୁଜନହିତାୟ

ସୁଦର୍ଶନ ମହାପାତ୍ର



ସଫା ହୃଦୟରେ ସେ
ବାଢି ଦେଇଛି ପ୍ରତ୍ୟୟ
ପେନ୍ଥା ପେନ୍ଥା ତାରାଫୁଲ ତୋଳି
ଅଜାଡି ଦେଇଛି ଆଞ୍ଜୁଳାରେ
ଏ ଧରାକୁ ସଜେଇ ଦେଇଛି
ବିଚିତ୍ର ବର୍ଣ୍ଣ ବିଭାରେ
ଖାସ୍ ତୁମ ଖୁସି ପାଇଁ... !

ତୁମ ରଙ୍ଗୀନ ମିଜାଜର
ସୌଖିନ ଅଟ୍ଟାଳିକା ରେ
ସମର୍ପି ଦେଇଛି ନିଜକୁ
ଜୀବନର ଆସନ୍ନ ମୁହୂର୍ତ୍ତରେ ବି
ଶେଷ ପତ୍ର ହଲାଇ
ମା'ର ପଣତ ପରି ବିଛି ଦେଇଛି
ଆତତାୟୀର ଅବଶ ଦେହକୁ... !

ଜାତି, ଧର୍ମ,ବର୍ଣ୍ଣର ଫରକ୍ ମାପିନି
ମନ୍ଦିର, ମସଜିଦ,ଗୀର୍ଜା ସବୁଠି
ଯାଉଁଳି କବାଟ ହୋଇ
ନିର୍ବାଣର ପଥ ଦେଖାଇଛି,
କେବେ କୋକେଇରେ
କେବେ କଫିନରେ
ଅବା ଶ୍ମଶାନ ଘାଟରେ
ନିଜକୁ ସାମିଲ କରାଇଛି
ଜୁଇରେ ନିଜେ ଜଳି ଦାହକ ସାଜିଛି
ଦେହ ଆଉ ଦହନର ସମ୍ପର୍କ
ଯୋଡିଛି.... !

ତା'ର ସ୍ୱର୍ଗାଭିମୁଖୀ ଅଭିସାର
ଅବା ମାଟିମନସ୍କ ମନସ୍ତତ୍ତ୍ୱ
ସବୁ କିଛି ତ ବହୁଜନହିତାୟ,
ସେ କେବେ ଦାରୁବ୍ରହ୍ମରେ ସମାହିତ
କେବେ ଧ୍ୟାନମଗ୍ନ ନିର୍ବିକାର
ବୋଧିସତ୍ତ୍ୱ
ହେ ବୃକ୍ଷ... !
ଧନ୍ୟ ତୁମେ
ଧନ୍ୟ ତୁମର ଅସ୍ତିତ୍ୱ
ତୁମ ପାଇଁ ଧନ୍ୟ ଏ ଜଗତ.... !

କୁଞ୍ଜବିହାରୀ ଲେନ,କଟକ

## ଚତୁର୍ଥ ମାଙ୍କଡ

ଶ୍ରୀ ପ୍ରିୟରଞ୍ଜନ ସାହୁ



ସ୍ୱାଗତଯୋଗ୍ୟ ହୋଇଛି ଇ-
ଦୁନିଆଁର ପ୍ରଶସ୍ତି
ସାଥିରେ ତା'ର ପ୍ରତି ପଦକ୍ଷେପ
ନ ହେବ ବା କେମିତି ?
ସେ ପରା ଜୀବନର ଅବିଚ୍ଛେଦ୍ୟ
ଅଙ୍ଗ
ଜୀବିକାର ବିବର୍ତ୍ତିତ ତରଙ୍ଗ... !
ବାସ୍ , ଖାଲି ଅଣ-ଅବିଚ୍ଛେଦ୍ୟ
ସେ ବାସ୍ତବ ଜୀବନକଳା... !
ଇ-କ୍ଷେତ୍ରରେ ନିତ୍ୟ ଗବେଷଣା
ନିଷ୍କର୍ଷ କିନ୍ତୁ ନିର୍ଜୋଡ଼ିତ ସନ୍ଦର୍ଭ
ରଚନା... !

ଜୀବନର ସଉଦା ବିନା ପାଉଣାରେ
କରିବାକୁ ପଣ ତା'ର... ।
ଜୀବନ ଓ ଯୌବନ
ତା' ଚର୍ଯ୍ୟାରେ ସବୁ ତା' ଅଧୀନ
ତା' ଚାହିଦା ତ ଉପଲବ୍ଧ ନା !!

ଏକଅଣବାସ୍ତବାୟିତ ଜୀବନାୟନରେ
ସ୍ୱବନ୍ଦିତ ସେ.....
ବୋଧହୁଏ ସେ ହିଁ ଏ କାଳର 'ମଣିଷ'..
କାଳ ସହ ତାଳ ଦେଇ ଚାଲିଛି ପରା ସେ...
ସବୁ ଦେଖେ
ଘଟୁଥିବା ଘଟଣାକୁ ପରଖେ
ସବୁକୁ ଅଣଦେଖାର ତାଲିକାଭୁକ୍ତ
କରିଦିଏ ।

ସେ ତ ସବୁବେଳେ ବ୍ୟସ୍ତ ନା
ନିଜକୁ ନେଇ ମତୁଆଲ
ହୋଇଯାଏ
ଭଲ-ମନ୍ଦର ବିଚାର ନ କରି
ଦେଖେ.....
ଶୁଣେ.....
କୁହେ.....
ତା' ମନ ମାଫିକ୍
ସେ ତ ନିଜ ମନର ଦାସ..
ସେଇ ଦେଖା-ଶୁଣା-କୁହାକୁ
ଫେଣ୍ଟିଦେଇ
ପାଲଟି ଯାଇଛି ସେ...
ଏ ଯୁଗର ଅଭିନ୍ନ- ଅନନ୍ୟ-
'ଚତୁର୍ଥ ମାଙ୍କଡ଼' --.... !!

ରସୁଲଗଡ଼,ଭୁବନେଶ୍ୱର
ମୋ.-୮୧୧୮୦୨୭୭୫୬

## ଦିଗ୍‌ବଳୟ

ଆକାଶ ଡାକୁଥିଲା.... ଆସ ପୃଥିବୀ,ମୋ ଛାତିରେ ମୁଣ୍ଡ ରଖ, ମୋ ବାହୁବନ୍ଧନରେ ନିଜକୁ ଆବଦ୍ଧ କରିଦିଅ ।

ପୃଥିବୀ ବି ବ୍ୟାକୁଳ ଥିଲା ଆକାଶର ବିଶାଳତାରେ ନିଜର ଅସ୍ତିତ୍ୱ କୁ ଲୀନ କରିଦେବାକୁ ।

କେବେକେବେ ଆକାଶ କହୁଥିଲା... ତମ ଆଞ୍ଚଳରେ ମୋତେ ଘୋଡେଇଦିଅ, 'ତମ କୋଳରେ ମୋ ମୁଣ୍ଡ ରଖି ମୋ କପାଳରେ ତମ ସ୍ନେହର ସ୍ପର୍ଶ ଦିଅ ।

ହାତ ବଢ଼ଉ ବଢ଼ଉ ପୃଥିବୀ ଅଟକି ଯାଉଥିଲା ।

ତା'କୁ ପଛରୁ ଓଟାରି ଧରୁଥିଲେ ତା'ର ବାସ୍ତବତା ଅବା ତା ହାତ ପାଉନଥିଲା ଆକାଶର କପାଳ ପର୍ଯ୍ୟନ୍ତ ସେ ଜାଣିପାରୁ ନଥିଲା, ମାତ୍ର ସେ ଅଟକି ଯାଉଥିଲା ।

ତଥାପି ସ୍ମୃତି ଆବୋରି ବସୁଥିଲେ ବର୍ତ୍ତମାନକୁ, ସେ ଭୁଲିପାରୁ ନଥିଲା ତା' ଅତୀତକୁ । ଆକାଶ ସହ ମିଳିତ ହେବାର ଦୁର୍ବାର ଆକର୍ଷଣରୁ ନିଜକୁ ମୁକ୍ତ ବି କରିପାରୁନଥିଲା ।

ସେତେବେଳେ ସେ ଭୁଲି ଯାଉଥିଲା, ସେ ବୁଲିବ ତ ନିଜ ଅକ୍ଷ ଚାରିପଟେ, ଅକ୍ଷ ରାସ୍ତାର ଗତୀ ଛାଡ଼ିଦେଲେ ସେ ଲୀନ ହୋଇଯିବ ବ୍ରହ୍ମାଣ୍ଡ ରେ । ତା' ସହ ଲୀନ ହେବ ତା' ପୃଷ୍ଠ ର ସବୁକିଛି, ଆରମ୍ଭ ହେବ ବିନାଶର ଲୀଳା ।

ଆକାଶ ବି କେବେକେବେ ବୁଲି ଚାହୁଁଥିଲା ପଛକୁ,ଦେଖୁଥିଲା ବି ତା' ନିଜର ଭୂଗୋଳକୁ । ପୃଥିବୀକୁ କକ୍ଷଚ୍ୟୁତ କରିଦେଲେ ଆଉ ଗୋଟିଏ ସ୍ଥାନ କାହିଁ ତା' ଛାତିରେ ତା' ପାଇଁ ।

ତଥାପି ଆକାଶ ଦେଖୁଥିଲା ପୃଥିବୀକୁ, ସ୍ନେହର, ପ୍ରେମର ବାରିପାତରେ ଭିଜେଇ ଦେଉଥିଲା ପୃଥିବୀର ମନ ଆଉ ପୃଥିବୀର ହୃତସ୍ପନ୍ଦନ ରେ ମିଶିଯାଇଥିଲା ଆକାଶର ପ୍ରତିଛବି ।

ସେଦିନ ଅଲା ସ୍ୱାତୀ ନକ୍ଷତ୍ରର ଅମୃତଲଗ୍ନ । ସେଠି ଥିଲା ଆକାଶର ପ୍ରଶସ୍ତ ଛାତି ଆଉ ଆଲିଙ୍ଗନ ମୁଦ୍ରା ରେ ଦୁଇବାହୁ । ସେଠି ବି ଥିଲା ପୃଥିବୀର ବିସ୍ତୃତ ଆଞ୍ଚଳ ଆଉ ଅଭିସାରିକା ମନ୍ତ୍ର ରେ ମନ୍ତ୍ରିତ ତାର ପ୍ରେମାପ୍ଳୁତ ହୃଦୟ, ଥିଲେ ବି ସେମାନଙ୍କ ସଙ୍ଗରେ ମହାମହିମ ଅନ୍ଧାର ଆଉ ଅଖଣ୍ଡ ନୀରବତା ।

ଆକାଶର ନିଃଶ୍ୱାସ ବାଜୁଥିଲା ପୃଥିବୀର ଦେହରେ । କୋଟି ଗୁଣରେ ବଢ଼ିଥିବା ପୃଥିବୀର ହୃତସ୍ପନ୍ଦନକୁ ଶୁଣିପାରୁଥିଲା ଆକାଶ ।

ମିଳନର ଏ ଆକର୍ଷଣ ପାଖରେ ପରିଣାମ ଭିତ୍ତିହୀନ, ଅଭାବନୀୟ । ମୁହୂର୍ତ୍ତ ଟିଏ ମାତ୍ର, ଆଉ ମାତ୍ର ମୁହୂର୍ତ୍ତ ଟିଏ । ତା'ପରେ ଦୁଇଟି ଅତୃପ୍ତମନର ତୃପ୍ତି, ଦୁଇ ଅଶାନ୍ତ ହୃଦୟରେ ଭରିଯିବ ଶୀତଳତା......

ଅଖଣ୍ଡ ନୀରବତାକୁ ଭାଙ୍ଗି ପୃଥିବୀ ପ୍ରଶ୍ନ କଲା - ଆମେ ଭୁଲ କରିବାକୁ ଯାଉନେ ତ ? ପ୍ରକୃତିସ୍ଥ ହେଲା ଆକାଶ । ବେଶ କିଛି ସମୟ ପରେ ଉତ୍ତର ଦେଲା - ହଁ ଆମେ ଭୁଲ୍ ହିଁ



ଦେବଯାନୀ ଦାସ

କରୁଛେ ।

- ତା ହେଲେ ଏଇଠୁ ଫେରିଯିବା

-ଏମିତି ସ୍ଥିତିରୁ କେହି କ'ଣ ଫେରିପାରେ

- ଠିକ୍ କଥା । ଏବେ ପରିଣାମ ଅଭାବନୀୟ

ଆଉ ଟିକେ ପାଖେଇ ଆସିଲା ପୃଥିବୀ, କହିଲା...

ଏମିତି ଏକ ସମୟକୁ ଆମେ ଦୁହେଁ ପ୍ରତୀକ୍ଷା କରିଥିଲୁ ।

ପଏଥିରେ ତମର ସ୍ୱୀକୃତି ଅଛି ?

- ହଁ ତମର ସ୍ୱୀକୃତି ବି ଅଛି ଏଥିରେ

- ମୁଁ ତମକୁ ଖୁବ ବେଶି ଭଲପାଏ।

- ତମେ ବି ତ ଥାଅ ମୋ ନିଃଶ୍ୱାସରେ, ହୃଦୟର ପ୍ରତିଟି ସ୍ପନ୍ଦନରେ

-କିନ୍ତୁ ଇଏ ଭୁଲ୍

ଆକାଶ ଅନେଇଲା ପୃଥିବୀକୁ । ତା' ଆଡ଼କୁ ବଢ଼ିଆସୁଥିବା ହାତକୁ ତା'ର ଫେରେଇ ନେଲା । କହିଲା ....

- କେବଳ ଭୁଲ୍ ନୁହେଁ, ଇଏ ପାପ ବି

- ତା' ହେଲେ ଆମେ ଫେରିଯିବା

-ଏମିତି ସ୍ଥିତିରୁ କେହି କ'ଣ ଫେରିପାରେ ।

- ଚେଷ୍ଟା କରିବା

ଦୁହେଁ ନୀରବ ବେଶ କିଛି ସମୟ ।

ଆଖି ବୁଜି ବସିଲା ପୃଥିବୀ, ଆଖି ବୁଜିଦେଲା ବି ଆକାଶ । କହିଲା... - ମୋ ଭିତରେ ଯେ ଏତେ ଏତେ ଆକର୍ଷଣ ।

- ତମର ଏତିକି ଟିକେ ସାନ୍ନିଧରେ ମୁଁ ବି କାତରି ଯାଉଛି ଆକାଶ

-ମୋତେ ବି ଖୁବ୍ ବିବଶତା ଘାରିଯାଉଛି ପୃଥିବୀ ।

....ଯେଉଁ ଦୃଶ୍ୟର କଳ୍ପନା ରେ ଆମେ ଏତେ ବିଭୋର ଥିଲୁ ଆସ ତା'କୁ ସାକାର କରିବା ।

- ଠିକ୍ କଥା, ସମୟ ଆମକୁ ଦୂରେଇ ଦେଇଥିଲା ଏବେ ସମୟକୁ ଆମେ ଆମ ହାତମୁଠାରେ ରଖିଦେବା । କେହି କିଛି ଜାଣିବେନି, କେବଳ ତମେ ଆଉ ମୁଁ । କିନ୍ତୁ....

– କିନ୍ତୁ ପୁଣି କ'ଣ

- ତୁମର ଯେ ତମ ହାତତିଆରି ସୁନ୍ଦର ସଂସାରଟିଏ ଅଛି

– ତୁମର ବି, କୁଟାକାଠି ଏକତ୍ର କରି ବାଇଚଢ଼େଇ ବସା ତିଆରି କଲା ଭଳି କେତେକେତେ ସ୍ୱପ୍ନର ଘରଟିଏ ତୁମର ବି ତ ଅଛି।

– ସେମାନଙ୍କୁ କି ଜବାବ ଦେବା

– କେହି ଜାଣିବେନି

- ତଥାପି ମୋତେ କାହିଁକି ଏମିତି ଲାଗୁଛି କେହି ଜଣେ ଆମକୁ ଦେଖୁଛି

- ସତରେ ତା' ଆଖି ଆଉ ଦୃଷ୍ଟିକୁ ମୁଁ ବି ଅନୁଭବ କରୁଛି ।

ଯ କିନ୍ତୁ କିଏ ସିଏ, ମୁଁ ବି ଅନୁଭବ କରୁଛି । ମାତ୍ର ଦେଖିପାରୁନି କାହିଁ ? ସେ ହିଁ କହିଦେବ ସମସ୍ତଙ୍କୁ । ତାପରେ କି ଉତ୍ତର ଦେବା ସମସ୍ତଙ୍କ ନିରବ ପ୍ରଶ୍ନର, ପ୍ରିୟ ମଣିଷଙ୍କ ଆଖି ରୁ ଝରୁଥିବା ଚୁପଚାପ ଅଦେଖା ଲୁହର ?

- ତା' ହେଲେ ଫେରିଯିବା ?

- ହଁ ସେୟା ହିଁ ଠିକ ହେବ ।

- ଛାଡ଼ ମ, ସବୁ ଭ୍ରମ । ଏଠି କେବଳ ତମେ ଆଉ ମୁଁ ,ତୃତୀୟ କେହି ନାହିଁ ।

– ମୁଁ ତୁମକୁ ଖୁବ ବେଶି ଭଲପାଏ।

- ତମ ଭିତରେ ମୁଁ ହଜିଯିବାକୁ ଚାହେଁ

- ମୋ ସାମ୍ନାରେ ମୋର ହେଇ କିଛି ସମୟ ବସ, ମୁଁ ତମକୁ ଟିକେ ମନଭରି ଦେଖେ

- ଏମିତି କ'ଣ ଅନେଇଛ, କଣ ଦେଖୁଛ ?

-ଦେଖୁଛି ତ ତମର କମନୀୟ ସୌନ୍ଦର୍ଯ୍ୟକୁ କିନ୍ତୁ ଭାବୁଛି... କ'ଣ ଜାଣିଛ ?

କ'ଣ ?

- ଭାବୁଛି, ଦିନଆସିବ ହୁଏତ ତମେ ହିଁ ମୋତେ କହିବ ଯେ ମୁଁ ଭୁଲ ରାସ୍ତାରେ ପାଦ ଦେଲି ବୋଲି ମୋତେ ଠିକ୍ କହିଦେବା କ'ଣ ତମର କର୍ତ୍ତବ୍ୟ ନଥିଲା । ସେତେବେଳେ କି ଉତ୍ତର ଦେବି ତମକୁ ?

- ସତରେ ମୋତେ ବି ଲାଗୁଛି ସେମିତି କିଛି, ଠିକ ରାସ୍ତା ଦେଖାଉଥିବା ମଣିଷର ହୃଦୟରେ ହିଁ ଥାଏ ପ୍ରକୃତ ପ୍ରେମ । ମୁଁ ବି କି ଉତ୍ତର ଦେବି ତମକୁ ।

- ଆମେ ଯେ ପରସ୍ପରକୁ ଭଲପାଉ । କେବଳ ପରସ୍ପରକୁ ନୁହେଁ ପରସ୍ପରର ସବୁକିଛିକୁ ବି ଆମେ ଭଲପାଉ....କେହି କାହାରି ଅବଶୋଷର କାରଣ କେମିତି ହେଇପାରିବା ଆମେ ?

ସତ କଥା ବି, କେବେ ଯଦି ମୁଁ କଥା ହେବି ନିଜ ସହ ନିଜେ ସେତେବେଳେ ବି ଉତ୍ତର ଦେବି ନିଜକୁ । ମୋର ବିବେକ ଓ ବିଚାର କ'ଣ ?

କେତେକେତେ ଜୀବନ ପାଇଁ ଏ ମିଳନ ହୋଇଯିବ ଏକ ଅଭିଶାପ । କେତେ ବିନାଶର ଅୟମାରମ୍ଭର ପ୍ରତୀକ ହେବ ଆମର ଏ ମିଳନ ।

-ତା' ହେଲେ ଆମେ ଫେରିଯିବା ।

-କିନ୍ତୁ ଏମିତି ସ୍ଥିତିରୁ କେହି କ'ଣ ଫେରିପାରେ ।

- ଆମେ କ'ଣ କେହି ମାନଙ୍କ ଭିତରେ ହେବା ?

- ନା, ଆମେ କେହି ନୋହୁ, ମୁଁ ଆକାଶ...

- ଆଉ ମୁଁ ପୃଥିବୀ

ଏତେବେଳକୁ ଦୁଇଜଣଙ୍କ ମଧ୍ୟରେ ଦୂରତ୍ୱ ସାମାନ୍ୟ ବଢ଼ିଥିଲା ।

ପୃଥିବୀ ଆଖି ରେ ଥିଲା ଲୁହ । ଆକାଶର ପ୍ରସାରିତ ବାହୁ ଓହଳି ପଡ଼ିଥିଲା ଜୀବନଯୁଦ୍ଧରେ ହାରିଯାଇଥିବା ଲୁଣ୍ଠିତ ସୈନିକଟିଏ ପରି ।

ସମର୍ପିତ କାୟାକୁ ତା'ର କେତେକେତେ ଦାୟିତ୍ୱ ଓ କର୍ତ୍ତବ୍ୟର ବସନରେ ଆବୃତ୍ତ କରିଦେଇଥିଲା ପୃଥିବୀ । ଲୁହ ପୋଛି ନେଇ କହିଲା...

– ଆମ ମିଳନରେ ସୃଷ୍ଟି ହୋଇଥାନ୍ତା ଦିଗ୍ ?ବଳୟ । କେତେ ସ୍ୱର୍ଗୀୟ କେତେ ବି ସୁନ୍ଦର, ନୁହେଁ...

- ଦିଗ୍ ?ବଳୟ । ଏକ ଭ୍ରମ ମାତ୍ର, ଯେମିତି ଭ୍ରମ ଆମର ଏ ମିଳନ ।

-ସେମିତି କୁହନି । ଭ୍ରମ ଆମର ଏ ମିଳନ ହୋଇପାରେ, ମାତ୍ର ଭ୍ରମ ନୁହେଁ ଆମ ମିଳନରୁ ସୃଷ୍ଟି ଦିଗବଳୟ । ଅନନ୍ତ, ନିରାକାର... ପ୍ରତୀକ ସିଏ ଆମ ଭଲପାଇବାର । ଛୁଇଁପାରେ ନାହିଁ କେହି ତାକୁ ବୋଲି ସେ ଅସ୍ତିତ୍ୱ ବିହୀନ ନୁହେଁ, ନୁହେଁ ବି ଭ୍ରମ । ଯେଉଁଠି ଯେଉଁ ଦୃଷ୍ଟିରେ ଦେଖାଯାଏ ସେଇଠୁ ସେ ସେଇ ରୂପରେ ହିଁ ଦୃଶ୍ୟମାନ ହୁଏ । ଏ କଥା ତମେ କ'ଣ ଜାଣିନ ?

- ଜାଣେ

ପୃଥିବୀ ଆଖି ରେ ଛଳଛଳ ଶିଶିରବିନ୍ଦୁ । କହିଲା ...

- ଆମ ମିଳନ କ'ଣ କେବେ ବି ସମ୍ଭବ ନୁହେଁ ?

– ବୋଧହୁଏ ନୁହେଁ । ଅନ୍ତତଃ ଏଇ ସୃଷ୍ଟିରେ ତ ନୁହେଁ ।

- ଏମିତି କାହିଁକି ହୁଏ ଆକାଶ, କାହିଁକି ? ଏମିତି କ'ଣ ସୃଷ୍ଟିଟିଏ ସମ୍ଭବ ହୁଅନ୍ତାନି ଯୋଇଠି ଆକାଶର ଛାତିରେ ମୁଣ୍ଡ ରଖି ପାରୁଥାନ୍ତା ପୃଥିବୀ ଆଉ ପୃଥିବୀର ପଣତ ତଳେ ଶୋଇପାରୁଥାନ୍ତା ଆକାଶ ।

- ଟପ୍ ଟପ୍ ବାରିପାତ ଆକାଶ ଆଖିରେ।

– ତମେ କାନ୍ଦୁଛ ଆକାଶ ?

ଛାତି ଭିତରର କୋହକୁ ଢୋକିନେଲା ଆକାଶ

ଯ ଏବେ ଆମେ ଫେରିଯିବା

- ଠିକ୍ ଅଛି ଆମେ ଫେରିଯିବା, ପାରିବା ?

- ହଁ ଆମେ ପାରିବା । ଫେରିଯିବା ମଧ୍ୟ । ଏଇ ହେଉଛି ସତ୍ୟ

ତା'ପରେ ଦୁହିଁଙ୍କ ମୁହଁରୁ ଏକସଙ୍ଗରେ ଉଚ୍ଚାରିତ ହେଲା ' ବୋଧହୁଏ ଏଇ ବି ପ୍ରେମ ସ୍ପର୍ଶ ବିହୀନ ଆମ ମିଳନ ଯୁଗେ ଯୁଗେ ସତ୍ୟ । ସତ୍ୟ ଯେପରି ଦିଗବଳୟର ଅସ୍ତିତ୍ୱ ।

ସେଇଦିନରୁ ପ୍ରାଣୀ, ବୃକ୍ଷ, ପାଣି, ନିଆଁ ଭିତରେ ପୃଥିବୀ ତା' ସଂସାରରେ ବ୍ୟସ୍ତ ଆଉ ଗ୍ରହ ନକ୍ଷତ୍ର ଅଣୁ ପରମାଣୁର ସଂରଚନା କରି ଆକାଶ ତା' ପରିଧିରେ ସ୍ଥିତ, ତଥାପି ସେମାନଙ୍କ ଭିତରେ ଅଛି ପ୍ରେମ । ଚିରନ୍ତନ ।

ତା' ସଂସାର ଭିତରେ ପୃଥିବୀ ନମସ୍ୟା ଆଉ ତା' ପରିଧି ମଧ୍ୟରେ ଆକାଶ ବରେଣ୍ୟ । ସେମାନଙ୍କ ମିଳନ ଏକ ଭ୍ରମ , ମାତ୍ର ଦିଗ୍ ?ବଳୟ ର ପରିବ୍ୟାପ୍ତି ଚରାଚର ।

ଆକାଶ ଓ ପୃଥିବୀ

... ମଧ୍ୟରେ ଅଛି ପ୍ରେମ, ଚିରନ୍ତନ, ପ୍ରଶ୍ନବିହୀନ ।

ଅୟେନା
ସ୍ପ୍ରିନିକ୍ସ ଇଞ୍ଜିନିୟରିଙ୍ଗ୍ କଲେଜ ପାଖ
ଚୁନଭାଟି,ବାଲେଶ୍ୱର
ମୋ-୭୯୭୮୮୮୪୧

## ଅପହୃତ ସ୍ୱପ୍ନ

ବରମୁଣ୍ଡା ବସଷ୍ଟାଣ୍ଡକୁ ପ୍ରତିଦିନ କେତେ କେତେ ଲୋକ ରାଜ୍ୟ ବାହାରୁ ଜିଲ୍ଲା ବାହାରୁ ଯିବା ଆସିବା କରନ୍ତି କିନ୍ତୁ ଏ ବସଷ୍ଟାଣ୍ଡ ଅତି ନିଷ୍ଠୁର କେବେ କାହାକୁ କିଛି ଦେଇନି କିନ୍ତୁ ଛଡେଇ ନେଇଛି ଏକ ନିରୀହ ଆଖିର ସ୍ୱପ୍ନ । ବସଷ୍ଟାଣ୍ଡ ରେ ଗହଳିଚହଳି ଲାଗିଥାଏ ଚାରିଆଡେ ଧୂଳି ଧୂଆଁର ଆସ୍ତରଣ ସମଗ୍ର ଷ୍ଟାଣ୍ଡ କୁ ଢାଙ୍କି ରଖିଥାଏ । ଷ୍ଟାଣ୍ଡ ର ଗହଳି ଭିତରେ ଛୋଟ କୁନି ଝିଅ ଟିଏ ପାଖରେ କେତୋଟି ବ୍ରସ ଆଉ କିଛି ଜୋତା ପଲିସ ଧରି ରାସ୍ତାର ଆର ପାର୍ଶ୍ୱ ରେ ଥିବା ଫୁଟପାଥ ଉପରେ ବସି ଏକ କରୁଣ ଅଶ୍ରୁ ମିଶା ଚାହାଣି ରେ ପାଖ ଦେଇ ଯାଉଥିବା ବୁଟସୁଟ ପିନ୍ଧା ଅଫିସରିଆ ବାବୁ ମାନଙ୍କୁ ବାରମ୍ବାର ଚାହୁଁଥାଏ ଝକାଳେ କିଏ ତା ପାଖରେ ଜୋତା ପଲିସ କରେଇବ ଆଉ କିଛି ପଇସା ଦେଇଯିବ ! କିନ୍ତୁ ଷ୍ଟାଣ୍ଡ ର ବ୍ୟସ୍ତବହୁଳ ଜୀବନ ଭିତରେ



ପବିତ୍ର ମୋହନ ମହାରଣା

କାହାରି ନଜର ତା ଆଡକୁ ନାହିଁ ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ । ସମୟ ଗଡିଚାଲୁଥାଏ କିନ୍ତୁ ଶିଶୁ ଟି ଅସ୍ତବ୍ୟସ୍ତ ନ ହୋଇ ପେଟ କୁ ଆହାର ଟିକେ ଯୋଗାଇବା ପାଇଁ ସେମିତି ବସିଥାଏ । ଦେଖୁ ଦେଖୁ ସମଗ୍ର ଆକାଶକୁ କଳା ମେଘ ଘୋଟି ଆସିବା ସହିତ ଶୀତଳ ପବନର ସ୍ପର୍ଶରେ ଶିଶୁ ଟି ପାଖରେ ଥିବା ଏକ ଗଛକୁ ଆଉଜି ଯାଏ ଏବଂ ଧୀରେ ଧୀରେ ଭିଜିବାକୁ ଲାଗେ ସ୍ୱପ୍ନର ଜ୍ୟୋତ୍ସ୍ନା ରାଶି ରେ । ସ୍ୱପ୍ନର ରାଇଜ ଭିତରେ ଝିଅ ଟିକୁ ତାର ମା ତାର ହାତ ଧରି କେତେ ମିଠା ମିଠା ଗୀତ ସବୁ ଗାଇ ବଗିଚା ସାରା ବୁଲାଇ ଦେଉଛି ଆଉ ତା ପାଇଁ ଭେଳିକିଭେଳି ଫୁଲ ତୋଳି ଆଣିଦେଉଛି ଝିଅ ଟି ଅତି ସ୍ନେହ ରେ ଫୁଲ ରୁ ଫୁଲ କୁ ଉଡିବୁଲୁଥିବା ପ୍ରଜାପତି କୁ ଧରିବା ପାଇଁ ବଗିଚା ସାରା ଗୀତ ଗାଇ ଘୁରିବୁଲୁଚି । ବାପା ତା ପାଇଁ ନୂଆଁ ନୂଆଁ ପୋଷାକ ସବୁ ତା ପାଇଁ ଆଣିଦେଇଛନ୍ତି ଏବଂ ସେ ତାର ମନ ପସନ୍ଦ ର ଡ୍ରେସ ପିନ୍ଧି ବାପା ଙ୍କ ସାଙ୍ଗରେ ମେଳା ବୁଲିବାକୁ ଯାଉଛି ବାପା ତା ପାଇଁ କେତେ ନାଲି ନେଳି ଖେଳନା ସବୁ କିଣି ଦେଉଛନ୍ତି । ଚିଙ୍କି ମିନୁ, ରାଜୁ ସହ ସେ ଲୁଚିଲୁଚିକା, ବୋହୁଚୋରି ଖେଳି ଖେଳି ଖୁସି ରେ ନାଚି ଉଠୁଛି। ପୁଣି କେତେବେଳେ ଜହ୍ନ ର ଜୋଛନା ଭିଜା ରାତିରେ ମାଆ ର ହାତ ଧରି ଘାସ ର ଗାଲିଚା ଉପରୁ ଶିଶିର ଟୋପା ଗୁଡିକୁ ସାଉଁଟି ଆଣୁଛି। କୁନି ପରୀଟିଏ ସାଜି ନୀଳ ଆକାଶରେ ଉଡିଯାଇ ତୋଳି ପକାଉଛି ମିଞ୍ଜି ମିଞ୍ଜି କରୁଥିବା ତାରାଫୁଲ ସବୁ କୁ । ଠିକ ଏତିକି ବେଳେ ଝିଅଟିର ବିପରୀତ ଦିଗରୁ ତା କାନ ରେ ଆସି ବାଜିଛି ଏକ ବିକଟାଳ ଶବ୍ଦ ମାନେ ବସଷ୍ଟାଣ୍ଡ ର ଗହଳି ଭିତରୁ କେଉଁ ଏକ ଗାଡିର ବିକଟାଳ ହର୍ନରେ ତାର ସ୍ୱପ୍ନ ଆଇନା ଟା ଭାଙ୍ଗି ନିଷ୍ଠୁର ବସଷ୍ଟାଣ୍ଡ ର ରାସ୍ତା ସାରା ସ୍ୱପ୍ନ ଆଇନା ର ସେଇ ଭଙ୍ଗା ଟୁକୁରା ସବୁ ଚାରିଆଡେ ବିକ୍ଷିପ୍ତ ହୋଇ ପଡିଯାଇଛି । ଏ ନିଷ୍ଠୁର ବସ ଷ୍ଟାଣ୍ଡ ର ନିଷ୍ଠୁର ଗାଡିର ଚକ ତଳେ ତାର ଭଙ୍ଗା ସ୍ୱପ୍ନ ସବୁ ଚାପି ହୋଇଯାଇଛି। ଶେଷରେ ଝିଅଟି ନିଜ ବାସ୍ତବତା କୁ ପୁଣି ଫେରିଆସି ପୁଣି ସେଇ କରୁଣ ଚାହାଣି ରେ ବାରମ୍ବାର ସେଇ ବୁଟସୁଟ ପିନ୍ଧା ବାବୁଙ୍କୁ ଚାହିଁ ରହେ କାଳେ କିଏ ତାର ପେଟ ର କଥା ବୁଝିପାରିବକି ?

ମାମୁଡିହ, ଆସିକା, ଗଞ୍ଜାମ

# ମୋ ଓଡ଼ିଶା

## ସୋସିଆଲ୍ ଡିଜିଟାଲ ଗଣମାଧ୍ୟମର ନୂତନ ରୂପରେଖ



ଡିଜିଟାଲ ଦୁନିଆରେ ଦେଖାଯାଉଥିବା ଅପ୍ରୀତିକର ଓ ଅନୈତିକ ଖବର, ସମାଜରେ ଘଟୁଥିବା ହିଂସା ଅଶ୍ଳୀଳତାକୁ ରୋକିବା ସହ ଏକ ସନ୍ତୁଳିତ ନିୟନ୍ତ୍ରଣ ବ୍ୟବସ୍ଥା ଆଣିବା ସହ ଆମର ମୌଳିକ ସାମ୍ବିଧାନିକ ମୂଲ୍ୟବୋଧ ଓ ବାକ୍ ସ୍ୱାଧିନତାକୁ ରକ୍ଷା କରିବାକୁ ଯାଇ କେନ୍ଦ୍ର ସରକାର ଏକ ନୂତନ ନୀତି ନିୟମ ପ୍ରଣୟନ କରିଛନ୍ତି। ଏହି ନୂତନ ନିୟମରେ ଅନ୍‌ଲାଇନ୍ ଖବର ଓ ମୁଦ୍ରଣ ଗଣମାଧ୍ୟମ ମଧ୍ୟରେ ଏକ ଅତ୍ୟାବଶ୍ୟକ ସନ୍ତୁଳନ କ୍ଷେତ୍ର ପ୍ରସ୍ତୁତ କରିବା ସହ ଏଥିରେ ଅନଲାଇନ୍ ଓ ଟେଲିଭିଜନ୍ ଗଣମାଧ୍ୟମକୁ ମଧ୍ୟ ସମ୍ପୃକ୍ତ କରାଯାଇଛି। ଏହି ପ୍ରଣୀତ ନୂତନ ନିୟମକୁ ଅନ୍ତଃରାଷ୍ଟ୍ରିୟ ଘଟଣାବଳୀ ସହିତ ଯୋଡିକରି ଦେଖିଲେ ବିବାଦ ବଦଳରେ ସାର୍ଥକ ବିଚାରଧାରାର ଆରମ୍ଭ ହୋଇଥାଏ। ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ମାରିସନ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଫେସ୍‌ବୁକ୍ ଓ ଗୁଗୁଲି ଭଳି କମ୍ପାନୀମାନଙ୍କ ବିରୁଦ୍ଧ ଲଢାଇରେ ଭାରତର ସହଯୋଗ କାମନା କରିଥିଲେ। ଏହାପୂର୍ବରୁ ପପ୍‌ଷ୍ଟାର ରିହାନା ଓ ଗ୍ରେଟା ପ୍ରଭୃତିଙ୍କ ଟ୍ୟୁଟ୍ ପରେ କିଷାନ ଆନ୍ଦୋଳନରେ ଟୁଲ୍‌କିଟ୍‌ର ଡିଜିଟାଲ ଷଡଯନ୍ତ୍ର ନାମରେ ଅନେକ ଲୋକଙ୍କର ଗିରଫ ସହ ଟୁଇଟର ସହିତ ମଧ୍ୟ ମତଭେଦ ହୋଇଥିଲା। ଅନ୍ୟ ଏକ ମାମଲା ଯାହାକି ଅଭିବ୍ୟକ୍ତିର ସ୍ୱାଧିନତା, ପୋଲିସ୍‌ର ଦମନ ଓ ସୋସିଆଲ ମିଡିଆକୁ ରାଜନୈତିକ ବ୍ୟାପାରରେ ଜଡିତ କରିବା ଇତ୍ୟାଦି। ଅଷ୍ଟ୍ରେଲିଆ ଭାରତଭଳି ଲୋକତାନ୍ତ୍ରିକ ଦେଶ ହେବା ସହିତ କମନ ୱେଲ୍‌ଥର ମଧ୍ୟ ସଦସ୍ୟ ଅଛି। ଅନ୍ୟପକ୍ଷରେ ଭାରତ ଟେକ୍ କମ୍ପାନୀମାନଙ୍କ ପାଇଁ ସବୁଠାରୁ ବଡ଼ ବ୍ୟବସାୟ ବଜାର ମଧ୍ୟ ଅଟେ। ମାତ୍ର ଅଷ୍ଟ୍ରେଲିଆ ଏହି କମ୍ପାନୀମାନଙ୍କ ମାଲିକାନାପଣିଆକୁ ଭୃକ୍ଷେପ ନ କରି କଠୋର ନିୟମ ପ୍ରଣୟନର ପରମ୍ପରାଗତ ଗଣମାଧ୍ୟମ ପାଇଁ ଆମଦାନୀର ନୂଆ ରାସ୍ତା ଖୋଲିଛି। ଭାରତ ସରକାରଙ୍କ ଦୁଇ ମନ୍ତ୍ରୀ ନୂତନ ନିୟମ ପ୍ରଣିତ ଘୋଷଣା କାଳରେ ଖବରଦାତା ସମ୍ମିଳନୀରେ ଏହି ମହତ୍ୱପୂର୍ଣ୍ଣ ବିଷୟ ଉପରେ ନୀରବ ରହିଥିଲେ। ଆଠବର୍ଷ ପୂର୍ବେ ୟୁ.ପି.ଏ ସରକାର ସମୟରେ ଭାରତ ଏହି ଡିଜିଟାଲ ନିୟମ ମହାକ୍ରାନ୍ତିର ଅଗ୍ରଣୀ ହୋଇପାରିଥାନ୍ତା। ୨୦୧୨ରୁ ୨୦୧୪ ମସିହା ସମୟରେ ଦିଲ୍ଲୀ ହାଇକୋର୍ଟ କେ.ଏନ୍ ଗୋବିନ୍ଦାଚାର୍ଯ୍ୟଙ୍କ ଯାଚିକା ଉପରେ ମହିଳା ଓ ଶିଶୁମାନଙ୍କର ଡିଜିଟାଲ ଜଗତରେ ସୁରକ୍ଷା ଏବଂ ଏହି କମ୍ପାନୀମାନଙ୍କଠୁ କର ଆଦାୟ ପାଇଁ ଅନେକ ଆଦେଶ ଜାରି କରିଥିଲେ। ଏହାକୁ ଲାଗୁ କରିବାପାଇଁ ଫେସ୍‌ବୁକ୍, ଗୁଗୁଲ୍ ଏବଂ ଟୁଇଟର କମ୍ପାନୀମାନଙ୍କୁ ଭାରତର ନିୟମାନୁସାରେ ଅଭିଯୋଗ ଅଧିକାରୀ ନିଯୁକ୍ତି କରିବାକୁ ପଡିଥିଲା। ୟୁ.ପି.ଏ. ଏବଂ ଏହାପରେ ଏନ୍.ଡି.ଏ. ସରକାରଙ୍କ କୋହଳ ମନୋଭାବ ଯୋଗୁ ଏହି କମ୍ପାନୀମାନେ ସେମାନଙ୍କର ଅଭିଯୋଗ ଅଧିକାରୀ ଆମେରିକା ଓ ୟୁରୋପରେ ନିଯୁକ୍ତି ଦେଇଥିଲେ। ଏହି ଟେକ୍ କମ୍ପାନୀମାନଙ୍କୁ ଦେଇଥିବା କୋହଳକୁ ଆଜି ପୁରା ସମାଜ ଓ ଦେଶକୁ ଭୋଗିବାକୁ ପଡୁଛି। ଏହି ପ୍ରଣିତ ନୂତନ ନିୟମରେ ୮ବର୍ଷର ପୁରୁଣା ଭୁଲ୍‌ର ସଂଶୋଧନ କରିବାର ଚେଷ୍ଟା କରାଯାଇଛି। ୩ବର୍ଷର ଲମ୍ବା ବିଚାର ବିମର୍ଷ ପରେ ଆସିଥିବା ଏହି ନିୟମକୁ ଲାଗୁ କରିବା ପାଇଁ ଏହି କମ୍ପାନୀମାନଙ୍କୁ ତିନିମାସର ଅବଧି ପୁନଃ ମିଳିଗଲା। ନୂତନ ନିୟମାନୁସାରେ ଚୀନ୍ ଓ ଆମେରିକାର ଟେକ୍ କମ୍ପାନୀମାନେ ଯେତେବେଳେ ଭାରତରେ ନିଜର ଅଭିଯୋଗ ଅଧିକାରୀ, ନୋଡାଲ୍ ଅଧିକାରୀ ଓ ସମାଧାନ ଅଧିକାରୀଙ୍କୁ ନିଯୁକ୍ତି କରିବେ ସମାଜ, ପ୍ରଶାସନ ଓ ଅର୍ଥ ବ୍ୟବସ୍ଥାର ରୂପରେଖ ବଦଳିଯିବ। ଭାରତରେ ଯେତେବେଳେ ଅଧିକାରୀ ନିଯୁକ୍ତି ହେବେ ତେବେ ଏହି କମ୍ପାନୀମାନଙ୍କୁ ଭାରତର ସମସ୍ତ ନିୟମକୁ ମାନିବାକୁ ପଡିବ। ଇ-କମର୍ସ, ପେମେଂଟ, ବ୍ୟାଙ୍କ ଏବଂ ସରକାରୀ ତଥ୍ୟ ରଖିବା ପାଇଁ ଭାରତରେ ଡାଟା ସର୍ଭର ଲାଗିବ ଯେଉଁଥିରେ ରିଅଲ୍ ଷ୍ଟେଟରେ ଆରାମ ସହିତ ଯୁବକମାନଙ୍କ ପାଇଁ ରୋଜଗାର ମଧ୍ୟ ବଢିବ। ଭାରତରେ ସୋଶିଆଲ୍ ମିଡିଆ ମାଧ୍ୟମରେ ଲୋନ୍, ଡେଟିଙ୍ଗ୍, ପାନୋଗ୍ରାଫି ସହ ସାଇବର ଠକେଇ ଆଦି ଅପରାଧ ଦିନକୁ ଦିନ ବଢିବାରେ ଲାଗିଛି। ଏପରି ଅନେକ ମାମଲା ଉପରେ ପୁଲିସ୍ ଅଭିଯୋଗ ହୋଇପାରୁନି। ବିଦେଶୀ କମ୍ପାନୀମାନଙ୍କ କାର୍ଯ୍ୟାଳୟ ଯଦି ଭାରତରେ ହେବ ତେବେ ପୁଲିସର ଯାଂଚ ପ୍ରକ୍ରିୟା ଓ ଅଦାଲତର ମୀମାଂସା ନେବାରେ ସହଜସାଧ୍ୟ ହେବ ଏବଂ ପ୍ରକୃତ ଦୋଷୀଙ୍କୁ ଶୀଘ୍ର ଦଣ୍ଡ ମିଳିବ। ଅଷ୍ଟ୍ରେଲିଆର ତର୍କ ଉପରେ ଭାରତର ଗଣମାଧ୍ୟମ ସଂଗଠନ ଗୁଗୁଲ୍‌କୁ ୮୫ ପ୍ରତିଶତ ଆମଦାନୀ ବିତରଣର ଦାବୀ କରିଛି। ୧୦୦କୋଟିର ସ୍ମାର୍ଟଫୋନ୍‌ର ଦେଶରେ ଯେତେବେଳେ ବିଦେଶୀ କମ୍ପାନୀମାନଙ୍କର ଅଧିକାରୀ ରହିବେ, ତେବେ ସେମାନଙ୍କୁ ଆୟକର ଓ କମ୍ପାନୀ ନିୟମାନୁସାରେ କର ମଧ୍ୟ ଦେବାକୁ ପଡିବ। ହ୍ୱାର୍କସପ ଓ ଫେସ୍ ବୁକ୍ ମଧ୍ୟରେ ଯେଉଁ ଡାଟାର ଆଦାନ ପ୍ରଦାନ ହେଉଛି, ଏହାର ବାଣିଜ୍ୟିକ ମୂଲ୍ୟ ଉପରେ ଯେତେବେଳେ କରର ମୂଲ୍ୟାୟନ ହେବ ସେତେବେଳେ କେନ୍ଦ୍ର ସହ ରାଜ୍ୟକୁ ମଧ୍ୟ ଅରବ ଟଙ୍କାର କରର ଆମଦାନୀ ହେବ। ଏହି ନୂତନ ନିୟମାନୁସାରେ ଲଘୁ ଓ ମଧ୍ୟମ ଉଦ୍ୟୋଗକୁ ଲାଭ ମିଳିବ।

**ଉମାଶଙ୍କର ପ୍ରସାଦ,**
**ସ୍ତମ୍ଭକାର ତଥା ବରିଷ୍ଠ ସାମ୍ବାଦିକ, ଖୋର୍ଦ୍ଧା,**
**ମୋ: ନଂ-୬୩୭୦୬୭୫୫୬୨**

## ଉଚ୍ଚତର ଗବେଷଣା ପାଇଁ ଦୁଇଭାଇଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ, ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଓ ସମର୍ଥକଙ୍କ ପକ୍ଷରୁ ପ୍ରାଧାପକ ନନ୍ଦକିଶୋର ପରିଡାଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିକାଶ ସାମ୍ମୁଖ୍ୟ ସଂପାଦକ ଅଧାପକ ଅଜୟ ସାମଲ ଡଃ. ମନୋରଞ୍ଜନ ସାହୁ ପଦାର୍ଥ ବିଜ୍ଞାନରେ ଏବଂ ଡଃ. ଜ୍ଞାନରଞ୍ଜନ ସାହୁ ରସାୟନ ବିଜ୍ଞାନରେ ଉଚ୍ଚତର ଗବେଷଣା ପାଇଁ ଜିଲ୍ଲାରେ ଗୌରବ ଅର୍ଜନ କରିଥିବାରୁ ଉଭୟଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବା ସହ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସମର୍ଥକଙ୍କ ପକ୍ଷରୁ ଡଃ. ବାସୁଦେବ ଦାସ ଏବଂ କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ ଓ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଗଠନ ପକ୍ଷରୁ ଆଦିକନ୍ଦ ରାଉଳ ମାନପତ୍ର ପାଠ କରିଥିଲେ। ଉଭୟଙ୍କ ପିତା ପୂର୍ବତନ ରାଜସ୍ୱ ନିରୀକ୍ଷକ ଗୌରାଙ୍ଗ ଚରଣ ସାହୁଙ୍କୁ ସଂଗଠନଗୁଡିକ ପକ୍ଷରୁ ଏଭଳି ସୁପୁତ୍ରମାନଙ୍କୁ ଶିକ୍ଷା ଦେଇଥିବାରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ବୈଷ୍ଣବ ଚରଣ ସ୍ୱାଇଁ, ବଳରାମ ସାହୁ, ଅଧାପକ ଗୋଲଖ ଚନ୍ଦ୍ର ମହାଭୋଇ, ଅଧାପକ ପ୍ରଭାକର ମଲ୍ଲିକ,ନେତ୍ରାନନ୍ଦ କର, ପଙ୍କଜ ଚରଣ ବେହେରା, ଶ୍ରୀନିବାସ ପରିଡା, ଅମୀୟ କୁମାର ନାୟକ, ମଧୁସୁଦନ ବାରିକ ପ୍ରମୁଖ ଉପସ୍ଥିତ ରହି ମନୋରଞ୍ଜନ ଏବଂ ଜ୍ଞାନରଞ୍ଜନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଗଜଲକ୍ଷ୍ମୀ ପୂଜା ପାଇଁ କେନ୍ଦ୍ରାପଡା ସହରରେ ୨୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ପାଇଁ ଜିଲ୍ଲା ପ୍ରଶାସନ ବେସ ତତ୍ପର ହୋଇଉଠିଥିଲା। ଗତ ରବିବାର ଠାରୁ ସହରରେ ରାତ୍ରିକାଳୀନ କର୍ଫ୍ୟୁ ରାତି ୧୦ରୁ ସକାଳ ୫ଟା ପର୍ଯ୍ୟନ୍ତ ଲାଗୁ କରାଯାଇଥିଲା। ସୋମବାର ସନ୍ଧ୍ୟାରେ ସହରର ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ଫ୍ଲାଗ ମାର୍ଚ୍ଚ କରିଥିବା ଦେଖିବାକୁ ମିଳିଥିଲା। ଏହି ଫ୍ଲାଗମାର୍ଚ୍ଚରେ ଟାଉନ୍ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ସାମିଲ ଥିଲେ। କେନ୍ଦ୍ରାପଡ଼ାକୁ ଗଜଲକ୍ଷ୍ମୀ ପୂଜା ପାଇଁ ୨୨ ପ୍ଲାଟୁନ୍ ପୋଲିସ ଫୋର୍ସ ଆସିଥିବା ସୂଚନା ମିଳିଥିଲା। ଦୁଇଜଣ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ହରିଶ ଚନ୍ଦ୍ର ପାଣ୍ଡେ, ଇନ୍ଦ୍ରମଣି ବେହେରା ପୋଲିସ ଫୋର୍ସ ସହ ସହରର ବିଭିନ୍ନ ସ୍ଥାନରେ ପଇଁତରା ମାରୁଥିଲେ। ଆରକ୍ଷୀ ଅଧୀକ୍ଷକ ସନ୍ଦୀପ ସମ୍ପଦ ମଡ଼କର ଆଇନ୍‌ଶୃଙ୍ଖଳା ପରିସ୍ଥିତିର ତଦାରଖ କରୁଥିଲେ। ଗଜଲକ୍ଷ୍ମୀ ପୂଜା ପାଇଁ ସହରରେ ୮ଜଣ ଉପଆରକ୍ଷୀ ଅଧିକ୍ଷକ, ୨୫ ଜଣ ଆରକ୍ଷୀ ନୀରିକ୍ଷକ, ୨ଶହ ପୋଲିସ କନେଷ୍ଟବଳ, ୨୨ ଜଣ ଉପଆରକ୍ଷୀ ନୀରିକ୍ଷକ, ୩୦ଜଣ ସହକାରୀ ଉପ ଆରକ୍ଷୀ ନୀରିକ୍ଷକ, ୨ପ୍ଲାଟୁନ ର୍ୟାପିଡ ଆକ୍ସନ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ରିଜର୍ଭ ଇନ୍ସପେକ୍ଟର ହେମନ୍ତ କୁମାର ଦାସ ପୋଲିସ ବଳକୁ ପରିଚାଳନା କରୁଥିଲେ। ବିଭିନ୍ନ ଛକ ଓ ଭିଡ଼ ସ୍ଥାନମାନଙ୍କରେ ପୋଲିସ ଫୋର୍ସ ପଇଁତରା ମାରୁଥିଲେ। ପ୍ରତି ପୂଜା ମଣ୍ଡପ ନିକଟରେ ପୋଲିସ ଫୋର୍ସ ମେଢକୁ ଜଗି ରହିଥିଲେ। କେନ୍ଦ୍ରାପଡା ସହରରେ ଶାନ୍ତି ଶୃଙ୍ଖଳାର ସହିତ ଗଜଲକ୍ଷ୍ମୀ ପୂଜା ସମାପନ ପାଇଁ ପ୍ରୟାସ କରୁଥିବା କେନ୍ଦ୍ରାପଡା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା କହିଥିଲେ।

## ପିଲାଙ୍କ ପାଇଁ ମାୟାଜାଲର ବ୍ଲୁ ହ୍ୱେଲ୍ ରହସ୍ୟ

ଭୁବନେଶ୍ୱର (ପିଏନ୍): ସଂପ୍ରତି ପିଲାମାନଙ୍କର ଅତି ପ୍ରିୟ ପାଲଟିଥିବା ଅନ୍‌ଲାଇନ୍ ଖେଳରେ ତଥାକଥିତ ବ୍ଲୁ ହ୍ୱେଲ ବା ନୀଳତିମିର ଆତଙ୍କ କେବଳ ବିଶ୍ୱରେ ନୁହେଁ ଓଡ଼ିଶାର କଟକରେ ମଧ୍ୟ ଏହାର କାୟା ଦେଖାଇ ସାରିଲାଣି। ନିକଟଅତୀତରେ ସିଡ଼ିଏରେ ଜଣେ ଇଞ୍ଜିନିୟରିଂ ଛାତ୍ର ଏହି ନୀଳତିମି ଖେଳରେ ସଂପୂର୍ଣ୍ଣ ଭାବରେ ଫସି ଯାଇ ଆତ୍ମହତ୍ୟା ଦିଗରେ ଆଗେଇ ଚାଲିଥିବାବେଳେ ପୋଲିସର ସମୟୋଚିତ ପଦକ୍ଷେପ ତାଙ୍କ ଜୀବନ ବଞ୍ଚାଇବାକୁ ସମର୍ଥ ହୋଇଥିଲେ ବି ସମଗ୍ର ବିଶ୍ୱରେ କିନ୍ତୁ ଏହି ମାୟାଜାଲରେ ଅନେକ ଛାତ୍ରଛାତ୍ରୀ ଶିକାର ହୋଇଥିବାର ଆଶଙ୍କା ଦୃଢ଼ୀଭୂତ ହେଉଛି। ବ୍ଲୁ ହ୍ୱେଲ ହେଉଛି ସୋସିଆଲ ମିଡ଼ିଆରେ ଖେଳା ଯାଉଥିବା ଏକ ପ୍ରକାର ଗେମ୍। ବହୁତ ଦୂରରେ ଥିବା ଜଣେ ଅଦେଖା ପରିଚାଳକ ସେମାନଙ୍କୁ ବିଭିନ୍ନ ଟ୍ୟାକ୍ସ ଦେଇଥାଏ। ପିଲାଟି ସେହିକ୍ରମରେ ଏକାକୀ ହୋଇ ନିଜ ଖେଳ ଆରମ୍ଭ କରି ପରିଶେଷରେ ସୁଇସାଇଡ୍ ଗେମ୍‌କୁ ଆପଣାଇ ଆତ୍ମହତ୍ୟାର ରାସ୍ତା ବାଛିଥାନ୍ତି। ବିଶେଷକରି ଅବସାଦର ଶିକାର ହେଉଥିବା ପିଲାମାନେ ଏ ଗେମ୍ ଖେଳିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ଓ ଧୀରେ ଧୀରେ ନିଜ ଜୀବନ ପ୍ରତି ବୀତସ୍ପୃହ ହୋଇ ଆତ୍ମହତ୍ୟା କରୁଛନ୍ତି। ଅନୁସନ୍ଧାନରୁ ଜଣାଯାଇଛି ଯେ ଚାରି ବର୍ଷ ତଳେ ଋଷର ସେଠାକାର ଏକ ଲୋକପ୍ରିୟ ସୋସିଆଲ ମିଡ଼ିଆ ସାଇଟ୍ ଭିକଣ୍ଟାକ୍ଟେରେ ଏହା ପ୍ରଥମେ ପ୍ରଚଳିତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ବିଶ୍ୱର ଅନ୍ୟ ରାଷ୍ଟ୍ରକୁ ବ୍ୟାପିଗଲା। ବର୍ତ୍ତମାନ ଇଣ୍ଟରନେଟରେ ବ୍ଲୁ ହ୍ୱେଲ ଚ୍ୟାଲେଞ୍ଜ ସର୍ଚ୍ଚ ଅପରେସନ କରି ଛାତ୍ରଛାତ୍ରୀମାନେ ଅପ୍‌ଲୋଡ ହୋଇଥିବା ମେସଜ୍ ଦେଖିବା ସହ ଚାର୍ଟିଂ ବି କରୁଛନ୍ତି। ଯଦିଓ ଓଡ଼ିଶା ପୋଲିସ ଏ ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇ ତତ୍କାଳ ପଦକ୍ଷେପ ହାତକୁ ନେଇଛନ୍ତି ଯାହାକି ଅତ୍ୟନ୍ତ ପ୍ରଶଂସନୀୟ। ତେବେ ପ୍ରଶ୍ନ ଉଠୁଛି ଏହି ଖେଳ ପିଲାମାନଙ୍କୁ କିପରି ଆକ୍ରାନ୍ତ କରିଥାଏ ? ମନସ୍ତତତ୍ତ୍ୱବିତ୍‌ଙ୍କ ମତରେ ସୋସିଆଲ ମିଡ଼ିଆ ସାଇଟରୁ ତୁରନ୍ତ ବ୍ୟାନ କରିବା ଜରୁରୀ କାରଣ ପିଲାଟି କ୍ରମଶଃ ଏହି ଖେଳରେ ଅବସାଦଗ୍ରସ୍ତ ହୋଇଥାଏ। ପିଲାଙ୍କ ପାଇଁ ଭୟାନକ ମୃତ୍ୟୁର ମାୟାଜାଲ ବିଛେଇଥିବା ଏହି ନୀଳ ତିମିର କବଳରୁ ନିଜ ପିଲାଙ୍କୁ ବଞ୍ଚାଇବା ପାଇଁ ବାପା-ମାଆଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ପିଲାଟି ଯଦି ଚୁପ୍‌ଚାପ, ଏକାନ୍ତରେ ରହୁଥାଏ, କାହାସହ ଅଧିକ ମିଶୁନଥାଏ ବା ଘର ଛାଡ଼ି ପଳାଇବା ପାଇଁ, ବା ଜୀବନ ହାରିବା ପାଇଁ ବିଳାପ କରୁଥାଏ ତାହାଲେ ସତର୍କ ରୁହନ୍ତୁ। ପିଲାଟି ଯଦି ସଠିକ୍ ସମୟରେ ବିଶ୍ରାମ ବା ଖାଇବାପିଇବା ନକରୁଥାଏ ତାହାଲେ ଆପଣ ତା ଉପରେ ନଜର ରଖନ୍ତୁ। ପିଲାଟି ତା'ଶରୀରରେ କୌଣସି କ୍ଷତ ସୃଷ୍ଟି କରୁନାହିଁ ତ, ବାଥରୁମ୍‌ରେ ଏକାନ୍ତରେ ଘଣ୍ଟା ଘଣ୍ଟା ଧରି ସମୟ ବା ଛାତ ଉପରେ ନିର୍ଜନ ମୁହୂର୍ତ୍ତରେ ସମୟ କାଟୁନାହିଁତ ଏ ଦିଗକୁ ବି ସତର୍କ ରୁହନ୍ତୁ। ଏହି ଖେଳରୁ ରକ୍ଷା କରିବା ପାଇଁ ପିଲାଙ୍କର ସାଙ୍ଗସାଥୀ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ବାପା-ମାଆ ତଥା ପଡ଼ୋଶୀ ବନ୍ଧୁବାନ୍ଧବ ସମସ୍ତଙ୍କର ଭୂମିକା ପ୍ରାସଙ୍ଗିକ ଜରୁରୀ। ପିଲାଟିକୁ ଏକାନ୍ତରେ ସମୟ ବିତାଇବା ପାଇଁ ଦିଅନ୍ତୁ ନାହିଁ ତା ସହିତ ଖୋଲାଖୋଲି ସବୁକଥା ହୁଅନ୍ତୁ। ପିଲାଟି ନିଃସଙ୍କୋଚରେ ଯେପରି ତା ଭିତରର ଭାବନା ଆପଣଙ୍କୁ ବ୍ୟକ୍ତ କରୁଥାଏ ତା'ସହିତ ସେହିପରି ମିଳାମିଶା କରନ୍ତୁ। ପିଲାଟି ଏକୁଟିଆ ବା ଚୁପ୍‌ଚାପ ରହୁଥିଲେ ତା'ଉପରେ ଅଭିଭାବକମାନେ ବିରକ୍ତି ବା ମାଡ଼ଗାଳି ଦିଅନ୍ତୁ ନାହିଁ କିମ୍ବା ତା'ସାଙ୍ଗସାଥିଙ୍କ ସାମ୍ନାରେ ଅପମାନିତ କରନ୍ତୁନାହିଁ। ପିଲାଟି ପାଇଁ ଏକ ଭଲ ରୁଟିନ୍ ଆପଣ ତିଆରି କରିପାରନ୍ତି। ଠିକ୍ ସମୟରେ ଶଯ୍ୟାତ୍ୟାଗ ଏବଂ ଖୁବ୍ ଭଲ ହେବ ଯଦି ଯୋଗାସନ, ପ୍ରାଣାୟମ ବା ଖେଳକୁଦ ପ୍ରତି ପିଲାଟିର ଆଗ୍ରହ ଥାଏ। ତା'ସାଙ୍ଗସାଥି, ଘରର ସମସ୍ତଙ୍କ ସହ ଯେପରି ପିଲାଟି ଖୋଲାଖୋଲି ମିଶିବ ସେ ଦିଗକୁ ବି ନଜର ରଖନ୍ତୁ। ପିଲାମାନଙ୍କୁ ସ୍ମାର୍ଟ ଫୋନ ବା ଇଣ୍ଟରନେଟର ସୁଯୋଗ ଦିଅନ୍ତୁ ଏଥିରେ ମନା ନାହିଁ କିନ୍ତୁ ପିଲାଟି ଏହାକୁ କିପରି ବ୍ୟବହାର କରୁଛି ଏବଂ କେଉଁ କେଉଁ ସାଇଟକୁ ଅନୁସନ୍ଧାନ କରୁଛି ତା ଉପରେ ପରୋକ୍ଷରେ ଦୃଷ୍ଟି ଦିଅନ୍ତୁ। ଯଦି ପିଲାଙ୍କର ଅନ୍‌ଲାଇନ କାର୍ଯ୍ୟକଳାପ ଉପରେ ନଜର ରଖୁଛନ୍ତି ତାହାଲେ ସେମାନେ ଏହି ଗେମ୍ ସହ ସମ୍ପର୍କିତ କେତେକ ଶବ୍ଦ ଯେପରିକି ଏଫ୍-୫୭, ଏଫ୍-୪୦, କ୍ୱାଇଟ୍ ହାଉସ, ଦି ସାଇଲେଣ୍ଟ ହାଉସ, ଦ ସି ଅଫ୍ ହ୍ୱେଲସ୍, ୱେକ୍ ମି ଅପ୍ ଆଟ ୪.୨୦ ଏମ୍.ର ବ୍ୟବହାର କରୁଛନ୍ତି କି ନାହିଁ ତାହା ଜାଣିବାକୁ ପ୍ରୟାସ କରନ୍ତୁ। ମନେରଖନ୍ତୁ ଏହି ନୀଳତିମିର ଖେଳରେ ପିଲାଟି ଯଦି ଶିକାର ହୋଇଥାଏ ତାର କମାଣ୍ଡର ଯେଉଁ ଭୟାନକ କାର୍ଯ୍ୟ ପାଇଁ ତାକୁ ଟ୍ୟାକ୍ସ ଦେଇଥାନ୍ତି ଆପଣ ଖୁବ୍ ସତର୍କତାର ସହିତ ପିଲାଟି ସହିତ ଭଲଭାବେ ମିଶୁଥିଲେ ଦେଖିବେ ସେ ନିଃସଙ୍କୋଚରେ ଆପଣଙ୍କୁ ସବୁ ଜଣାଇପାରିବ। ପିଲାଟିର ହାବଭାବରେ କୌଣସି ପରିବର୍ତ୍ତନ ଅନୁଭବ କରୁଥିଲେ ତୁରନ୍ତ ମନସ୍ତତ୍ୱବିତ୍ ବା ମାନସିକ ରୋଗ ବିଶେଷଜ୍ଞଙ୍କ ସହାୟତା ନେଇପାରନ୍ତି ତେବେ ପ୍ରଥମରୁ ଆପଣ ତା'ସହିତ ଖୋଲାଖୋଲି କଥା ହୋଇ ତାକୁ ବୁଝିପାରିବା ପରି ବନ୍ଧୁଟିଏ ପାଲଟୁଛନ୍ତି ତାହାଲେ ଦେଖିବେ ଆପଣଙ୍କ ପିଲାଟି ନୀଳତିମିର ଶିକାର ଆଦୌ ହୋଇପାରିବ ନାହିଁ।

## ତରଡିପାଳରେ ରାଜନୈତିକ ନେତୃମଣ୍ଡଳୀଙ୍କ ସମାବେଶ



କେନ୍ଦ୍ରାପଡ଼ା (ପିଏନ୍): ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ସମାଜସେବାକୁ ବ୍ରତ ଭାବରେ ଗ୍ରହଣ କରି ଦୀର୍ଘ ଦୁଇ ଦଶନ୍ଧି ହେବ ଓଡିଆ ମହାମଞ୍ଚ ଜରିଆରେ ସେବା ପ୍ରଦାନ କରୁଥିବା ତରଡିପାଳ ଗ୍ରାମର ଗୋବର୍ଦ୍ଧନ ଧଳ ଇତି ମଧ୍ୟରେ ବହୁ ପ୍ରଶଂଶା ସାଉଁଟି ସାରିଲେଣି। ମହାମାରୀ କରୋନା କାଳରେ ବିନା ସରକାରୀ ପ୍ରୋତ୍ସାହନରେ ଶ୍ରୀ ଧଳ ନିରବଛିନ୍ନ ଭାବରେ ବର୍ଷ ତମାମ ଓଡିଆମାନଙ୍କ ପାଇଁ ଅନେକ ସହାୟତା ପ୍ରଦାନ କରିଛନ୍ତି। ନିଜ ସଂଗଠନ ଓଡିଆ ମହାମଞ୍ଚ ପକ୍ଷରୁ ବୋଇତବନ୍ଦାଣ ଉତ୍ସବ ମଧ୍ୟ କରୁଛନ୍ତି। ଓଡିଶା ସରକାରଙ୍କ ଦିଲ୍ଲୀରେ ଆୟୋଜିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଅଗ୍ରଣୀ ଭୂମିକା ନେଇଥାନ୍ତି ଶ୍ରୀ ଧଳ। ବୋଧହୁଏ ଏହିସବୁ ମହନତା ଗୁଣ ପାଇଁ ସମାଜସେବୀ ଗୋବର୍ଦ୍ଧନ ଧଳଙ୍କ ମାତା ଲବଙ୍ଗଲତା ଦେବୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ରାଜନୈତିକ ନେତୃମଣ୍ଡଳୀ ଏହି ବ୍ୟକ୍ତିତ୍ୱଙ୍କର ଭୂୟସୀ ପ୍ରଶଂସା କରିବା ସହିତ ଦିବଂଗତ ଲବଙ୍ଗଲତା ଧଳଙ୍କ ପରି ମା ଅନନ୍ୟ ଏବଂ ଗୋବର୍ଦ୍ଧନ ଧଳଙ୍କ ପରି ଯୋଗ୍ୟ ପୁଅ ଜନ୍ମଦେଇ ଏ ଅଞ୍ଚଳକୁ ଗର୍ବିତ କରିଛନ୍ତି ବୋଲି ମତପ୍ରକାଶ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାଜକୁମାର ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ସାଂସଦ ସୁବାଷ ସିଂ, ପ୍ରାକ୍ତନ ସାଂସଦ ତଥା କବି ଡଃ. ପ୍ରଶନ୍ନ ପାଟ୍ଟଶାଣୀ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପ୍ରାକ୍ତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପ୍ରାକ୍ତନ ବିଧାୟକ ରାଧାକାନ୍ତ ସେଠୀ, ବିଜେପି ନେତା ଭୂବନମୋହନ ଜେନା, କଂଗ୍ରେସ ମୁଖପାତ୍ର ଅମୀୟ ପାଣ୍ଡବ, କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଶିବପ୍ରସାଦ ଭଳ, ଦିଲ୍ଲୀର ସମାଜ ପ୍ରତିନିଧି କିଶୋର ଦ୍ୱିବେଦୀ,ଭୂବନେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ସଭାପତି ସମାଜସେବୀ ବିଭୁତି ଭୂଷଣ ପଟ୍ଟନାୟକ, ସରପଞ୍ଚ ପ୍ରିୟଦର୍ଶିନୀ ତରାଇ, ଜିଲ୍ଲା ପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ପ୍ରାଧାପକ ନିର୍ମଳ ଚନ୍ଦ୍ର ବିଶ୍ୱାଳ, ପ୍ରାଧାପକ ଦେବବ୍ରତ ପ୍ରଧାନ, ଶିଶୁ ଅନନ୍ତ ଆଶ୍ରମର ପରିଚାଳକ ମନୋଜ ଦାସ, ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକ, ନରେନ୍ଦ୍ର ଧଳ, ପ୍ରାକ୍ତନ ସମିତି ସଭ୍ୟ ଅଶୋକ ବିଶ୍ୱାଳ, ଡିଏଭି ସ୍କୁଲ ଅଧ୍ୟକ୍ଷ ରଞ୍ଜନ କୁମାର ବିଶ୍ୱାଳ, ନୃସିଂହ ଚରଣ ସାହୁ, ନିରଞ୍ଜନ ବାରିକ, ନାରାୟଣ ବିଶ୍ୱାଳ, କବି ନୃସିଂହ ରାଉତ, ଶିକ୍ଷାବିତ ସୁରେଶ ଚନ୍ଦ୍ର ନାୟକ,ପ୍ରମୋଦ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ମୁଖ୍ୟ ଅତିଥି ଡଃ. ପାଟ୍ଟଶାଣୀ ସ୍ମୃତିସ୍ତମ୍ଭ ଅନାବରଣ କରିଥିଲେ। ସ୍ୱର୍ଗତା ଧଳଙ୍କ ସୁପୁତ୍ର ତ୍ରିଲୋଚନ, ସୁଦର୍ଶନ ଓ ଗୋବର୍ଦ୍ଧନ ସଭା ପରିଚାଳନା କରିଥିବା ବେଳେ ଶେଷରେ ଯୁବ ଆଇନଜୀବୀ ଅନିଲ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କ ବହିଷ୍କାର ଦାବି

ଭୁବନେଶ୍ୱର (ପିଏନ୍)-ଉତ୍ତର ପ୍ରଦେଶର ଲକ୍ଷ୍ମୀପୁର ଖେରିଠାରେ ଗାଡ଼ି ଚଢ଼ାଇ କୃଷକଙ୍କୁ ହତ୍ୟା କରିବା ଘଟଣା ଅତ୍ୟନ୍ତ ହୃଦୟ ବିଦାରକ। ତେଣୁ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କୁ ତାଙ୍କ ମନ୍ତ୍ରୀ ପଦରୁ ତୁରନ୍ତ ବହିଷ୍କାର କରିବା, ଅପରାଧିମାନଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡଦେବା, କୃଷି ଓ କୃଷକ ବିରୋଧୀ ତିନି କଳା କୃଷି ଆଇନ ପ୍ରତ୍ୟାହାର, ଏମ୍. ଏସ୍.ପି କୁ ଆଇନଗତ ମାନ୍ୟତା ଦାବିନେଇ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ସାରା ଦେଶରେ ରେଳରୋକ କରାଯାଇଥିଲା। ଏହି ଡାକରାକୁ ଭାରତୀୟ ଜାତୀୟ କଂଗ୍ରେସ ଦୃଢ଼ ସମର୍ଥନ କରିଥିବା ବେଳେ ଭୁବନେଶ୍ୱର ରେଲୱେ ଷ୍ଟେସନଠାରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆହୁତ ରେଳରୋକ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜଟଣୀର ବିଧାୟକ ସୁରେଶ କୁମାର ରାଉତରାୟ ଓ କିଷାନ କଂଗ୍ରେସ କର୍ମକର୍ତ୍ତାବୃନ୍ଦ ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଜଣାଇବା ସହ ମୋଦି ସରକାରର ଚାଷୀ ଦମନଲୀଳା ବିରୁଦ୍ଧରେ ନାରାବାଜୀ ଦେଇଥିଲେ। ଯଦି କେନ୍ଦ୍ର ସରକାର ଅବିଳମ୍ବେ ଏହି ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର ନ କରନ୍ତି, କୃଷକ ସଂଗଠନର ଆନ୍ଦୋଳନକୁ କଂଗ୍ରେସର ସମର୍ଥନ ଜାରି ରହିବ ବୋଲି କିଷାନ କଂଗ୍ରେସ ପକ୍ଷରୁ ଶ୍ରୀ ପଟ୍ଟନାୟକ କହିଛନ୍ତି। ସେହିପରି ଅନୁରୂପ ଭାବେ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ କର୍ମକର୍ତ୍ତାମାନେ ରେଳରୋକ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହାର

ଯାଜପୁର (ପିଏନ୍)-ବିଂଝାରପୁର ବ୍ଲକ୍‌ର ପତେପୁର ଗ୍ରା.ପ.ରେ ହୋଇଥିବା ମନରେଗା ଯୋଜନାର ମହାଦୁର୍ନୀତିକୁ ନେଇ ବ୍ଲକ୍ କାର୍ଯ୍ୟାଳୟ ଠାରେ ଦୀର୍ଘ ୧୬ଦିନ ଧରି ଅନଶନ ଜାରିରହିଥିବା ବେଳେ ଗତ ସୋମବାର ପୂର୍ବାହ୍ନରେ ପ୍ରଦେଶ କଂଗ୍ରେସର ପ୍ରବକ୍ତା ପଦ୍ମାକର ଗୁରୁଙ୍କ ପ୍ରତିନିଧିତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଫତେପୁର ଗ୍ରାମପଂଚାୟତରେ ହୋଇଥିବା ମହାଦୁର୍ନୀତି ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଶ୍ରୀ ରାଠୋର ସମସ୍ତ କଥା ଅବଗତ ପରେ ଚଳିତ ମାସ ୨୭ତାରିଖ ଠାରୁ ବିଧିବଦ୍ଧ ତଦନ୍ତ ହେବା ସହିତ ଦୁର୍ନୀତିରେ ଯିଏ ବି ସମ୍ପୃକ୍ତ ଥିବେ ସେମାନଙ୍କ ଉପରେ ଦୃଢ଼ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବୟୋଜ୍ୟେଷ୍ଠ ନାରୀନେତ୍ରୀ ବିଶିଷ୍ଟ ଶିକ୍ଷାବିତ୍ ତଥା ବିଂଝାରପୁର ପଂଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷା ଜେମାମଣୀ ଗୁରୁ ଅନଶନକାରୀଙ୍କୁ ଜୁସ୍ ପିଆଇ ଅନଶନ ଭଙ୍ଗ କରିଥିଲେ। ଶ୍ରୀ ଗୁରୁଙ୍କ ମାର୍ଗଦର୍ଶନରେ ଅନଶନକାରୀ ପରେଶ ଦାସ, ମହେଶ୍ୱର ଦାସ, ପ୍ରସନ୍ନ ନାୟକ, ଉମାକାନ୍ତ ପଣ୍ଡା ପ୍ରଭୃତି ଅନଶନରୁ ଉଠିଥିଲେ। ଏଠାରେ ସୂଚନା ଥାଉକି ଉକ୍ତ ବ୍ଲକ୍‌ରେ ଜବ୍ କାର୍ଡ଼ଧାରୀ ଶ୍ରମିକମାନଙ୍କୁ କାର୍ଯ୍ୟ ଯୋଗାଇଦେବାକୁ ଗ୍ରାମ୍ୟ ରାସ୍ତା ନିର୍ମାଣ, ଖେଳପଡ଼ିଆ, ପୋଖରୀ ଖନନ, ବୃକ୍ଷରୋପଣ, ନାଳ ସଫେଇ, ମୋ ଗୁହାଳ, ମୋ ବଗିଚା, ମୋ ପୋଖରୀ ପ୍ରଭୃତି ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ସରକାରଙ୍କ ଅନୁଦାନ ଆସୁଥିଲେ ମଧ୍ୟ ଏହି ଅନୁଦାନକୁ ପ୍ରକୃତ ଜବ୍ କାର୍ଡ଼ଧାରୀ ଶ୍ରମିକମାନଙ୍କୁ ଯୋଗାଇ ଦିଆନଯାଇ ମିଥ୍ୟା ମଷ୍ଟ ରୋଲ୍‌ରେ ଅଣଶ୍ରମିକଙ୍କ ଜାଲ୍ ଦସ୍ତଖତ କରାଇ ଲକ୍ଷ ଲକ୍ଷ ଟଙ୍କା ହଡ଼ପ ହୋଇଆସୁଥିଲା। ଏହାର ପ୍ରକୃତ ତଦନ୍ତ ପାଇଁ ବ୍ଲକ୍ ସମ୍ମୁଖରେ ଅନଶନ ଜାରି ରହିଥିଲା। ଜିଲ୍ଲାପାଳଙ୍କୁ ସାକ୍ଷାତ ସମୟରେ ଯାଜପୁର ବିଧାନସଭା କଂଗ୍ରେସ୍ ପ୍ରାର୍ଥୀ ସନ୍ତୋଷ ନନ୍ଦ, ପଦ୍ମାକର ଗୁରୁ, ବିଳାସ କୁମାର ରାଉତ, ବିଦ୍ୟାଧର ମଲ୍ଲିକ, ପ୍ରଦୀପ ବଳ, ମହେଶ୍ୱର ମଳିକ, ସନାତନ ମଲ୍ଲିକ, ରତ୍ନାକର ସାହୁ, ଭ୍ରମରବର ଯେନା ପ୍ରମୁଖ ଉପସ୍ଥିତ ଥିଲେ।


## ପୁରାତନ ଛାତ୍ରସଂସଦ ପକ୍ଷରୁ ଗବେଷକଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନାକପୋଲସ୍ଥିତ ପତିତପାବନ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ପକ୍ଷରୁ ଗବେଷକ ଡ. ଅମୃତରଂଜନ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଛାତ୍ରସଂସଦ ସଭାପତି ଇଂ. ନିରଂଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ଗାଗରେଇ, ଶିକ୍ଷାବିତ୍ ନାରାୟଣ ସ୍ୱାଇଁ, ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଯୁଧିଷ୍ଠିର ସ୍ୱାଇଁ, ପୂର୍ବତନ ପ୍ରଧାନ ଶିକ୍ଷକ ନବଘନ ମହାନ୍ତି, ଭରତ ଚନ୍ଦ୍ର ଦାସ ଓ ଶିକ୍ଷକ ନେତା ଯୁଗଳକିଶୋର ଦାସ ଅତିଥିଭାବେ ଯୋଗଦେଇ ପୁରାତନ ଛାତ୍ର ଡ. ଜେନା କମ୍ପ୍ୟୁଟର ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ବୋଲି କହିଥିଲେ। ସହସଂପାଦକ ଦେବବ୍ରତ ରାଉତ ସ୍ୱାଗତ ଭାଷଣ, ଶିକ୍ଷକ ନରେନ୍ଦ୍ର ବେହେରା ପ୍ରାରମ୍ଭିକ ସୂଚନା ଓ ସଂପାଦକ ପ୍ରସନ୍ନ କୁମାର ରାୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଡ. ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦିଲୀପ କୁମାର ଜେନା ମାନପତ୍ର ପାଠ କରିଥିଲେ। ପୁରାତନ ଛାତ୍ର ରମାକାନ୍ତ ଜେନା, କସ୍ତୁରୀ ଚରଣ ଜେନା, ଜଟାଧାରୀ ପତି, ପ୍ରଫୁଲ୍ଲ ରାୟ, ପ୍ରାଣକୃଷ୍ଣ ସାମଲ, ତ୍ରିଲୋଚନ ଜେନା, ଅର୍ନ କିଶୋର ଜେନା, ଶିକ୍ଷକ ନାରାୟଣ ନନ୍ଦ, ଶିକ୍ଷୟିତ୍ରୀ ଭଂଜନା ସାହୁ ଓ ପ୍ରେମଲତା ଜେନା ଯୋଗ ଦେଇଥିଲେ। ପୁରାତନ ଛାତ୍ର ହୃଷିକେଶ ସାମଲ ଧନ୍ୟବାଦ ଦେଇଥିଲେ।




## ଶାଳପଡା ଗ୍ରାମ୍ୟ ରାସ୍ତାରେ ଚାଲୁଛି ଡ୍ରେନ ପାଣି

ଚଣ୍ଡିଖୋଲ,(ପିଏନ୍): ବଡ଼ଚଣା ବ୍ଲକ ଶାଳପଡ଼ା ଗ୍ରାମ ରାସ୍ତାରେ ଏବେ ଡ୍ରେନ ପାଣି ରାସ୍ତାରେ ଚାଲିବା ଫଳରେ ଗ୍ରାମ୍ୟ ପରିବେଶ ନଷ୍ଟ ହେବାକୁ ବସିଲାଣି । ଗ୍ରାମ୍ୟ ଉନୟନ ପକ୍ଷରୁ ଗ୍ରାମର ଗୋଟିଏ ମୁଣ୍ଡରୁ ଅନ୍ୟ ଏକ ମୁଣ୍ଡକୁ ବର୍ଷା ପାଣି ଓ ଗ୍ରାମବାସୀଙ୍କ ଘରୁ ବାହାରୁଥିବା ଅପରିଷ୍କାର ପାଣି ସବୁ ଏହି ଡ୍ରେନ ଦେଇ ଗାଁ ବାହାରକୁ ଯାଇଥାଏ । ବର୍ଷା ଦିନରେ ଡ୍ରେନ ସବୁ ସଫା ନହବା ଫଳରେ ଡ୍ରେନ ଗୁଡିକ ଅଳିଆ ଆବର୍ଜନାରେ ଭର୍ତ୍ତିହେଇ ପଡିଛି ।



ପ୍ରତିଦିନ ଡ୍ରେନରୁ ଅପରିଷ୍କାର ପାଣି ବାହାରି ଗ୍ରାମ୍ୟ ମୁଖ୍ୟ ରାସ୍ତାରେ ଚାଲିଥାଏ ଫଳରେ ଗ୍ରାମବାସୀମାନେ ବାଧହେଇ ଏହି ଅପରିଷ୍କାର ପାଣିରେ ଯିବା ଆସିବା କରିବାକୁ ବାଧ ହେଇଥାନ୍ତି । ବହୁଦିନ ଧରି ଏହି ପାଣି ଚାଲିବା ଫଳରେ ମଶାଙ୍କର ସଂଖ୍ୟା ବୃଦ୍ଧିପାଉଛି । ବର୍ଷା ଦିନ ପରେ ଏବେ ଶୀତ ଦିନ ଆସୁଥିବାରୁ ସଂକ୍ରାମକ ରୋଗର ଆଶଙ୍କା ଥିବାରୁ ଡ୍ରେନକୁ ସଫା କରିବାକୁ ଗ୍ରାମବାସୀମାନେ ପ୍ରଶାସନ ନିକଟରେ ଦାବୀ କରିଛନ୍ତି ।

## ବିଶିଷ୍ଟ ଆଦିବାସୀ ଓ କମ୍ୟୁନିଷ୍ଟନେତା ବସୁଦେବ ଭୋଇଙ୍କ ବିୟୋଗ

ଭୁବନେଶ୍ୱର,(ପି.ଏନ): ଓଡ଼ିଶାର ବିଶିଷ୍ଟ ଆଦିବାସୀ ଓ କମ୍ୟୁନିଷ୍ଟ ନେତା କମ୍ରେଡ଼ ବସୁଦେବ ଭୋଇଙ୍କ ବିୟୋଗରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଓଡ଼ିଶା ରାଜ୍ୟ ପରିଷଦ ଗଭୀର ଶୋକ ପ୍ରକାଶ କରିଛି ।ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସହସମ୍ପାଦକ କ୍ଷୀରୋଦ ସିଂହଦେଓ ଓ ପ୍ରଶାନ୍ତ ମିଶ୍ର, ସମ୍ପାଦକମଣ୍ଡଳୀ ସଭ୍ୟ ଅଶୋକ ଦାଶ ଏକ ଶୋକବାର୍ତାରେ କହିଛନ୍ତି– ଓଡ଼ିଶାର ବିଶିଷ୍ଟ ଜନନେତା ତଥା ଭାରତର ପ୍ରଥମ ବିସ୍ଥାପିତ ଆନ୍ଦୋଳନ ହୀରାକୁଦ ବୁଡ଼ି ଅଞ୍ଚଳର ବିସ୍ଥାପିତ ଆନ୍ଦୋଳନର ନେତା କଃ ପ୍ରସନ୍ନ କୁମାର ପଣ୍ଡାଙ୍କ ପ୍ରେରଣାରେ ବସୁଦେବ ଭୋଇ ୧୯୭୬ ମସିହାରେ କମ୍ୟୁନିଷ୍ଟ ପାର୍ଟିର ସଭ୍ୟପଦ ଗ୍ରହଣ ସହିତ ସେଇଦିନଠାରୁ ଅଡ଼୍ୱାପଡ଼ାରେ ଥିବା ପ୍ରସନ୍ନ କୁମାର ପଣ୍ଡାଙ୍କ ବାସଗୃହରେ ମୃତ୍ୟୁର କିଛିଦିନ ପର୍ଯ୍ୟନ୍ତ ରହୁଥିଲେ । ସେ ୧୯୮୦ ଓ ୯୦ ଦଶକରେ ଅଡ଼୍ୱାପଡ଼ାର ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟ ରହିବା ସହିତ ସିପିଆଇର ଝାରସୁଗୁଡ଼ା ଜିଲ୍ଲା ସମ୍ପାଦକ ମଧ ରହିଥିଲେ । ତାଙ୍କ ବିୟୋଗରେ ଓଡ଼ିଶା ଜଣେ ନିଷ୍ଠାପର ଓ ଲଢୁଆ ଆଦିବାସୀ ନେତା ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ତା'ର ଜଣେ ସୁଦକ୍ଷ ସେନାପତିଙ୍କୁ ହରାଇଲା ।କଃ ବସୁଦେବ ଭୋଇ ଅଖିଳ ଭାରତ ଆଦିବାସୀ ମହାସଭାର ରାଜ୍ୟ ସମ୍ପାଦକ ଥିଲେ । ଗତକାଲି ଝାରସୁଗୁଡ଼ା ଜିଲ୍ଲା କୁଶରାଲୋଇ ଗ୍ରାମପଂଚାୟତରେ ଥିବା ନିଜ ଗ୍ରାମ ଛଡ଼ା ରୋମାଠାରେ ତାଙ୍କର ଦେହାନ୍ତ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା । ବସୁଦେବ ଭୋଇ ଅବିବାହିତ ଥିଲେ । ଅଡ଼୍ୱାପଡ଼ାଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

## ପଦାରେ ପଡିଲା ରାଜ୍ୟସରକାରଙ୍କ ଜାଗା ମିଶନ ସତ



ରଣପୁର (ପି ଏନ ):ଫେଲ ମାରିଛି ରାଜ୍ୟ ସରକାରଙ୍କ ଜାଗା ମିଶନ କ୍ଷ ସାହାରା ସାଜିଛି ଝୁମ୍ପୁଡି ଭାଡ଼ି ଓ ମହାବାତ୍ୟାରେ ମିଳିଥିବା ସରକାରୀ ଜରିପାଲ । ''ମୋ ସରକାର'' କୁ ସପ୍ତ ଚାପୁଡା ମାରୁଛି ଏହି ବିକଳ ଦୃଶ୍ୟ । ୫ଞ୍ଚ କୁ ମାନବିକତାର ପଠା ପଢାଉଛି ଏହି କାହାଣୀ । ଏହି କାହାଣୀ ୩୦ଟି ଭୂମିହୀନ ପରିବାରର । ସ୍ୱାଧୀନତାର ୭୧ ବର୍ଷ ପରେବି ଏହି ବିକଳ ଦୃଶ୍ୟ ଦେଖିବାକୁ ମିଳିଛି ରଣପୁର ଘଇଉ ରେ । ରଣପୁର ଘଇଉ ର ୩ନଂ ୱାର୍ଡ ଡମସାହି ବସ୍ତିରେ ରହୁଥିବା ଏହି ପରିବାର ଗୁଡିକ ସାଧାରଣତଃ ହରିଜନ ସମ୍ପ୍ରଦାୟର । ଏମାନଙ୍କ ସମସ୍ୟା ବୁଝିବାକୁ ଆମେ ପହଞ୍ଚିଥିଲୁ ବସ୍ତିରେ । ହଜାର ସମସ୍ୟା ହଜାର ଆବେଗକୁ ଗୋଟି ଗୋଟି କରି ବଖାଣି ଥିଲେ ଲୋକେ । ରଣପୁର ଘଇଉ ର ଛାତି ଉପରେ ଛିଡାହୋଇଥିବା ଏହି ବସ୍ତିର ଚିତ୍ର ଆପଣଙ୍କୁ ହତଚକିତ କରୁଥିବ ନିଶ୍ଚୟ । ଟୁଙ୍ଗି ଜରି କୁଡ଼ିଆରେ ରହୁଥିବା ଏହି ଲୋକମାନଙ୍କୁ ଦେଖାନ୍ତୁ କିଭଳି ଦୟନୀୟ ଅବସ୍ଥାରେ ବଞ୍ଚୁଛନ୍ତି ଏମାନେ । ରାଜଧାନୀ ଭୁବନେଶ୍ୱର ଠାରୁ ମାତ୍ର ୭୦କିଲୋମିଟର ଦୂରରେ ଏମିତି କଣ ମଣିଷ ବଞ୍ଚିପାରେ । ଏହି ପ୍ରଶ୍ନ ବାରମ୍ବାର ଆନ୍ଦୋଳିତ କରୁଛି । ଦୀର୍ଘ ୫୦ବର୍ଷରୁ ଉର୍ଦ୍ଧହେବ ଏମାନେ ଏଠି ବସବାସ କରୁଥିଲେ ମଧ୍ୟ ଏମାନଙ୍କୁ ମିଳିନି ସ୍ଥାୟୀ ଜମି ପଟ୍ଟା ଖଣ୍ଡେ । କିଏ ଝାଡୁ ତିଆରି କରିତ କିଏ ଦିନମଜୁରୀ କରି ଗୁଜୁରାଣ ମେଣ୍ଟାନ୍ତି ଏମାନେ । କରୋନା ବେଉସା ଉଜାଡି ଦେବାପରେ ଦୁର୍ଦ୍ଦିନରେ କାଟୁଛି ଏମାନଙ୍କ ଜୀବନ । ୩୦ ପରିବାରରୁ ୧୨ ଜଣଙ୍କୁ ପଟ୍ଟା ମିଳିଛି କିନ୍ତୁ ଜମି ଦେଖାଇନି ପ୍ରଶାସନ, ଆଉ ବାକି ଲୋକେତ ୨୦୧୮ରୁ ପଟ୍ଟା ପାଇଁ ଆବେଦନ କରି ଚ଼ାହିଁ ବସିଛନ୍ତି କ୍ଷ କେବେ ଏମାନଙ୍କ ଦୁଃଖ ଶୁଣିବ ପ୍ରଶାସନ । ଭୂମିହୀନ ବୋଲି ସ୍କୁଲରେ ପିଲାଙ୍କୁ ଆଡମିସନ ମିଳୁନି, ପିଲାଏ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିବା ବେଳେ ସରକାରୀ ଯୋଜନା କାହା ପାଇଁ ବୋଲି ପ୍ରଶ୍ନ ଉଠୁଛି । ସେପଟେ ରଣପୁର ଘଇଉ ର କାର୍ଯ୍ୟନିର୍ବାହୀ ଅଧିକାରୀ ତାପସ ବିସି କହିଛନ୍ତି ଖୁବଶୀଘ୍ର ଭୂମିହୀନ ମାନଙ୍କୁ ଜାଗା ଯୋଗାଇ ଦିଆଯିବ ।

## ପଶ୍ଚିମ ଓଡିଶା ବିକାଶ ପରିଷଦକୁ ସ୍ୱୟଂଶାସିତ କରାଯାଉ

ଭୁବନେଶ୍ୱର, (ପିଏନ)–ଦୀର୍ଘ ୨୦ ବର୍ଷ ଧରି ଶାସକ ବିଜେଡି ପଶ୍ଚିମ ଓଡିଶା ବିକାଶ ପରିଷଦର ପାଣ୍ଠିକୁ ଦଳୀୟ ପାଣ୍ଠି ଭାବେ ବ୍ୟବହାର କରିଆସୁଛି । ଅନ୍ୟପଟେ ଦଳୀୟ ଲୋକଙ୍କୁ ଥଇଥାନ କରିବା ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ସଦସ୍ୟମାନଙ୍କୁ ନିଯୁକ୍ତ କରାଯାଉଛି । ସିଏଜି ରିପୋର୍ଟ ଅନୁଯାୟୀ ପଶ୍ଚିମ ଓଡିଶାର ବିକାଶ ଯେଭଳି ହେବା କଥା ସେପରି ହୋଇନାହିଁ । ବିଜେପୁର ଉପନିର୍ବାଚନ ସମୟରେ ଖୋଦ୍ ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଦାୟୀତ୍ୱ ନେବେ ବୋଲି କହିବା ସହ ଗଙ୍ଗାଧର ମେହେର ଜଳସେଚନର ସ୍ୱପ୍ନ ଦେଖାଇ ଧୋକ୍କା ଦେଇଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଏବଂ ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୁରୋହିତ କହିଛନ୍ତି ଯେ, ସିଏଜି ରିପୋର୍ଟ ରାଜ୍ୟ ସରକାରଙ୍କ ମୁଖା ଖୋଲିଦେଇଛି । ରାଜ୍ୟସରକାର ଜାଣିଶୁଣି ପଶ୍ଚିମ ଓଡିଶା ବିକାଶରେ ବାଧକ ସାଜିଛନ୍ତି । ୨୦୧୩ରେ ପଶ୍ଚିମ ଓଡିଶାରେ ଜଳସେଚନ କ୍ଷେତ୍ରକୁ ଅଗ୍ରାଧୀକାର ଦେବା ପାଇଁ ନିଷ୍ପତି ହୋଇଥିବାବେଳେ ୨୦୧୫–୧୮ ଭିତରେ ମାତ୍ର ୧୧.୮୦ ପ୍ରତିଶତ ଅର୍ଥ ଜଳସେଚ କ୍ଷେତ୍ରରେ ଖର୍ଚ୍ଚ ହୋଇଛି । ଏମପି ଓ ଏମଏଲଏ ଲ୍ୟାଡ ପାଣ୍ଠିରୁ ଟଙ୍କା ପାଇବାକୁ ଯୋଗ୍ୟଥିବା ୧୯୩ଟି ଘରୋଇ ଶିକ୍ଷାନୁଷ୍ଠାନକୁ ୨୦୧୪–୧୮ ମଧ୍ୟରେ ବିକାଶ ପରିଷଦ ବେନିୟମ ଭାବେ ୯.୧୧ କୋଟି ଟଙ୍କା ପ୍ରଦାନ କରିଛି । ୧୯୯୧ ମସିହା ଘଡେଇ କମିଟି ରିପୋର୍ଟ ଆନୁଯାୟୀ ପଶ୍ଚିମ ଓଡିଶା ବିକାଶ ପରିଷଦ ଅନ୍ତର୍ଗତ ୮୯ଟି ବ୍ଲକ ମଧ୍ୟରୁ ୩୪ଟି ବ୍ଲକ ଅତ୍ୟନ୍ତ ପଛୁଆ ଏବଂ ୨୫ଟି ବ୍ଲକ ପଛୁଆ ରହିଥିଲା । ଏହି ବ୍ଲକ ଗୁଡିକର ବିକାଶ ପାଇଁ ୨୦୧୩ରେ ରାଜ୍ୟସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଗୁଡିକର ବିକାଶ ହୋଇ ପାରିଲା ନାହିଁ । ୨୦୧୬–୧୮ ମସିହା ଭିତରେ ପରିଷଦ ୪୦୯.୭୨ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଥିବାବେଳେ ସେଥିମଧ୍ୟରୁ ୪୫ ପ୍ରତିଶତ ଅର୍ଥାତ୍ ୧୮୩.୪୧ କୋଟି ବିକାଶଶୀଳ ଓ ବିକଶିତ ବ୍ଲକଗୁଡିକୁ ପ୍ରଦାନ କରାଯାଇଥିଲା । ଏବେ ସୁଦ୍ଧା ପ୍ରାୟ ୪.୧୩ କୋଟି ଟଙ୍କା ବିନିଯୋଗରେ ସଂପୂର୍ଣ୍ଣ ହୋଇଥିବା ଅନେକ ଅନୁଷ୍ଠାନ ବ୍ୟବହୃତ ହୋଇପାରୁନାହିଁ ।ପଶ୍ଚିମ ଓଡିଶା ବିକାଶ ପରିଷଦ କାର୍ଯ୍ୟ ସଠିକ୍ ଭାବେ ହୋଇପାରୁନଥିବା ଯୋଗୁଁ ରାଜ୍ୟସରକାର ଏହାକୁ ନିଜ ନିୟନ୍ତ୍ରଣରେ ନରଖି ଦାର୍ଜିଲିଂ ଗୋରଖା ହିଲ କାଉନସିଲ ଭଳି ଏହାକୁ ସ୍ୱୟଂଶାସିତ ମାନ୍ୟତା ଦେବା ସହ ଦଳମତ ନିର୍ବିଶେଷରେ ପଶ୍ଚିମ ଓଡିଶାର ଅନୁଦାନକୁ ପ୍ରତିବର୍ଷ ୧ ହଜାର କୋଟିକୁ ବୃଦ୍ଧି କରିବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି ।

ପଶ୍ଚିମ ଓଡିଶା ବିକାଶ ପରିଷଦକୁ ଥଇଥାନର କେନ୍ଦ୍ର ନକରି ଯେଉଁମାନେ ପଶ୍ଚିମ ଓଡିଶାର ବିକାଶ ଧାରାକୁ ଆଗକୁ ନେଇପାରିବେ ସେଭଳି ବ୍ୟକ୍ତିବିଶେଷଙ୍କୁ ଅଧ୍ୟକ୍ଷ କରିବା ପାଇଁ ରାଜ୍ୟସରକାର ପଦକ୍ଷେପ ଗ୍ରହଣ କରନ୍ତୁ । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ପଶ୍ଚିମ ଓଡିଶାର ଯେ କୌଣସି ସ୍ଥାନରେ କରିବା ପାଇଁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଶ୍ରୀ ଠାକୁର ରଂଜିତ ଦାସ ଉପସ୍ଥିତ ଥିଲେ ।

## ଚାରି ସପ୍ତାହ ମଧ୍ୟରେ ଓଭରବ୍ରିଜ ତଳୁ ଦୋକନ ଘର ଖାଲି କରିବାକୁ ସୁପରିମକୋର୍ଟଙ୍କ ନିର୍ଦ୍ଦେଶ

ବାଲେଶ୍ୱର,(ପି.ଏନ): ଫକୀରମୋହାନ ଗୋଲେଇ ନିକଟ ପୁରୁଣା ଓଭରବ୍ରିଜ ମରାମତି କାମ ବିବାଦ ଶେଷରେ ଅନ୍ତ ଘଟିଛି । ୪ ସପ୍ତାହ ମଧ୍ୟରେ ଦୋକାନ ଖାଲି କରିବାକୁ ସୁପରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ନଭେମ୍ବର ୨୫ ତାରିଖ ସୁଦ୍ଧା ଜିଲ୍ଲାପାଳ ଏହାର ଅଗ୍ରଗତି ସମ୍ପର୍କରେ କୋର୍ଟକୁ ଜଣାଇବେ ବୋଲି କୁହାଯାଇଛି । ତେବେ ଦୋକାନୀମାନଙ୍କୁ ଥଇଥାନ ସମ୍ପର୍କରେ ଜିଲ୍ଲାପାଳ ବିଚାର କରିବେ ବୋଲି କୁହାଯାଇଛି । ଏହାକୁ ନେଇ ଦୋକାନୀମାନେ ଚିନ୍ତାରେ ପଡ଼ିଛନ୍ତି । ଓଭରବ୍ରିଜ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ବହୁ ବର୍ଷ ହେଲା ଏହାର ମରାମତି ନେଇ ଦାବି ହୋଇ ଆସୁଥିଲା । ହେଲେ ବ୍ରିଜ ତଳେ ପାଖାପାଖି ୨୦୦ ଦୋକାନୀଙ୍କୁ ଉଚ୍ଛେଦ କରି କାମ ଆରମ୍ଭ ହେବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଦୋକାନୀଙ୍କ ମଧ୍ୟରେ କିଛି ବର୍ଷ ହେଲା ବିବାଦ ଲାଗି ରହିଥିଲା । ଶେଷରେ ଏହା ଯାଇ ହାଇକୋର୍ଟରେ ପହଞ୍ଚିଥିଲା । ହାଇକୋର୍ଟ ଏହା ବାବଦରେ ଏକ ନିର୍ଦ୍ଦେଶ ନାମା ଜାରି କରି ଓଭରବ୍ରିଜ ମରାମତି କାମ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବ୍ରିଜ ତଳେ ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟବସାୟ କରୁଥିବା ବ୍ୟକ୍ତିମାନଙ୍କୁ ଉଚ୍ଛେଦ କରି ଅନ୍ୟତ୍ର ଥଇଥାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସହରର ତିନଟି ସ୍ଥାନ କୁରୁଡ଼ା– ତାମୁଳିଆ ରାସ୍ତା ପାର୍ଶ୍ୱ, ତାମୁଳିଆ ରେଳ ଓଭରବ୍ରିଜ–ଆଇଟିଆଇ ଛକ ଏବଂ ବାମପଦା ରାସ୍ତାକଡ଼ ମଧ୍ୟରୁ ଯେ କୌଣସି ସ୍ଥାନ ସେପ୍ଟେମ୍ବର ୧୫ ତାରିଖ ମଧ୍ୟରେ ବାଛିବାକୁ ଜିଲ୍ଲା ପ୍ରଶାସନ ଦୋକାନୀମାନଙ୍କୁ କହିଥିଲା । କିନ୍ତୁ ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରି ୧୦୦ରୁ ଅଧିକ ବ୍ୟବସାୟୀ ସୁପ୍ରିମ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ସୁପରିମକୋର୍ଟରେ ଏସଏଲପି ସିଭିଲ ନଂ–୧୪୮୩୭–୨୧ରେ ନମିତା ରାଣୀ ସାହାଙ୍କ ସହିତ ୭୨ ଜଣ ମାମଲା ରୁଜୁ କରିଥିଲେ । ଏହି ମାମଲାକୁ ଗ୍ରହଣ କର କୋର୍ଟ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ପକ୍ଷ ରଖିବାକୁ ଜିଲ୍ଲା ପ୍ରଶାସନକୁ ନୋଟିସ ଜାରି କରିଥିଲେ । ଶେଷରେ କୋର୍ଟ ଦୋକାନ ଘର ଉଚ୍ଛେଦ କରିବାକୁ ରାଏ ଦେଇଛନ୍ତି ।

## ବିଧାନସୌଧର କମ୍ପ୍ୟୁଟରୀକରଣ ସଂପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, (ପିଏନ)–ଓଡିଶା ବିଧାନସୌଧ କମ୍ପ୍ୟୁଟରୀକରଣ ସଂପର୍କିତ ଏକ ସମୀକ୍ଷା ବୈଠକ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକ ପ୍ରାରମ୍ଭରେ ପ୍ରିଂଟ ଲିଙ୍କସ୍ ର ପରିଚାଳନା ନିର୍ଦ୍ଦେଶକ ଜଣାଇଥିଲେ ଯେ ବିଧାନ ସୌଧର ୱାଇ–ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂ କାର୍ଯ୍ୟ ସମାପ୍ତ ହୋଇଛି । ଇଂଟରନେଟ୍ ବେଗ ୧୦୦ ଏମ୍‌ବିପିଏସ୍ କୁ ବୃଦ୍ଧି ସଂପର୍କିତ ଆନୁମୋଦନ ଲାଭ ନିମନ୍ତେ ଏନ୍‌ଆଇସି, ନୂଆଦିଲ୍ଲୀକୁ ପତ୍ରପ୍ରେରଣ କରିବେ ବୋଲି ଜାତୀୟ ସୂଚନାବିଜ୍ଞାନ କେନ୍ଦ୍ର(ଏନ୍‌ଆଇସି)ର ବୈଷୟିକ ନିର୍ଦ୍ଦେଶକ ଜଣାଇଥିଲେ । ଉନ୍ନତ ସେବା ନିମନ୍ତେ ଲାନ୍ ସଂରଚନାରେ ଦୁଇଟି ସୁଇଚ୍ ପରିବର୍ତନ କରିବା ପାଇଁ ମଧ ବୈଠକରେ ନିଷ୍ପତି ନିଆଯାଇଛି ।

ବିଧାନସୌଧରେ ୱାଇ–ଫାଇ, ଲାନ୍ ଓ ଭିଡ଼ିଓ କନ୍‌ଫରେନ୍ସିଂର ରକ୍ଷଣାବେକ୍ଷଣ ପାଇଁ ବିଏସ୍‌ଏନ୍‌ଏଲ୍ ଦ୍ୱାରା ନିୟୋଜିତ ଦୁଇଜଣ ଇଂଜିନିୟର ବିଧାନସଭା ସଚିବାଳୟର ଉପସଚିବ (ସ୍ଥାପନା)ଙ୍କ ସହିତ ଯୋଗାଯୋଗରେ ରହିବାକୁ ବାଚସ୍ପତି ଡ. ପାତ୍ର ନିର୍ଦ୍ଦେଶ ଦେଇଥିଲେ । ବିଧାନସୌଧରେ ଓସ୍ୱାସ୍ କାର୍ଯ୍ୟକ୍ଷମ କରିବାକୁ ୩୨୯ ପଏଂଟରେ ଲାନ୍ ସଂଯୋଗ ଦିଆଯାଇଛି । ବିଧାୟକ ଓ କର୍ମଚାରୀମାନଙ୍କୁ ଖୁବ୍ ଶୀଘ୍ର ଏ ସଂପର୍କିତ ତାଲିମ ପ୍ରଦାନ କରାଯିବ । ବିଧାନସଭାର ନୂତନ ସମ୍ମିଳନୀ କକ୍ଷରେ ଭିଡ଼ିଓ ୱାଲିଂ ସ୍ଥାପନ ନିମନ୍ତେ ବ୍ୟୟ ଅଟକଳ ପ୍ରଦାନ କରିବାକୁ ଓକାକ୍, ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର(ଓକାକ୍)ର ସାଧାରଣ ପରିଚାଳକ ଓ ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକଙ୍କୁ ବାଚସ୍ପତି ଡ. ପାତ୍ର କହିଥିଲେ ।

ଓଡ଼ିଶା ନଲେଜ୍ କର୍ପୋରେସନ୍(ଓକେସିଏଲ୍) ସମସ୍ତ ପ୍ରକାର ବୈଷୟିକ କମ୍ପ୍ୟୁଟରୀକୃତ ତାଲିମ କାର୍ଯ୍ୟକ୍ରମ ପ୍ରଦାନ କରୁଛି ବୋଲି ଓକାକ୍ ର ସାଧାରଣ ପରିଚାଳକ ସୂଚନା ଦେଇଥିଲେ ତେଣୁ ବିଧାୟକମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଓ ବିଧାନସଭା କର୍ମଚାରୀମାନଙ୍କୁ ଓସ୍ୱାସ୍ ତାଲିମ ପ୍ରଦାନ କରିବା ପାଇଁ ଓକେସିଏଲ୍ କୁ ନିୟୋଜିତ କରାଯାଇପରିବ ।

ଏହି ବୈଠକରେ ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀ, ଓକାକ୍‌ର ସାଧାରଣ ପରିଚାଳକ (ପ୍ରଶାସନ), ଏନ୍‌ଆଇସିର ବୈଷୟିକ ନିର୍ଦ୍ଦେଶକ, ବିଏସ୍‌ଏନ୍‌ଏଲ୍‌ର ଉପଖଣ୍ଡ ଯନ୍ତ୍ରୀ ଏବଂ ପ୍ରିଂଟଲିଙ୍କର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ରହି ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ ।

## ୮୭୯୬ କୋଟି ଟଙ୍କାର ୧୨ଟି ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପିଏନ)– ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟରେ ୧୨ଟି ଭିନ୍ନ ଭିନ୍ନ ଶିଳ୍ପ ପ୍ରକଳ୍ପର ଶୁଭାରମ୍ଭ (ଦୁଇଟିର ଉଦ୍‌ଘାଟନ ଓ ୧୦ଟିର ଶିଳାନ୍ୟାସ) କରିଛନ୍ତି । ସ୍ୱାସ୍ଥ୍ୟସେବା, ବିକଳ୍ପ ଶକ୍ତି, ଇସ୍ପାତ, ସୂଚନା ପ୍ରଯୁକ୍ତି, ସିମେଂଟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଓ ୪ଟି ବୃହତ ଶିଳ୍ପ ଏଥିରେ ଅନ୍ତର୍ଭୁକ୍ତ । ଏହି ୧୨ଟି ଶିଳ୍ପସଂସ୍ଥା ନିମନ୍ତେ ସମୁଦାୟ ୮୭୯୬.୬୧ କୋଟି ଟଙ୍କା ବିନିଯୋଗ କରାଯିବ ଓ ଏଥିରେ ୭୦୯୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ଉଦଘାଟିତ ହୋଇଥିବା ୨ ଟି ପ୍ରକଳ୍ପ ହେଉଛି ଯାଜପୁର ହରିଦାସପୁର ଠାରେ ରାମକୋ ସିମେଂଟ ଲିମିଟେଡ୍ ର ସିମେଂଟ ଗ୍ରାଇଣ୍ଡିଂ ପ୍ଲାଂଟ ଏବଂ ବରଗଡର ବିଜେପୁର ଠାରେ ୨୫ କିଲୋୱାଟ୍ ଦକ୍ଷତା ବିଶିଷ୍ଟ ଆଦିତ୍ୟ ବିର୍ଲା ଗ୍ରୁପ୍ ର ସୋଲାର ପାୱାର ପ୍ଲାଂଟ ।

ମୁଖ୍ୟମନ୍ତ୍ରୀ ସମଗ୍ର ବିଶ୍ୱରେ କୋଭିଡ୍–୧୯ ପ୍ରଭାବ ବିସ୍ତାର କରିଥିବାବେଳେ ରାଜ୍ୟକୁ ପୁଞ୍ଜିନିବେଶକମାନଙ୍କ ଆକର୍ଷଣୀୟ ଲକ୍ଷ୍ୟସ୍ଥଳ ଭାବରେ ପରିଣତ କରିବାରେ ଓଡ଼ିଶା ତା'ର ପ୍ରାଧାନ୍ୟ ପ୍ରଦର୍ଶନ କରିଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ ପୁନଶ୍ଚ କହିଛନ୍ତି ଯେ ସାଂପ୍ରତିକ ମାନକଗୁଡ଼ିକରୁ ରାଜ୍ୟ ଅର୍ଥନୀତି ପୂର୍ବାବସ୍ଥାକୁ ଫେରୁଥିବାର ଜଣାଯାଇଛି । ଶିଳ୍ପ ପ୍ରତିଷ୍ଠାନଗୁଡ଼ିକ ପୁନରୁଦ୍ଧାନ ମାର୍ଗରେ ଗତୀଶୀଳ ରହିଛନ୍ତି । ଶିଳ୍ପ କ୍ଷେତ୍ରରେ ଅଧିକ ଆସ୍ଥା ସୃଷ୍ଟି କରିବା ଦିଗରେ ଆଜି ଆରମ୍ଭ କରାଯାଇଥିବା ଶିଳ୍ପସଂସ୍ଥାଗୁଡ଼ିକ ନୂତନ ପ୍ରେରଣା ଯୋଗାଇଦେବେ ।

ମୁଖ୍ୟମନ୍ତ୍ରୀ ନୂତନ ପ୍ରକଳ୍ପଗୁଡ଼ିକ ପ୍ରତିଷ୍ଠା କରିଥିବା କମ୍ପାନୀଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସବୁମତେ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକର ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗଗୁଡ଼ିକ ସମନ୍ୱିତ ଉଦ୍ୟମ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଇସ୍ପାତ ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂ, ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟ ଶଙ୍କର ମିଶ୍ର, ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ବିଧାୟକ ଶ୍ରୀ ପ୍ରଣବ ବଳବନ୍ତରାୟ, ବିଧାୟିକା ରୀତାରାଣୀ ସାହୁ ଓ ବିଧାୟିକା ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଭିନ୍ନ ପ୍ରକଳ୍ପ ସ୍ଥାନରେ ଉପସ୍ଥିତ ଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ଓଡ଼ିଶା ଶିଳ୍ପ ବିକାଶ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫'ଟି') ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ବିଶ୍ୱବିଦ୍ୟାଳୟ ଆଇନ ପ୍ରତ୍ୟାହାର ପାଇଁ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ରାଜ୍ୟପାଳଙ୍କୁ ଦାବୀପତ୍ର

ଭୁବନେଶ୍ୱର, (ପିଏନ)– ରାଜ୍ୟର ବହୁ କୁଳପତି, ପ୍ରଫେସର, ଅଧ୍ୟାପକ, ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀମାନଙ୍କ ପ୍ରତିବାଦକୁ ଏବଂ ମତାମତକୁ ସଂପୂର୍ଣ୍ଣ ଭୃକ୍ଷେପ କରି ଏବଂ ସମସ୍ତ ପ୍ରକାର ଗଣତାନ୍ତ୍ରିକ ରୀତିନୀତିକୁ ସୁକୌଶଳରେ ବଳି ପକାଇ ଓଡିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍–୨୦୨୦କୁ ରାଜ୍ୟ ସରକାର ବିଧାନସଭାରେ ପାରିତ କରିଛନ୍ତି । ଏହି ଅଗଣତାନ୍ତ୍ରିକ, ଛାତ୍ର ଅଧ୍ୟାପକ କର୍ମଚାରୀ ତଥା ଶିକ୍ଷା ବିରୋଧି ପଦକ୍ଷେପକୁ ଏ.ଆଇ.ଡି.ଏସ୍.ଓ ତରଫରୁ ଦୃଢ଼ ବିରୋଧ କରାଯାଇ ଆଜି ରାଜଭବନ ସମ୍ମୁଖରେ ଏକ ବିକ୍ଷୋଭ ସଂଗଠିତ ହୋଇଥିଲା । ବିକ୍ଷୋଭ ସ୍ଥଳରୁ ରାଜ୍ୟପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇ ଏହାକୁ ତୁରନ୍ତ ରଦ୍ଦ କରିବା ସହ ପୁନଃ ସରକାରଙ୍କୁ ଫେରାଇ ଦେବାକୁ ଦାବୀ କରାଯାଇଛି ।

ସୂଚନାଯୋଗ୍ୟ ଯେ, ସିନେଟ୍ ଉଚ୍ଛେଦ, ଅଧ୍ୟାପକ ନିଯୁକ୍ତି ବିଶ୍ୱବିଦ୍ୟାଳୟ ହାତରୁ କାଢିନେଇ ଓ.ପି.ଏସ୍.ସି କୁ ପ୍ରଦାନ, କୁଳପତି ଚୟନରେ ସିଣ୍ଡିକେଟ ବଦଳରେ ସରକାରୀ ପ୍ରତିନିଧି ସ୍ଥାନ ପାଇବା, ସିଣ୍ଡିକେଟର କ୍ଷମତାକୁ ସଙ୍କୁଚିତ କରି ଯୁଗ୍ମ ସଚିବ ପାହ୍ୟାର ଅଧିକାରୀଙ୍କୁ ଏହାର ସଭ୍ୟ କରିବା, ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବ୍ୟବସ୍ଥାରେ ସରକାରୀ ନିୟନ୍ତ୍ରଣ ପ୍ରତିଷ୍ଠା କରିବା, ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଇନକୁ ବାତିଲ କରିବା ଭଳି ବହୁ ମାରାତ୍ମକ ସୁପାରିଶ ରାଜ୍ୟର ଉଚ୍ଚ ଶିକ୍ଷାର ସମାଧି ରଚନା କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଅନ୍ୟପଟରେ ରାଜ୍ୟ ସରକାର ସମସ୍ତ ମତାମତକୁ ଉପେକ୍ଷା କରି କରୋନା ସମୟରେ ବିଧାନସଭାରେ ଯେଭଳି ଭାବେ ଏହି ବିଲକୁ ପାରିତ କଲେ ତାହା ରାଜ୍ୟରେ ଏକ କଳା ଇତିହାସ ସୃଷ୍ଟି କରିଛନ୍ତି । ସଂଖ୍ୟାଗରିଷ୍ଠତା ବଳରେ ରାଜ୍ୟର ଜନଗଣ ପ୍ରତି ଛୁରିକାଘାତ କରିଛନ୍ତି । ଏହି ଫାସୀବାଦୀ ପଦକ୍ଷେପ ବିରୁଦ୍ଧରେ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ଦୁଇ ଦିନ ଧରି ରାଜ୍ୟବ୍ୟାପୀ ବହୁ ପ୍ରତିବାଦ ବିକ୍ଷୋଭ, ବିଲ ପୋଡି କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଛି ଏବଂ ଆଜି ରାଜଭବନ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା । ଏ.ଆଇ.ଡି.ଏସ୍.ଓ ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ସଂପାଦକ ସୁବାସ ନାୟକ, ଉପସଭାପତି ସିର୍ଦ୍ଧାତ ରଥ, ଜୟନ୍ତ ମହାନ୍ତି, ସଂପାଦକ ମଣ୍ଡଳୀ ସଦସ୍ୟ ନସିମ ସରକାର, ଭାଗ୍ୟରବୀ ଦାସ, ସ୍ୱସ୍ତି ସଙ୍ଗିତା ଦଳାଇ, ବିନୋଦ ସେଠୀ, ତରୁଣସେନ ନାୟକ ପ୍ରମୁଖ ଛାତ୍ରନେତାମାନଙ୍କ ବିକ୍ଷୋଭରେ ସାମିଲ ହୋଇଥିଲେ । ଏହା ବିରୁଦ୍ଧରେ ରାଜ୍ୟର ଛାତ୍ର ସମାଜ, ବୁଦ୍ଧିଜୀବୀ, ସଚେତନ ନାଗରିକ ଏକଜୁଟ ହୋଇ ଆନ୍ଦୋଳନକୁ ଜୋରଦାର କରିବାକୁ ବିକ୍ଷୋଭ ସ୍ଥଳରୁ ଛାତ୍ରନେତାମାନେ ନିବେଦନ କରିଥିଲେ ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

## ଓଡ଼ିଶା ସାମ୍ବାଦିକ ସଂଘର ବୈଠକରେ ଯୋଗଦେଲେ ବିଧାୟକ




ଫୁଲବାଣୀ:ଓଡିଶା ସାମ୍ବାଦିକ ସଂଘ କନ୍ଧମାଳ ଶାଖାର ସାଧାରଣ ପରିଷଦ ବୈଠକ ଫୁଲବାଣୀ ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକକୁ ଫୁଲବାଣୀ ବିଧାୟକ ଅଙ୍ଗଦ କଂହର ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ! ବୈଠକରେ ଜିଲ୍ଲା ସଭାପତି ରାଧାମୋହନ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଶଶୀ ଭୂଷଣ ପ୍ରହରାଜ, ଏବଂ ରାଜ୍ୟ କୋଷାଧକ୍ଷ ଅରୁଣ କୁମାର ଶଡଙ୍ଗୀ ଯୋଗଦେଇଥିଲେ।ଜିଲ୍ଲା ସମ୍ପାଦକ ପ୍ରିୟବ୍ରତ ସାହୁ ଏଥିରେ ଅତିଥିଙ୍କୁ ସ୍ୱାଗତ ଜଣାଇବା ସହ ଆସନ ଅଳଙ୍କୃତ ପାଇଁ ଅତିଥିଙ୍କୁ ନିମନ୍ତ୍ରଣ କରିଥିଲେ।ଏହା ପରେ ସଭାପତି ରାଧାମୋହନ ମହାପାତ୍ର ମୁଖ୍ୟ ଅତିଥି,ସମ୍ମାନିତ ଅତିଥି, ଏବଂ ସଂଘର ଉପସ୍ଥିତ ସଭ୍ୟଙ୍କୁ ଶୁଭେଚ୍ଛା ଦେବା ସହ ସଂଘର ପରିଚ୍ାଳନା ସମ୍ପର୍କରେ ସମ୍ୟକ ଦୃଷ୍ଟି ଦେଇଥିଲେ।ରାଜ୍ୟ ସମ୍ପାଦକ ଶଶୀ ଭୂଷଣ ପ୍ରହରାଜ ଏବଂ କୋଷାଧକ୍ଷ ଅରୁଣ କୁମାର ଶଡଙ୍ଗୀ ସାମ୍ବାଦିକଙ୍କ ସୁରକ୍ଷା ଓ ସରକାରଙ୍କ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା କରଣ ସହ ସରକାରଙ୍କ ବିଭିନ୍ନ ଯୋଜନାରେ ସାମ୍ବାଦିକ ଙ୍କୁ କିଭଳି ଅନ୍ତର୍ଭୁକ୍ତ କରି ସହାୟତା ଯୋଗାଇ ଦିଆଯାଇ ପାରିବ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।ଆଉ ମୁଖ୍ୟ ଅତିଥି ବିଧାୟକ ଅଙ୍ଗଦ କଂହର କନ୍ଧମାଳ ଜିଲ୍ଲାର ବିକାଶରେ ସାମ୍ବାଦିକଙ୍କର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ରହିଅଛି।ଏଣୁ ସାମ୍ବାଦିକ ମାନଙ୍କ କାର୍ଯ୍ୟକୁ ସେ ଭୂୟସୀ ପ୍ରଶଂସା କରିଥିଲେ।ତେବେ ଉକ୍ତ ବୈଠକରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଓଡିଶା ସାମ୍ବାଦିକ ସଂଘର ସଦସ୍ୟ ମାନେ ଯୋଗଦେଇଥିବା ବେଳେ ଶେଷରେ ଜିଲ୍ଲା କୋଷାଧକ୍ଷ ବଟକୃଷ୍ଣ ଦାସ ଅତିଥି, ସମ୍ମାନିତ ଅତିଥି ଓ ସଭିଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଦେଶୀମଦ ଜବତ, ଏକ ଗିରଫ

ଚଣ୍ଡିଖୋଲ, (ପିଏନ୍):ବଡ଼ଚଣା ଅଂଚଳରେ ଦିନକୁ ଦିନ ଦେଶୀ ଚୋରା ମଦର କାରବାର ବଢିବଢି ଚାଲିଛି। କିଛି ଯୁବ ଗୋଷ୍ଠୀ ଏହି ଚୋରା ମଦ ବେପାରକୁ ନିଜର ଭବିଷ୍ୟତ ରେ ରୋଜଗାରର ପନ୍ଥା ବାଛିନେଇଛନ୍ତି। କିଛି ଜାଗାରେ ଖୁଲମଖୁଲା ଏହି ବେପାର ଚାଲିଥିବା ବେଳେ ମଦ ମାଫିଆମାନେ ବେଶ ଦି ପଇସା ରୋଜଗାର କରି ନିଜର କାୟା ବିସ୍ତାର କରିଛନ୍ତି। ସେଇ ଭଳି ଏକ ଘଟଣା ବଡ଼ଚଣା ପଂଚାୟତ ବାଉଁଶପୁତ ଗ୍ରାମର ବାବୁଲି ପ୍ରଧାନ ଚୋରା ମଦ ନେଇ ଆସୁଥିବା ବେଳେ ବଡ଼ଚଣା ପୋଲିସ ପେଟ୍ରୋଲିଙ୍ଗ ଗାଡି ବାବୁଲି ପ୍ରଧାନକୁ ଧରିବା ସହ ୬ ଲିଟର ମଦ ତା ପକ୍ଷରୁ ଜବତ କରିଥିଲେ । ବାବୁଲି ଉକ୍ତ ମଦ ଶାଳପଡା ଅଂଚଳର ଲୋଚନା ନାମକ ବ୍ୟକ୍ତିଠାରୁ ଆଣିଥିଲା ବୋଲି ପୋଲିସ ଆଗରେ ପ୍ରକାଶ କରିଛି । ପ୍ରଧାନ ବହୁ ଦିନ ହେବ ଲୁଚିଛପି ଲୋଚାନା ଠାରୁ ମଦ ଆଣି ବେପାର କରୁଥିଲା । ପ୍ରଧାନକୁ ଧରିବାକୁ ବଡ଼ଚଣା ପୋଲିସ ବହୁଦିନ ତଳୁ ପ୍ରୟାସଜାରିରଖି ଥିଲା ।ଆଜି ପ୍ରଧାନକୁ କେଶ ନ ୪୦୦ -୨୧ ରେ କୋର୍ଟକୁ ଚାଲାଣ କରାଯାଇଛି ।ଆଗାମୀ ଦିନରେ ଏହି ଚୋରା ମଦ କାରବାର ରୋକିବା ପାଇଁ ଥାନା ପକ୍ଷରୁ କଡା ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ପ୍ରକାଶ କରିଛନ୍ତି ।

## ସିହା ପଂଚାୟତରେ କଂଗ୍ରେସ କର୍ମୀ ବୈଠକ




ଚଣ୍ଡିଖୋଲ, (ପି.ଏନ୍):ବଡ଼ଚଣା ବ୍ଲକ ଅନ୍ତର୍ଗତ ସିହା ପଂଚାୟତସ୍ଥିତ ଭଗବତୀ ପୀଠ ଠାରେ ବଡ଼ଚଣା ବ୍ଲକ କଂଗ୍ରେସ ପକ୍ଷରୁ ସିହା ପଂଚାୟତ କଂଗ୍ରେସ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ତ୍ରିସ୍ତରୀୟ ନିର୍ବାଚନ ଉଦ୍ଦେଶ୍ୟରେ ବଡ଼ଚଣାର କଂଗ୍ରେସ ନେତା କ୍ୟାପ୍‌ଟେନ୍ ରାଜନାରାୟଣ ମହାପାତ୍ରଙ୍କ ନିର୍ଦ୍ଦେଶରେ ଏଠାରେ କଂଗ୍ରେସ, ଯୁବ କଂଗ୍ରେସ କର୍ମୀମାନଙ୍କୁ ନେଇ ଏକ ବୈଠକ ବରିଷ୍ଠ କଂଗ୍ରେସ କର୍ମୀ ପଦନ ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅଶୋକ ସାମଲ, ସମିତି ସଭ୍ୟ ଅକ୍ଷୟ ସାହୁ, କିଣାକାର ବାହାଲିଆ, ଯୁବ କଂଗ୍ରେସ ନେତା ପ୍ରଦୀପ୍ତ ମହାନ୍ତି, ସୁଶାନ୍ତ କୁମାର ବାହାଲିଆ, ସୁଧିର ବେହେରା, ଅସିତ୍ ଜେନା, ଅକ୍ଷୟ ପ୍ରଧାନ, ଗିରିଶ ମଲ୍ଲିକ୍, ବାଇନ ମହାରଣା, ଲକ୍ଷ୍ମୀଧର ବାହାଲିଆ, ବିଶ୍ୱନାଥ ମହାରଣା, ଲକ୍ଷ୍ମୀଧର ସ୍ୱାଇଁ, ବିରଂଚି ଜେନା, କୈଳାସ ସେଠୀ, ବାବୁଲି ସିଂହ ସମେତ ବହୁସଂଖ୍ୟାରେ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ବଡ଼ଚଣାରେ କଂଗ୍ରେସ ସଂଗଠନକୁ ଅଧିକ କ୍ରିୟାଶୀଳ କରି ଆସନ୍ତା ତ୍ରିସ୍ତରୀୟ ନିର୍ବାଚନରେ କଂଗ୍ରେସ ସମର୍ଥୀତ ସରପଂଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦର କଂଗ୍ରେସ ପ୍ରାର୍ଥୀଙ୍କୁ କିପରି ଯିତାଇବା ଏବଂ ବଡ଼ଚଣା ବ୍ଲକ ରେ ପଂଚାୟତ ସମିତିକୁ କଂଗ୍ରେସ ଦଳ ଦଖଲ କରିପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ବର୍ତ୍ତମାନ କେନ୍ଦ୍ର ସରକାର ଯେଉଁଭଳି ଭାବେ ପେଟ୍ରୋଲ, ଡ଼ିଜେଲ, ଗ୍ୟାସ ଦରକୁ ପ୍ରତ୍ୟେକ ଦିନ ବଢାଇ ସାଧାରଣ ଲୋକମାନଙ୍କୁ ହଇରାଣ କରୁଛନ୍ତି, ଦରଦାମ ହୁ ହୁ ବଢି ଚାଲିଛି ଏବଂ ରାଜ୍ୟସରକାର ଦୀର୍ଘ ୨୧ବର୍ଷ ଧରି ବିଜେଡ଼ି ଶାସନ ଚାଲୁ ରହିଛି ଏହାଦ୍ୱାରା ବଡ଼ଚଣାର ପାର୍ବତ୍ୟା ଅଂଚଳକୁ ଜଳସେଚନର ସୁବିଧା ଦେଇପାରି ନାହିଁ। ନିଜ ଦଳୀୟ ସମର୍ଥକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଗାଇ ଦେବା ଦ୍ୱାରା ନିମ୍ନ ଶ୍ରେଣୀର ଲୋକମାନେ ସେ ସୁବିଧା ପାଇପାରୁନାହାଁନ୍ତି। ଏ ନେଇ ଆମେ କଗ୍ରେସ କର୍ମୀ ଏକଜୁଟ ହୋଇ କଂଗ୍ରେସ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ଓ ଆମର ପ୍ରିୟ ନେତା କ୍ୟାପଟେନ୍ ରାଜନାରାୟଣ ମହାପାତ୍ରଙ୍କ ହାତମୁଠାକୁ ବଡ଼ଚଣାରେ ଟାଣ କରିପାରିବା ବୋଲି ବୈଠକରେ ଆଲୋଚନା ହୋଇଥିଲା।

## ବରିଷ୍ଠ ସାହିତ୍ୟିକ ଡ଼ା.ଚନ୍ଦ୍ରମଣି ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା



ବ୍ରହ୍ମପୁର,(ପି.ଏନ) : ଓଡ଼ିଶାର ସ୍ୱନାମଧନ୍ୟ ଲେଖକ, ବାଗ୍ମୀ, ବରିଷ୍ଠ ଭେଷଜବିତ, ସାହିତ୍ୟିକ ଡ଼ା. ଚନ୍ଦ୍ରମଣି ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ଥାନୀୟ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ଗେଟବଜାରସ୍ଥିତ ବିଶ୍ୱନାଥ କଲ୍ୟାଣ ମଣ୍ଡପ ପରିସରରେ ଶନିବାର ପୂର୍ବାହ୍ନରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ତଥା ନବୀନର ସମ୍ପାଦକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବୟୋଜ୍ୟେଷ୍ଠ ଭେଷଜ ବିଶେଷଜ୍ଞ ତଥା ସମାଜସେବୀ ପ୍ରଫେସର ଡ଼ା.ପି.ସି. ସାହୁ, ମୁଖ୍ୟବକ୍ତା ଭାବେ ବର୍ଷିୟାନ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଓ ପଣ୍ଡିତ ବିଶ୍ୱନାଥ ଶତପଥୀ ପ୍ରମୁଖ ଯୋଗଦେଇ ଡ଼ାକ୍ତର ସ୍ୱାଇଁଙ୍କ ଆଦର୍ଶ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ସେ ଉଚ୍ଚକୋଟୀର ସାହିତ୍ୟ ସର୍ଜନା କରି ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଯାଇଛନ୍ତି ବୋଲି କହିଥିଲେ । ପ୍ରତିଷ୍ଠାନର ସାଧାରଣ ସମ୍ପାଦକ କପିଳ ଚନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର କର୍ମକର୍ତ୍ତା ରାମକୃଷ୍ଣ ପାତ୍ର, ଏସ. ପ୍ରକାଶ ଚନ୍ଦ୍ର ପାତ୍ର, ଡ଼ା. ଶଙ୍କର୍ଷଣ ପାତ୍ର, କୃଷ୍ଣଚନ୍ଦ୍ର ଦାସ, ଦୀନବନ୍ଧୁ ଶ୍ରୀପଲ୍ଲବ, ବନ୍ଦନା ମହାପାତ୍ର, ରଜନୀକାନ୍ତ ପାଢ଼ୀ, ସୁଶାନ୍ତ କୁମାର କର, ଚିନ୍ମୟ ରଞ୍ଜନ ମିଶ୍ର, ନଳିନୀକାନ୍ତ ଗୌଡ଼, ରଞ୍ଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ, ଲାଲବାହାଦୁର ପଟ୍ଟନାୟକ, ପ୍ରଶାନ୍ତ କୁମାର ମହାପାତ୍ର ପ୍ରମୁଖ ଡ଼ାକ୍ତର ସ୍ୱାଇଁଙ୍କ ସ୍ମୃତିଚାରଣ କରିଥିବା ବେଳେ ଜ୍ୟୋସ୍ନାରାଣୀ ପଣ୍ଡା, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ବୃନ୍ଦାବନ ବାଡ଼ତ୍ୟା, ଶିବ ସୁନ୍ଦର ରଥ, ପଦ୍ମିନୀ ମିଶ୍ର, ସୁଧାଞ୍ଜଳି ମିଶ୍ର, ପ୍ରମିତା ପଣ୍ଡା, ଆର.ସୁନନ୍ଦା ଚୌଧୁରୀ, ବିଜୟ କୁମାର ପାଢ଼ୀ ପ୍ରମୁଖ କବିତା ପାଠ କରି ସ୍ୱର୍ଗତ ଡ଼ା. ଚନ୍ଦ୍ରମଣି ସ୍ୱାଇଁଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଡ଼ା. ସ୍ୱାଇଁଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ ଶ୍ଳୋକାବୃତ୍ତି କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ତାଙ୍କ ପୁତ୍ର ଅସିତ ସ୍ୱାଇଁ ଓ ରଞ୍ଜିତ ସ୍ୱାଇଁଙ୍କ ସମେତ ପରିବାର ବର୍ଗ ସକ୍ରିୟ ସହଯୋଗ କରିଥିଲେ ।

## ‘ଯୁବକଙ୍କ ଅକାଳ ବିୟୋଗରେ ଶୋକସଭା

ଚଣ୍ଡିଖୋଲ,(ପିଏନ୍): ବଡ଼ଚଣା ସ୍ଥିତ ମହାବିନାୟକ ବିଦ୍ୟାୟନ ୧୯୮୯ ମାଟ୍ରିକ ବ୍ୟାଚ ର ଛାତ୍ର ସ୍ୱର୍ଗତ ରଣଜିତ ଦାସ (ବୁଲୁର) ଅକାଳ ବିୟୋଗରେ ସହପାଠୀ ମାନଙ୍କ ପକ୍ଷରୁ ବଡ଼ଚଣା ଡାକ ବଙ୍ଗଳା ରେ ଏକ ଶୋକସଭା ଅନୁଷ୍ଠିତ ହେଇଯାଇଛି। ସମାଜସେବୀ ପ୍ରଦୀପ୍ତ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଏହି ଶୋକସଭାରେ ସହପାଠୀମାନେ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ସମୂହ ଦୀପଦାନ କରିବା ସହ ୨ ମିନିଟ ନିରବ ପାର୍ଥନା କରିଥିଲେ।ଏହି କାର୍ଯ୍ୟକ୍ରମରେ ସହପାଠୀ ଉତ୍କଳ ପ୍ରଧାନ କଳ୍ପତରୁ ରଣା ଅଖୟ ସିଂ, ନନ୍ଦକିଶୋର ନାୟକ ସ୍ମୃତିରଞ୍ଜନ ବାରିକ, ଶାନ୍ତନୁ ହୋତା ରତ୍ନାକର ଦାସ ଅରୁଣ ବେହେରା ଓ ମନ୍ମଥ ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।ସାମ୍ବାଦିକ ତ୍ରିଲୋକ୍ୟ ନାଥ ନାୟକ ଏହାକୁ ପରିଚାଳନା କରିଥିଲେ।

## ଓ.ଏ .ଏସ.ପରୀକ୍ଷାରେ ସଫଳ ଦୀପ୍ତିମୟୀଙ୍କୁ ମହାକାଳପଡା ବିକାଶ ମଂଚର ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,(ପି.ଏନ) : କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ଯଦୁପୁର ଗ୍ରାମର କାହ୍ନୁ ଚରଣ ନାଥଙ୍କ କନ୍ୟା ଦୀପ୍ତିମୟୀ ଶର୍ମା ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୯୪ତମ ସ୍ଥାନ ହାସଲ କରି ଏକ ଉପାନ୍ତ ଅଂଚଳ ରୂପେ ପରିଚିତ ମହାକାଳପଡା ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ମହାକାଳପଡା ବିକାଶ ମଂଚର ପ୍ରତିଷ୍ଠାତା ସଭାପତି ପରିବେଶବିତ କାଶୀନାଥ ରାଉତରାୟ ମଂଚର ଉପଦେଷ୍ଟା ଓ ଶିକ୍ଷକନେତା ପ୍ରଣବ କୁମାର ଜେନା , ଶିକ୍ଷାବିତ ରମେଶ ଚନ୍ଦ୍ର ସାହୁ, ଭଗବାନ ସାହୁ, ବଙ୍କିମ ଚରଣ ମହାନ୍ତି, ରାଇଗୁରୁ, ସନ୍ତୋଷ କୁମାର ମହାପାତ୍ର, ରାଜେନ୍ଦ୍ର ମହାପାତ୍ର ଓ ମଂଚର ସଂପାଦକ ବିଚିତ୍ରାନନ୍ଦ ବାରିକ ପ୍ରମୁଖ ତାଙ୍କ ବାସଭବନରେ ପହଂଚି ଦୀପ୍ତିମୟୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହ ଉତ୍ତୋରତର ଉନ୍ନତି କାମନା କରିଥିଲେ। ଏହି ଜନ୍ମ ମାଟିର ଆରାଧ୍ୟ ଦେବତା ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ଏହି ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମରେ ତାଙ୍କ ମା ଗୀତାଞ୍ଜଳୀ ନାଥ ଓ ଦୀପ୍ତିମୟୀ ର ସାନଭାଇ ବିବେକାନନ୍ଦ ଶର୍ମା ଉପସ୍ଥିତ ଥିଲେ। ସମ୍ବର୍ଦ୍ଧିତ ପର୍ବର ଉତ୍ତରରେ ଦୀପ୍ତିମୟୀ କହିଥିଲେ ଯେ ବିକାଶ ମଂଚରେ ଆଦର୍ଶରେ ଅନୁପ୍ରାଣିତ ହୋଇ ମା ଓ ମାଟିର ସେବା କରିବାକୁ ସେ ପ୍ରୟାସ ଜାରି ରଖିବେ। ଭବଷ୍ୟତରେ ସର୍ବଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେବା ପାଇଁ ତାଙ୍କ ଲକ୍ଷ୍ୟ ରହିଛି।

## ଅନ୍ୱେଷଣ ଥିଏଟର ଗ୍ରୁପ ଯାଜପୁର ଦ୍ୱାରା ବ୍ରହ୍ମାକୁଣ୍ଡ ସଫେଇ




ଯାଜପୁର, (ପି.ଏନ):ଯାଜପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ବିରଜା ସନ୍ନିକଟରେ ଥିବା ବ୍ରହ୍ମାକୁଣ୍ଡାର ଚତୁପାର୍ଶ୍ୱକୁ ଆଜି ଜିଲ୍ଲାର ଅଗ୍ରଣି ଥିଏଟର ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ସଫେଇ କରାଯାଇଅଛି। ସୂଚନା ଅନୁଯାୟୀ ଏହି ସଫେଇ କାର୍ଯ୍ୟରେ ଅନାବନା ଅଳିଆ ଘାସକୁ ଅନ୍ୟତ୍ର ପକାଇବା ସହିତ ବିଭିନ୍ନ ସ୍ଥାନରେ ବ୍ଲିଚିଙ୍ଗ ପାଉଡର ପକାଯାଇଥିଲା। ଲୋକମାନଙ୍କୁ ଏହି ସ୍ଥାନଗୁଡିକୁ ପରିଷ୍କାର ରଖିବାକୁ ପରାମର୍ଶ ଦିଆଯାଇଥିଲା। ବ୍ରହ୍ମାକୁଣ୍ଡକୁ ଲାଗିଥିବା ଫୁଲ ବଗିଚ଼ ପରିଷ୍କାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତିଭୂଷଣ ମିଶ୍ର, ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ତପନ ମହାରଣ୍ୟ ଶର୍ମା, ବରିଷ୍ଠା ସାମ୍ବାଦିକ ହରିହର ସ୍ୱାଇଁ, ମିଡ଼ିଆ ସେଲ୍ ଅଧକ୍ଷ ସୁରେସ୍ କର, ନିର୍ଦ୍ଦେଶକ ପ୍ରଶନ୍ନ ବିଶ୍ୱାଳ, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ଅବରସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ପାଣି, ଶିକ୍ଷାବିତ୍ କ୍ଷୀରୋଦ୍ ଚନ୍ଦ୍ର ପାଠୀ, ଇଚ୍ଛାମୟୀ ଧଳ, ଧନଞ୍ଜୟ ପୃଷ୍ଟି, ସ୍ୱାତୀ ପଣ୍ଡା, ଉପେନ୍ଦ୍ର କୁମାର ଜେନା, ଗୋପାଳ ଚନ୍ଦ୍ର ବେହେରା, ଭରତ ଚନ୍ଦ୍ର ବେହେରା, ଦିବ୍ୟଜ୍ୟୋତି ଦାସ, ମାମାଲି ସାହୁ, ସାଗରିକା ପରିଡ଼ା, ମନିସା ରାଉତ, ଚିନ୍ମୟୀ ଦାସ, ମମତାମୟୀ ଜେନା, ସୁରଜ ପଣ୍ଡା, ଧନଞ୍ଜୟ ନାୟକ, ବିଜୟ ମହାରଣା, ମୃତ୍ୟୁଞ୍ଜୟ ସାହୁ, ସନ୍ତୋଷ କୁମାର ଓଝା ଯୋଗଦେଇ ସଫେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତ କାର୍ଯ୍ୟକୁ ସଂଚାଳନା କରିଥିଲେ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray